

ଆମେ ଏବେ ବି ପରିବାର ପୃଷ୍ଠା ୬

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 227 | ଭାଗ ୩୨ | ସଂଖ୍ୟା ୨୨୭ | Bhubaneswar | Monday 11 November 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୧୧ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ମା'ମାନଙ୍କୁ ମୋହନଙ୍କ ଅପିଲ୍

## ମାଣବସାରେ ଲାଗି ହେଉ ମାଣ୍ଡିଆ ଭୋଗ

- ଓଡ଼ିଶା ହେବ ମିଲେଟ ହବ୍
- ଦୈନନ୍ଦିନ ଖାଦ୍ୟରେ ସାମିଲ ହେବ ମିଲେଟ

ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ମିଲେଟ ଜାତୀୟ ଫସଲର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ସହ ଓଡ଼ିଶାକୁ ଭାରତର ମିଲେଟ ହବ୍ ରେ ପରିଣତ କରାଯିବ। ଏଥିପାଇଁ ଚଳିତ ବର୍ଷ ବଜେଟରେ ୬୪୯ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ମାଣବସା ଗୁରୁବାରରେ ମାଣ୍ଡିଆକୁ ଭୋଗ ଲାଗି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା'ମାନଙ୍କୁ ଅନୁରୋଧ କରିଛନ୍ତି।

ରବିବାର ଲୋକସେବା ଭବନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପୁଷ୍ଟିଶସ୍ୟ ଓ ଚାଷ ପ୍ରଣାଳୀ ଆମ ଆଦିବାସୀ ଜନଜାତି ସମ୍ପ୍ରଦାୟଙ୍କ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପୁଷ୍ଟିଶସ୍ୟର ପ୍ରାଚୀନତା ଏବଂ ଆମ ସଂସ୍କୃତି ଓ ଐତିହ୍ୟ ସହିତ ଏହାର ନିବିଡତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ 'ଶ୍ରୀଅନ୍ନ' ଭାବେ ନାମିତ କରିଛନ୍ତି। ଏହି ଶ୍ରୀଅନ୍ନ ଚାଷ ଆଜି ସାରା ଦେଶରେ ଏକ ବିପ୍ଳବର ରୂପ ନେଇଛି, ଏବଂ ଆଜି ସାରା ଓଡ଼ିଶାରେ ଶ୍ରୀଅନ୍ନ ଚାଷ ହେଉଛି। ପ୍ରାୟ ୧୭୭ ବ୍ଲକରେ ଏହି ଚାଷକୁ ସମ୍ପ୍ରସାରଣ କରାଯାଇଛି। ପୁଷ୍ଟିଶସ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତରେ ପ୍ରାୟ ୧୪ ପ୍ରକାର ପୁଷ୍ଟିଶସ୍ୟ ଶ୍ରୀଅନ୍ନ ଭାବେ ମାନ୍ୟତା ପାଇଛି। ସେଥି ମଧ୍ୟରୁ ବାଜରା, ଜୱାର, ମାଣ୍ଡିଆ ସବୁଠାରୁ ଅଧିକ ଆଦୃତ। ଓଡ଼ିଶାରେ ମାଣ୍ଡିଆ ସବୁଠାରୁ ଅଧିକ ଉତ୍ପାଦନ ହେଉଥିବା ବେଳେ ସୁଆଁ, କାଙ୍ଗୁ, କୋଦ, ଜହ୍ନା ପରି ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଫସଲ ମଧ୍ୟ ବହୁଳ ଭାବେ ଚାଷ କରାଯାଉଛି। ଏହିସବୁ ପୁଷ୍ଟିଶସ୍ୟ ଗ୍ଲୁଟେନମୁକ୍ତ, ଅଧିକ ସ୍ନେହସାର, ଆଣ୍ଟି-ଅକ୍ସିଡାଣ୍ଟ ଏବଂ ବହୁତ କମ୍ ଗ୍ଲାଇସେମିକ୍ ସୂଚକାଙ୍କ ଧାରକ ହୋଇଥିବା ଯୋଗୁଁ ଏହା ମଧୁମେହ ପ୍ରତିରୋଧ କରିବା ସହିତ ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ସାହଯ୍ୟ କରିଥାଏ। ଶ୍ରୀଅନ୍ନ ଗୁଡିକ କର୍କଟ ରୋଗ, ରକ୍ତହୀନତା, ଭିଟାମିନ 'ବି'ର ଅଭାବ ଦୂର କରିବା ଦିଗରେ ପ୍ରତିଷେଧକ ଭାବେ କାମ କରିଥାଏ। ଏହିସବୁ ଉତ୍କୃଷ୍ଟ ଗୁଣ ଯୋଗୁଁ ଶ୍ରୀଅନ୍ନ ଏକ ସୁପରଫୁଡର ମାନ୍ୟତା ପାଇଛି।

ଆମ ସରକାର ଶ୍ରୀଅନ୍ନର ଅଧିକ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ଆମକୁ ଏହାକୁ ଲୋକଙ୍କ ଦୈନନ୍ଦିନ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ମାଣ୍ଡିଆକୁ ସ୍ୱାଦିଷ୍ଟ କରିବା ପାଇଁ ନୂଆ ନୂଆ ପ୍ରକାର ବ୍ୟଞ୍ଜନ ଓ ନୂଆ ପ୍ରକାର ବ୍ୟଞ୍ଜନ ଶୈଳୀକୁ ଘରେ ଘରେ ପହଞ୍ଚାଇବା ପାଇଁ ଫୁଡ୍ ବ୍ଲଗରମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ➪ପୃଷ୍ଠା-୬



## ଧର୍ମଶାଳାର ଦୁଃଖ: ଜିତୁ ଓ ଲିକୁ







- ପଥରଖଣି ଅଞ୍ଚଳରେ ଲୁଟ୍ ଓ ବୋମାମାଡ
- ମହରଗରୁ ଯାଇ କାନ୍ତାରରେ ଧର୍ମଶାଳାବାସୀ
- ଆଫ୍ରିକା ବାଘ ଦେଖିଲା ଭଳି ଅବସ୍ଥାକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ଧର୍ମଶାଳା ଅଞ୍ଚଳର କଳାପଥର ଖଣିରେ ପୂର୍ବଭଳି ଲୁଟ ସହିତ ବୋମାମାଡ ଆରମ୍ଭ ହୋଇଛି। ଏହାକୁ ଦେଖିଲାପରେ ଲୋକେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓରଫ ଜିତୁଙ୍କ ସହିତ ବର୍ତ୍ତମାନର ବିଧାୟକ ହିଂମାଂଶୁ ସାହୁ ଓରଫ ଲିକୁଙ୍କୁ ଗାଳିଦେବାରେ ଲାଗିଛନ୍ତି। ଏପରିକି ଉଭୟ ଧର୍ମଶାଳାର ଦୁଃଖ ବୋଲି କହିବାକୁ ପଛାଉ ନାହାନ୍ତି। ଜିତୁଙ୍କ ଅମଳରେ ଧର୍ମଶାଳାର କଳାପଥର ଖଣି ଲୁଟେରାଙ୍କ ଚରାଭୁଇଁ ପାଲଟିଥିଲା। ଏହାକୁ ନେଇ ଥାନା ଫାଣ୍ଡି ଠାରୁ ଆରମ୍ଭକରି ଆଇନ୍ ଅଦାଲତ ପର୍ଯ୍ୟନ୍ତ ମାମଲା ଯାଇଥିଲା। ଏହି କଳାପଥର ପାଇଁ ଜିତୁ ବି ବଦନାମ ହେଲେ। ନିର୍ବାଚନରେ ହାରିଲେ। ଲୋକେ ଭାବିଥିଲେ ନୂଆ ବିଧାୟକ ଲିକୁ ଆସିବା ପରେ ସ୍ଥିତି ବଦଳିଯିବ। କଳାପଥର ଆଉ ଲୁଟ୍ ହେବନାହିଁ। ହେଲେ ଗତକାଲି ଏହି ଅଞ୍ଚଳରେ ଯେଉଁଭଳି ବୋମାମାଡ ହୋଇଛି ତାହାକୁ ଦେଖିଲା ପରେ ସ୍ଥାନୀୟ ଲୋକଙ୍କର ମୋହଭଙ୍ଗ ହେବାରେ ଲାଗିଛି। ➪ପୃଷ୍ଠା-୬

### ଡଙ୍କାରୀରେ ପ୍ରଥମ

## ଖଣି ପଇସା ଭାଗବଣ୍ଟାରୁ ବୋମାମାଡ଼

### ମହାଜନ-ହରିଜନ ସାହି ମୁହାଁମୁହିଁ

ଡଙ୍କାରୀ କଳା ପଥର ଖଣି ଅଞ୍ଚଳରେ ଫୁଟିଛି ବୋମା। ଖଣି ଲୁଟ୍ ପଇସା ଭାଗବଣ୍ଟାକୁ ନେଇ ଗୋଟିଏ ଗୋଷ୍ଠି ବୋମାମାଡ କରିଛନ୍ତି। ଡଙ୍କାରୀ ଅଞ୍ଚଳରେ ଏହା ପ୍ରଥମ ବୋମାମାଡ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ଡଙ୍କାରୀ ଅଞ୍ଚଳର ବାଜବାଟୀ ଅଞ୍ଚଳରେ ରହିଛି ଏକ ନମ୍ବର କ୍ୱୋରୀ। ଏଠାରେ ଥିବା କାନପୁର, କଣ୍ଟାମାଳିଆ, ଖୁଣ୍ଟା ଆଦି ଅଞ୍ଚଳର ଲୋକେ ଖଣିରୁ ପଇସା ଆଦାୟ କରନ୍ତି। ଏହି ପଇସା ବିଭିନ୍ନ ଭାଗବଣ୍ଟା ପରେ ବିଭିନ୍ନ ବାଟ ଦେଇ ନେତାଙ୍କ ଠାରୁ ଆରମ୍ଭକରି ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖକୁ ଯାଏ। ➪ପୃଷ୍ଠା-୬

## ସନ୍ୟାସୀ ଭାଙ୍ଗିଦେଲେ ନବୀନଙ୍କ ପରିବାର

- ଘୋଟାଲା ଚାପିବାକୁ ବଡ଼ ଷଡ଼ଯନ୍ତ୍ର
- ରାସ୍ତାରେ ନବୀନଙ୍କ ପରିବାର
- ଅଧା ପରିବାର ଏବେ ବିଜେପି ଘରେ



ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ଚାରିବର୍ଷ ତଳେ ଅର୍ଥାତ୍ ୨୦୨୦ ରେ ବିଜେଡି ଗଠନ କରିଥିଲା ଓଡିଶା ମୋ ପରିବାର। ଓଡିଶାର ସାଢେ ୪କୋଟି ଲୋକେ ମୋ ପରିବାରର ସଦସ୍ୟ ବୋଲି ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଗର୍ବରେ କହିଥିଲେ। ହେଲେ ନିର୍ବାଚନ ପରେ ପରିବାର ଭାଙ୍ଗି ଛିନ୍‌ଛତ୍ର ହୋଇଗଲା। ଉଜୁଡା ପରିବାରକୁ ସଜାଡିପାରିଲେ ନାହିଁ ନବୀନ। ଏଥିପାଇଁ ଆଗ୍ରହ ବି କଲେ ନାହିଁ। ପରିବାରର ଏଭଳି ଅବସ୍ଥା ପାଇ ବିଜେଡି କର୍ମୀମାନେ ଏବେ ପରଦା ପଛରେ ରହି ଗୋଟି ଚଳାଉଥିବା ସନ୍ୟାସୀଙ୍କୁ ଦାୟୀ କରୁଛନ୍ତି। ନବୀନଙ୍କ ସୁନ୍ଦର ପରିବାରକୁ ନିଜ ସ୍ୱାର୍ଥ ପାଇଁ ସନ୍ୟାସୀ ଭାଙ୍ଗି ଛାରଖାର କରିଦେଲେ ବୋଲି ଆଲୋଚନା କରୁଛନ୍ତି।

ଓଡିଶା ମୋ ପରିବାର ଗଠନ ପରେ ଏଥିରେ ମିଶିଥିଲା ୨୦୧୫ରେ ଗଠନ ହୋଇଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ। ଜୀବନ ବିନ୍ଦୁ ଓ ଓଡିଶା ମୋ ପରିବାର ସାଜିଥିଲା ଓଡିଆଙ୍କ ପରିଚୟ। ଲୋକଙ୍କ ସୁଖ ଦୁଃଖରେ ନିକଟରେ ଛିଡା ହେଉଥିଲେ ପରିବାରର ସଦସ୍ୟ ଥିବା ବିଜେଡି ନେତା। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିଜେଡି ଏହାକୁ ଅତି ମାନବୀୟ ମୂଲ୍ୟବୋଧ ଆକାରରେ ଚଳାଉଥିଲା। ଦେଶ ଭିତରେ ହେଉ କିମ୍ବା ବାହାରେ ଯଦି କୌଣସି ଓଡିଆ ଅସୁବିଧାରେ କିମ୍ବା ମୃତ୍ୟୁମୁଖରେ ପଡୁଥିଲେ ତେବେ ସେତେବେଳେ ଏକମାତ୍ର ଭରସା ଥିଲା ଓଡିଶା ମୋ ପରିବାର।

କରୋନା ମହାମାରୀ ସମୟରେ ଓଡିଶା ମୋ ପରିବାରର ସହାୟତାକୁ ବିରୋଧି ବି ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ। ହେଲେ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯେତେବେଳେ ସନ୍ୟାସୀ ପ୍ରଚାର ସହିତ ବିଜେଡିର ସବୁ ବୋଝ ନିଜେ ମୁଣ୍ଡାଇଲେ ➪ପୃଷ୍ଠା-୬

### ପୁଲିସ୍ ଭୟରେ ଛତ୍ରଭଙ୍ଗ ଦେଲେ ଖଣି ଲୁଟେରା

## ଜେନାପୁର ପୁଲିସକୁ ପ୍ରଶଂସା

ଡଙ୍କାରୀ କଳାପଥର ଅଞ୍ଚଳର ୬ନମ୍ବର ଖଣିରେ ବେଆଇନ୍ ଖନନ ଅଞ୍ଚଳରେ ଜେନାପୁର ପୁଲିସ୍ ଚଢଉ କରିଛି। ପୁଲିସକୁ ଦେଖି ଖଣି ଲୁଟେରାମାନେ ଛତ୍ରଭଙ୍ଗ ଦେଇଥିବାବେଳେ ପୁଲିସ୍ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଡଙ୍କାରୀର ବିଏସ୍‌କ୍ୟୁ-୬ ଖାଦାନ ନିଲାମ ସମୟରେ ସର୍ବୋଚ୍ଚ ଦର ଦେଇ ଟେଣ୍ଡର ହାସଲ କରିଥିଲେ ରଙ୍ଗାଧର ପ୍ରଧାନ। ଶ୍ରୀ ପ୍ରଧାନ ୨୦୨୦-୨୧ ମସିହାରେ ଏହାକୁ ପାଇଥିବାବେଳେ ପରବର୍ତ୍ତୀ ସମୟରେ ମାମଲା ହାଇକୋର୍ଟକୁ ଯାଇଥିଲା। ହାଇକୋର୍ଟ ଏହି ଖଣି ଖୋଳା ଉପରେ ରୋକ୍ ଲଗାଇବା ଫଳରେ ଏହା ପଡ଼ି ରହିଥିଲା। ଏଥିରୁ ଖନନ କରିବା ବେଆଇନ୍। ହେଲେ ଟିକିଆ ବଳ ନାମକ ଯୁବକ ଏଠାରେ ପୂରା ବଳ ଖଟାଇ ଖଣି ଖୋଳିବାରେ ଲାଗିଛନ୍ତି। ପ୍ରତିଦିନ ଟ୍ରକ ଟ୍ରକ କଳା ପଥରକୁ ବୋହି ନେଉଛନ୍ତି। ପାଖପାଖି ୨ଲକ୍ଷ ଟନ୍ ପଥର ଚାଲାଣ ହୋଇଗଲାଣି। ତିନି ମାସ ହେଲା କୋଟି କୋଟି ଟଙ୍କାର ପଥର ଏଠାରୁ ଲୁଟ୍ ହୋଇଗଲାଣି। ➪ପୃଷ୍ଠା-୬

## ଗଜପତିଙ୍କ ଚେତାବନୀକୁ ଫୁଂ: ହ୍ୟଷ୍ଟନରେ ଅଦିନିଆ ରଥଯାତ୍ରା

- ରଥରେ ବସିଲେ ରାଧା କୃଷ୍ଣ
- ଜଗନ୍ନାଥପ୍ରେମୀଙ୍କ ଭାବାବେଗ ପ୍ରତି ଆଘାତ

ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ବହୁ ବିବାଦ ପରେ ମଧ୍ୟ ମାନିଲାନି ଇସ୍କନ। ଗତକାଲି ଆମେରିକା ହଷ୍ଟନରେ କରିଛି ଅଦିନିଆ ରଥଯାତ୍ରା। 'ଫେଷ୍ଟିଭାଲ ଅଫ ବ୍ଲିସ' ନାଁରେ ରଥଯାତ୍ରା କରିଛି ଇସ୍କନ। ରଥରେ ଚତୁର୍ଦ୍ଧା ମୂର୍ତ୍ତି ନଥିଲେ ବି ରାଧାକୃଷ୍ଣଙ୍କ ମୂର୍ତ୍ତି ରଖି ନନ୍ଦିଘୋଷ ଭଳି ଅବିକଳ ରଥ ନିର୍ମାଣ କରି ଟାଣିଛି ଇସ୍କନ। ଯାହା ଓଡ଼ିଆ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି।

ଅଦିନିଆ ରଥଯାତ୍ରା ନ କରିବାକୁ ଗଜପତି ମହାରାଜା କହିବା ପରେ ଏଥିରୁ ନିବୃତ୍ତ ରହିବ ବୋଲି ଇସ୍କନ ପକ୍ଷରୁ କୁହାଯାଇଥିଲା। ଏହାପରେ ଆମେରିକା ହ୍ୟୁଷ୍ଟନରେ ଶ୍ରୀଜିଉଙ୍କ ଅଦିନ ସ୍ନାନ ଓ ରଥଯାତ୍ରା ହେବନି ବୋଲି ଇସ୍କନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ଦିନ ଆର୍ଥାତ ଗତକାଲି ହ୍ୟୁଷ୍ଟନରେ ନନ୍ଦିଘୋଷ ଭଳି ଅବିକଳ ରଥ ନିର୍ମାଣ କରି ଏହାକୁ ଟାଣିବା ସହ 'ଫେଷ୍ଟିଭାଲ ଅଫ ବ୍ଲିସ' ପାଳନ କରିଛି ଇସ୍କନ। ଅଦିନରେ ନନ୍ଦିଘୋଷ ରଥ ଗଢ଼ିବା ଓ ଇସ୍କନର ଏଭଳି ମନୋଭାବକୁ ନେଇ ପ୍ରଶ୍ନ ଉଠିଛି। ଏନେଇ ଇସ୍କନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଘୋଷ ଯାତ୍ରା ଓ ସ୍ନାନ ଯାତ୍ରାକୁ ଇସ୍କନ ମନମୁଖୀ ଭାବରେ କରୁଛି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେବାୟତଙ୍କଠାରୁ ଆରମ୍ଭ କରି ସମସ୍ତ ଜଗନ୍ନାଥପ୍ରେମୀ ବିରୋଧ କରିଥିଲେ। ଦୁଇ ଦୁଇ ଥର ଗଜପତି ମହାରାଜ ମଧ୍ୟ ଇସ୍କନଙ୍କୁ ଚିଠି ଲେଖିଛନ୍ତି। ଏହି ସବୁ ପରେ ବି ଜଗନ୍ନାଥଙ୍କୁ ରଥରେ ନ ବସାଇ ରାଧା କୃଷ୍ଣଙ୍କୁ ବସାଇ ରଥଯାତ୍ରା କରିଛି ଇସ୍କନ। ବାରମ୍ବାର କହିବା ପରେ ଇସ୍କନ ମନମୁଖୀ କାର୍ଯ୍ୟ କରୁଛି। ବାଧ୍ୟ ହୋଇ ଆଇନ ଆଶ୍ରୟ ନେବାକୁ ପଡ଼ିବ। ଏହା ଉପରେ ପରିଚାଳନା କମିଟିରେ ଆଲୋଚନା ହେବ। ଗଜପତି ମହାରାଜ ଯାହା କିଛି ପଦକ୍ଷେପ ନେବେ, ଆମେ ମଧ୍ୟ ତାଙ୍କୁ ସହଯୋଗ କରିବୁ। ➪ପୃଷ୍ଠା-୬



## ଗୋଟିଏ ସ୍ଥାନରେ ୬୦୦ ଦେଶୀ ବିହନ

ଜୟପୁର ,୧୦।୧୧ (ସଂଚାର ବ୍ୟୁରୋ): ଗୋଟିଏ କି ଦୁଇଟି ନୁହେଁ ୬୦୦ରୁ ଉର୍ଦ୍ଧ୍ୱ ଦେଶୀ ବିହନ ଗୋଟିଏ ସ୍ଥାନରେ । କେଉଁଠି ହଳଦିଆ ତ ଆଉ କେଉଁଠି ସବୁଜ ରଙ୍ଗର ଧାନ କ୍ଷେତରେ ହସୁଛି । ସମ୍ପୁର୍ଣ୍ଣ ରୁପେ ଜୈବିକ ପଦ୍ଧତିରେ ଚାଷ କରାଯାଇଛି। ରକ୍ଷଣାବେକ୍ଷଣ ପାଇଁ ରହିଛନ୍ତି ୩୦ରୁ ଅଧିକା ମହିଳା ଓ ପୁରୁଷ । ୧୯୩୬ ମସିହାରେ ଜୟପୁର ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏହି କେନ୍ଦ୍ର । ଯାହା ଆଜି ବି ରାଜାଙ୍କ ଅବଦାନକୁ ମନେ ପକାଉଛି । ପ୍ରତିବର୍ଷ ଧାନ ବିହନକୁ ସରଂକ୍ଷଣ କରିବା ପାଇଁ ସବୁ ପ୍ରକାର ଧାନ ଚାଷ କରାଯାଏ। ଆଉ ଏହାକୁ ଅମଳ କରି ସାଇତି ରଖାଯାଏ। ଧାନର କିସମ ଜାଣିବା ପାଇଁ ବାଉଁଶ କାଠିରେ ଲେଖାଯାଇଛି ନମ୍ବର ଓ ନାମ । ଏସବୁ କିସମ ରାଜାଙ୍କ ଅବଦାନ। ଯାହାକି ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣରୁ ଆଦାୟ କରାଯାଇଥିବା ବିହନ । ଧାନର ଉତ୍ପତି ସ୍ଥଳ କୋରାପୁଟକୁ କୁହାଯାଏ । ଆଉ ଏହି ଜିଲ୍ଲାର ଜୟପୁର ହେଉଛି ଧାନର ପେଣ୍ଠସ୍ଥଳି । ୬୦୦ରୁ ଉର୍ଦ୍ଧ୍ୱ ଦେଶୀ ବିଦେଶୀ ବିହନକୁ ସରଂକ୍ଷଣ କରିବା ସହିତ ନୁଆ ପ୍ରଜାତିର ବିହନ ଆବିସ୍କାର କରାଯାଉଛି । ରାଜାଙ୍କ ଅମଳରେ ରହିଥିବା ବିହନ ହେଉଛି କଳାଜିରା, କର୍ପୁରକାନ୍ତି, ନଡ଼ିଆ ରାଶି, ଖୁସାକାନି, ମିଟିମିଟା,ମାଛକଣ୍ଟା, ଚଟିଆନାକି, ଉମୁରିଆଚୁଡ଼ି ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଆମେରିକା ଯିବାକୁ ହେଲେ ବି-୧/ବି-୨ ଭିସା ପାଇଁ ୪୨୭ ଦିନରୁ ୪୯୯ ଦିନ ଅପେକ୍ଷା କରିବାକୁ ପଡୁଥିବାରୁ ସମସ୍ୟାର ସମାଧାନ ଲାଗି ପ୍ରୟାସ।
- ଭାରତରେ ଗତ ତିନି ବର୍ଷରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ କୋଟିପତି ଟିକସଦାତା ସୃଷ୍ଟି ହୋଇଥିବା ସୂଚନା।
- କାନାଡ଼ାରେ ଗତ ସପ୍ତାହରେ ଘଟିଥିବା ଗୁଳିକାଣ୍ଡ ମାମଲାରେ ଖଲିସ୍ତାନ ଆତଙ୍କୀ ତଥା ନିହତ ହରଦୀପ୍ ସିଂହ ଗୁଜରରର ଘନିଷ୍ଠ ଅର୍ଶଦୀପ ସିଂହ ଓରଫ ଅର୍ଶ ଦଲ୍ଲା ଗିରଫ ହୋଇଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ।
- ହନିଟ୍ରାପରେ ଲୋକଙ୍କୁ ଫସାଇ ବଟି ଦାବିକରୁଥିବା ଜଣେ ମହିଳାଙ୍କ ଦ୍ୱାରା ପରିଚାଳିତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କଲା ୟୁପି ପୋଲିସ।
- ହିନ୍ଦୁ ଓ ଶିଖ୍ ସଂଗଠନର କର୍ମକର୍ତ୍ତାମାନେ ରବିବାର ନୂଆଦିଲ୍ଲୀସ୍ଥିତ କାନାଡା ହାଇକମିସନ ସମ୍ମୁଖରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ଲୋଗାନ ଦେଇ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି।
- ୨୦୨୪-୨୫ ରବିଋତୁ ପାଇଁ ୯ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଯୋଜନା ରଖାଯାଇଛି ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ କହିଛନ୍ତି। ଗତବର୍ଷ ତୁଳନାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଚାଷୀମାନେ ଅଧିକ ପରିମାଣର ଋଣ ନେଇଥିବାରୁ ଚଳିତ ବର୍ଷ ଏହାକୁ ୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

## ବଜାରରୁ କୋରାପୁଟ କଫି ଗାଏବ

### ଟିଡିସିସିଏଲ ଅଫିସରଙ୍କ ଚାଲ୍, ଅପାରଗତା ନା ଚକ୍ରାନ୍ତ ?

ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ଓଡିଶା ମାର୍କେଟରେ ମିଳୁନି କୋରାପୁଟ କଫି । ଗତ ତିନି ମାସ ହେଲା ବଜାରକୁ ଆସୁନି କୋରାପୁଟ କଫି । ଯେଉଁ କଫି ଓଡିଶାକୁ ବିଦେଶରେ ଲୋକପ୍ରିୟ କରିଥିଲା ସେ କଫି ପିଇବା ହୁଏତ ନିକଟ ଭବିଷ୍ୟତରେ ସମ୍ଭବ ନୁହେଁ । ନୂଆ ସରକାର ଆସିବାର ଚାରି ମାସରେ ବଜାରରୁ କୋରାପୁଟ କଫି ଗାଏବ ହୋଇଯିବା ଅନୁସୂଚିତ ଜାତି ଜନଜାତି ଓ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିକାଶ ବିଭାଗର ପାରିବାପାଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଆଦିବାସୀ କଲ୍ୟାଣର ବ୍ରାଣ୍ଡ ହୋଇଥିବା ବେଳେ ଏସସିଏସଟି ବିଭାଗର ଅଫିସରମାନେ କାହା ଚକ୍ରାନ୍ତରେ ବଜାରରୁ କୋରାପୁଟ କଫିକୁ ଗାଏବ କରାଇଛନ୍ତି ?

କୋରାପୁଟ କଫିର ପ୍ରସାର ପ୍ରଚାର ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କରିଥିଲେ । ଖୁବ କମ ଦିନରେ କୋରାପୁଟ କଫି ବେଶ ଲୋକପ୍ରିୟ ହୋଇପାରିଥିଲା। ଟାଟା କଫି ସହ ସହଭାଗିତାରେ ସହରାଞ୍ଚଳରେ ଖୋଲିଲା ଇନଷ୍ଟାଣ୍ଟ କୋରାପୁଟ କଫି (କେଆଇସି)। ଚାଷୀଙ୍କ ଠାରୁ କଫି ସଂଗ୍ରହ ସହ ମାର୍କେଟିଂ ଓ ବଜାର ସୁବିଧା ସୃଷ୍ଟିର ଦାୟିତ୍ୱ ଟିଡିସିସିଏଲକୁ ଦିଆଯାଇଥିଲା। ଏବେ ଟିଡିସିସିଏଲ କାହା ଚାପରେ କୋରାପୁଟ କଫିର ବାଜାରକୁ ବୁଡ଼େଇଦେବାକୁ ବସିଛି ?

ଏହି କଫିର ଉତ୍ପାଦନ ଓ ପ୍ରସ୍ତୁତିରେ ମୁଖ୍ୟତଃ ଆଦିବାସୀ ବିଶେଷ କରି ମହିଳାମାନେ ନିୟୋଜିତ ହୋଇଥାନ୍ତି। ତେଣୁ କୋରାପୁଟ କଫିର ଯେତିକି ଚାହିଦା ବଢିବ, ଆଦିବାସୀ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ସେତିକି ଉନ୍ନତି ହେବ । ଜଣେ ଜଣେ ଆଦିବାସୀ ମହିଳା ଦୁଇ କ୍ୱିଣ୍ଟାଲ ପର୍ଯ୍ୟନ୍ତ କଫି ଫଳ ବିକ୍ରି କରୁଥିଲେ। ଏବେ ସରକାର ଆଦିବାସୀଙ୍କ ବିକାଶ ସହ ମାଣ୍ଡିଆର ବି ପ୍ରମୋସନ କରୁଛନ୍ତି । ହେଲେ ମାଣ୍ଡିଆର ମାର୍କେଟିଙ୍ଗରେ ବ୍ୟସ୍ତ ଟିଡିସିସିଏଲ ଅଫିସରମାନେ କୋରାପୁଟ କଫି ବଜାରକୁ କାହିଁକି ବୁଡ଼େଇ ଦେଉଛନ୍ତି ତାହା ବୁଝାପଡୁନି।







କୋରାପୁଟ କଫି ବଜାରରେ ନମିଳିବା ଟିଡିସିସିଏଲର ଅପାରଗତା ନା, ଟାଟା ପରି କିଛି ବହୁରାଷ୍ଟ୍ରୀୟ କମ୍ପାନୀର ଏହା ଏକ ଚକ୍ରାନ୍ତ । କୋରାପୁଟ କଫିର ଚାହିଦା ବଢିବା ସହ ବାଜାରରେ ଅନ୍ୟ କଫିର ବ୍ୟବସାୟ ବାଧାପ୍ରାପ୍ତ ହୋଇଛି। ତେଣୁ ବହୁରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇ ଟିଡିସିସିଏଲ ଲୋକଙ୍କୁ ଠାରୁ କୋରାପୁଟ କଫି ପିଇବାର ଅଭ୍ୟାସ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ଏକଦା ନବୀନ ପଟ୍ଟନାୟକ କୋରାପୁଟ କଫିର ବ୍ରାଣ୍ଡ ହୋଇଥିବାରୁ କିଛି ନେତାଙ୍କୁ ଖୁସି କରିବାକୁ ଅଫିସରଙ୍କ ଏହା ଏକ ଚାଲ ବୋଲି ମଧ୍ୟ ଅଭିଯୋଗ ହେଉଛି।

କୋରାପୁଟର ମାଛକୁଣ୍ଡ ପ୍ରକଳ୍ପ ଦ୍ୱାରା ହେଉଥିବା ମୃତ୍ତିକା କ୍ଷୟକୁ ରୋକିବାକୁ ୧୯୫୪ ମସିହାରେ ସେହି ➪ପୃଷ୍ଠା-୬

### ● ନୀତି ଆୟୋଗଙ୍କ ପରାମର୍ଶ

## ଆନ୍ଧ୍ର ମଡେଲକୁ ଅନୁକରଣ କରୁ ଓଡ଼ିଶା

ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ବେଶ୍ ଜଣାଶୁଣା । ଭାତ ଏଠିକାର ପ୍ରଧାନ ଖାଦ୍ୟ । ହେଲେ ଏବେ ଓଡ଼ିଶା କାଳେ ଚାଷ କ୍ଷେତ୍ରରେ ପଛରେ ପଡିଛି । କୃଷି ପ୍ରଧାନ ରାଜ୍ୟ ଓଡ଼ିଶା ଚାଷରେ ପଛୁଆ ରହିଛି । କୃଷିକ୍ଷେତ୍ର ନେଇ ସୂଚନା ଦେଇ କିଛି ଏପରି ରିପୋର୍ଟରେ ଦର୍ଶାଇଛନ୍ତି ନୀତି ଆୟୋଗ। ଖାଲି ଫସଲ ଚାଷ ନୁହେଁ ପଶୁପାଳନ କ୍ଷେତ୍ରରେ ମଧ୍ୟ ଜାତୀୟ ହାର ଠାରୁ ଓଡ଼ିଶା ପଛରେ ରହିଛି। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ଦେଶର ପଶୁ ପାଳନ ହାର ୭% ରହିଥିବା ବେଳେ ଓଡ଼ିଶାର ହାର ରହିଛି ୫% । କୃଷି ଉତ୍ପାଦନ ଏବଂ ପଶୁପାଳନ କ୍ଷେତ୍ରରେ ଓଡ଼ିଶା, ଆନ୍ଧ୍ର ଏବଂ ମଧ୍ୟପ୍ରଦେଶ ଠାରୁ ବହୁ ପଛରେ ରହିଛି। ପ୍ରଧାନମନ୍ତ୍ରୀ କୃଷି ସଚାଇ ଯୋଜନାରେ ରାଜ୍ୟରେ ଜମିକୁ ଜଳସେଚନ ବୃଦ୍ଧି ପାଉଛି । କିନ୍ତୁ ପରିସଂଖ୍ୟାନ ଯଦି ଦେଖିବା ତାହେଲେ ରାଜ୍ୟର ମାତ୍ର ୧୭ ପ୍ରତିଶତ ଜମିରେ ୧୨ ମାସ ଚାଷ ହେଉଥିବା ବେଳେ ଆଉ ୮୩ ପ୍ରତିଶତ ଜମିରେ କେବଳ ୪ ମାସ ଚାଷ ହେଉଛି । ଅନ୍ୟ ୮ ମାସ ଚାଷଜମି ପଡିଆ ପଡୁଛି । ଦୁଗ୍ଧ ଉତ୍ପାଦନରେ ମଧ୍ୟ ଓଡ଼ିଶା ଜାତୀୟ ହାର ଠାରୁ ପଛରେ ରହିଛି । ଓଡ଼ିଶାର ଏଭଳି ସ୍ଥିତି ଦେଖି କୃଷି ଉତ୍ପାଦନରେ ଓଡ଼ିଶା ଆନ୍ଧ୍ର ମଡେଲ ଅନୁକରଣ କରୁ ବୋଲି ପରାମର୍ଶ ଦେଇଛନ୍ତି ନୀତି ଆୟୋଗ ସଦସ୍ୟ ଡକ୍ଟର ରମେଶ ଚାନ୍ଦ ।



## ପ୍ରକୃତି ର ବିଳାପ

**ପୁଷ୍ପଲତା ମିଶ୍ର**

ଶୀତ ରାଣୀ ଆଜି ଆସିଛି ଓହ୍ଲେଇ
ଦେହରେ କୁହୁଡ଼ି ଢାଙ୍କି,
ଶୋଭା ଦିଶୁଅଛି ଏଇତ ଧରିତ୍ରୀ
ଲାଜ ରେ ଚାହୁଁଛି ଉଙ୍କି ।।
ହେମ କାକରା ରେ ଭ୍ରମ ସୃଷ୍ଟି ହୁଏ
ବିମୁଗ୍ଧ ଏ ଶୋଭା ରାଜି ,
ନଈ ତୁଠେ ବସି ନୂଆ ନୂଆ ବୋହୁ
ତନୁ କୁ ଦେଉଛି ମାଜି।।
ପ୍ରକୃତି ସାଜିଛି ବିଧବା ର ବେଶ
ଘୂର୍ଣି ବଳୟ ରେ ଘାରି,
ଆକାଶ ରୁ ମେଘ ପଡୁଛି ଉଛୁଳି
ନବ ଯଉବନା ପରି ।।
କୁହୁଡ଼ି ଘେରାଏ ଦିବସ ରଜନୀ
ରହିଛି ଆଶଙ୍କା ଭିଡି,
ମେଘ ଗରଜୁଛି ବିଜୁଳି ଚମକେ
ଥରି ଯାଉଅଛି ଛାତି ।।
ଅସହ୍ୟ ତାତି ରେ ସାଗର ବକ୍ଷ ରେ
ଲଘୁଚାପ ସୃଷ୍ଟି ଯେଣୁ,
ଲୋକ ଙ୍କ ମନ ରେ ଛନକା ପଶଇ
ବାତ୍ୟା କଥା ଶୁଣୁ ଶୁଣୁ।।
ଆସରେ ସରବେ ଏକ ଯୁଟ ହୋଇ
ଡାକିବା ଶ୍ରୀ ଜଗନ୍ନାଥ,
ପ୍ରକୃତି ଦାଉରୁ ସୁରକ୍ଷା ମିଳିବ
ହୋଇଓ୍ବା ନାହିଁ ବ୍ୟତିଥ ।।
ଶୀତ ଖରା ବର୍ଷା ପ୍ରକୃତି ର ଖେଳା
ବିଧିର ଏହା ବିଧାନ,
ପ୍ରକୃତି ସହିତ ଖେଳ ନାହିଁ କେବେ
ବେଳୁ ହୁଅ ସାବଧାନ ।।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୬୫୭**



## କବିତା

**ପ୍ରତାପ କିଶୋର ରାଉତ**

କବିତା ଗୋ ତୁମେ ମନ ରାଇଜର
ଚେତନାର ମିଠା ସ୍ୱର
ପ୍ରୀତି ବିତାନର ମଧୁର ମଳୟ
ପ୍ରଭାତ ମଧୁ ଶୀକର
କୁହୁକିନୀ ରାଜଜେମା
ପ୍ରୀତି ରାଇଜର କନକ ପରୀ ଗୋ
ନିରୀମାଖୀ ଅନୁପମା ।୧।

ଭାବନା ରାଇଜୁ ଝରି ଆସ ତୁମେ
ମଗ୍ନ ମଧୁର ସୁରେ
ଫିଟାଇ ଦେଇଛ ଅବୋଧ ଶିକୁଳି
ଯାହା ଥିଲା ହୃଦୟରେ
ସାଜି ମନର ମାନସୀ
ମନ ସରୋବର ନାଚି ଯାଉଅଛ
ସତେ ମୋର ମନ ହଂସୀ ।୨।

କେବେ ଆସୁଅଛ ହୃଦୟ ରାଇଜେ
କାରୁଣ୍ୟ ଅଞ୍ଜଳି ନେଇ
ଭିଜାଇଛ ମୋର ମନର ଅଗଣା
ନୟନେ ଲୋତକ ଦେଇ
କାରୁଣ୍ୟର ଅନ୍ଧକାରେ
ବିତାଇଛି କେତେ ବିନିଦ୍ର ରଜନୀ
ବ୍ୟଥା ବେଦନା ବିଧୂରେ ।୩।

କେବେ ଜାଳିଅଛ ବିଦ୍ରୋହର ବହ୍ନି
ଅୟୁତ ମନ ମନ୍ଦିରେ
ସଜାଡ଼ି ଦେଇଛ କେତେ ଯେ ସଂସାର
ହସ ଭରି ଅଧରରେ
କେତେ ନୟନରୁ ନୀର
ପୋଛି ଦେଇଅଛ ଆଶ୍ୱାସନା ଦେଇ
ବୁହାଇ ପ୍ରେମ ନିର୍ଝର ।୪।

କେତେଯେ ଗଢ଼ିଛ କେତେ ଯେ ଭାଙ୍ଗିଛ
ସ୍ମୃତି ରେ ଜୀବିତ ହୋଇ
ରହିଅଛି କେତେ ସମୟ ପଥରେ
ସୁଖ ଦୁଃଖ ଭାବ ବହି
ସଦା ମୋର ପାଖେ ରହି
ଆଗକୁ ଯିବାକୁ ପଥ ଦେଖାଇବ
ଏଥିରେ ସନ୍ଦେହ ନାହିଁ ।୫।

**ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର**






## ତ୍ୟାଗ

**ବିଷ୍ଣୁ ପ୍ରସାଦ ମିଶ୍ର**

ତ୍ୟାଗ ବୋଲି ଛୋଟ ଶବ୍ଦଟିଏ ସିନା
ମହାନତା ବେଶି ତା'ର ,
ସେଇ ତ୍ୟାଗ ବଳେ ସକଳ'କୁ ଜିଣି
ନାରାୟଣ ସାଜେ ନର ।।
କିଛି ତ୍ୟାଗ ବଳେ ସକଳ ଜିଣିବା
ପାଇବାକୁ ଯେବେ ଚାହଁ ,
ଅଗ୍ରସର ହୁଅ ତ୍ୟାଗ ସାଧନାରେ
କର୍ମ ତତ୍ପରତା ହୁଅ ।।
ତ୍ୟାଗ'ର ମହିମା ଏମିତି ମହାନ
ସହିବା ବହୁ କଷଣ ,
ସେଇ ସ୍ୱଳ୍ପ କଷ୍ଟ ସହିବାରୁ ଧ୍ରୁବ
ଭେଟିଥିଲେ ନାରାୟଣ ।।
ସତ୍ୟ ପଥେ ରହି ପ୍ରଭୁ ରାମଚନ୍ଦ୍ର
କରିଣ ସକଳ ତ୍ୟାଗ ,
ମୋହ ମାୟା ଶୂନ୍ୟ ମାନବ ଜୀବନ
ଦେଖାଇଲେ ଜନେ ମାର୍ଗ ।।
ସେ ମୋହନ ଦାସ କରମ୍ ଚାନ୍ଦ
ଦିନେ ତ୍ୟାଗ"ରୁ ମହାତ୍ମା ହେଲେ ,
ତ୍ୟାଗ ବଳେ ଗୋପବନ୍ଧୁ ମଧୁବାବୁ
ଆଜି"ବି ସକଳ ହୃଦେ ରହିଲେ ।।
ଶିଶୁ ବାଜିଆ"ଠୁଁ ଆସରେ ଶିଖିବା
ତ୍ୟାଗ"ର ମହାନ ବାର୍ତ୍ତା ,,
ବିଦେଶୀ ଫିରିଙ୍ଗି ଶତ୍ରୁଙ୍କ ଆଗରେ
ନୁଆଁଇ ନ"ଥିଲା ମଥା ।।
ତ୍ୟାଗ ବଳେ ଦେଖ ଶାନ୍ତନୁ"ଙ୍କ ପୁତ୍ର
ହେଲେ ଭୀଷ୍ମ ପିତାମହ ,,
ତ୍ୟାଗ"ର ଅସୀମ ଶକ୍ତିରୁ ସୁଦାମା
ମନରେ ନଥିଲା ମୋହ ।।
ତ୍ୟାଗ ବଳେ ମୀରା ସବୁସୁଖ ଭୂଲି
ପାଇଥିଲେ କୃଷ୍ଣ ପ୍ରେମ ,,
ସବୁ ତ୍ୟାଗ କରି ରତ୍ନାକର ଦିନେ
ହୋଇଥିଲେ ମହାମୁନ୍ୟ ।।
ଦାଧିଚି ଋଷିଙ୍କ ତ୍ୟାଗ ବଳୁ ସିନା
ବୃତ୍ରାସୁର ବଧ ହେଲା ,,
ତ୍ୟାଗ"ର ମହିମା ଜଗତ କଲ୍ୟାଣ
କାଳକାଳ"କୁ ରହିଲା ।।

**ରଥଶର୍ମା କଲୋନୀ**
**କୋରାପୁଟ**
**ମୋବାଇଲ୍: ୯୧୨୪୦୪୯୧୨୯**

## ଆସ ଈଶ୍ୱର ଖୋଜିବା



**ଡ.ମନୋରଞ୍ଜନ ବିଷୋୟୀ**



ଅଚିହ୍ନା ଆଖିରେ
ସମସ୍ତେ ହଜନ୍ତି
ସମସ୍ତେ ଖୋଜନ୍ତି
ହେଲେ ସତରେ କ'ଣ
କେହି ତୁମକୁ
ଖୋଜି ପାଇଥାନ୍ତି ?
ସତରେ ଖୋଜନ୍ତି କି
ମିଛରେ ହଜାନ୍ତି
କେତୋଟି ସର୍ତ୍ତରେ
କିନ୍ତୁ ତୁମକୁ ଖୋଜନ୍ତି।
ଅଚାନକ ଜୀବନଯାତ୍ରାର
କେଉଁ ଏକ ଅଜଣା ଛକରେ
ତୁମକୁ ପାଆନ୍ତି
ତଥାପି ତୁମକୁ
ଚିହ୍ନି ନପାରି
ବାଟକାଟି ଚାଲିଯାନ୍ତି।
ଏଠି ତ ସୁବର୍ଣ୍ଣ ହରିଣ ମାୟାରେ
ସମସ୍ତେ ନିଜକୁ ଭୁଲନ୍ତି
ଆଉ ତୁମକୁ ଖୋଜି
ପାଇବେ କେମିତି ?
ନା'କାମନାର ବିନାଶ ଘଟୁଛି
ନା' ସରୁଛି ଦୁଃଖର
ଏ ଅସରନ୍ତି ରାସ୍ତା।
କୁହତ ?
ଏ ରାସ୍ତା ନ ସରିଲେ
ତୁମକୁ ପାଇହେବ କେମିତି ?
ତଥାପି ବେଶ
ପାରିବାର ହୋଇ
ସମସ୍ତେ ତୁମକୁ ଖୋଜନ୍ତି।
କିନ୍ତୁ ଖୋଜି ଖୋଜି
ନୟାନ୍ତ ହେବା ବଦଳରେ
ଯେଉଁମାନେ
ନିଜକୁ ହଜାଇ
ତୁମକୁ ଖୋଜନ୍ତି
ସେମାନେ ସହଜରେ
ତୁମକୁ ଖୋଜି ପାଇଥାନ୍ତି।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**



## ଗଙ୍ଗା ଭଳି ତୁମ ହୃଦୟ ପବିତ୍ର

**ଡଃ ତାନଶ୍ରୀ ପାଣିଗ୍ରାହୀ**


ପ୍ରୀତି ସରୋବରେ ତୁମେ ପ୍ରେମପଦ୍ମ
ମୋ ଜୀବନେ ଯେବେ ଆସିଗଲ
ହୃଦୟ ଆକାଶେ ମେଘ ସାଜି ତୁମେ
ପ୍ରେମ ବରଷାରେ ଭିଜାଇଲ...
ଫୁଲକୁ ଅଧିକ ଭଲ ପାଏ ବୋଲି
ଫୁଲରାଣୀ ମୋତେ ସଜାଇଲ
ଦୁଃଖ ସୁଖ ମିଶା ଅଲୀକ ଜୀବନେ
ହାତଧରି ମୋର ସାଥୀ ହେଲ...
ମୋ ପାଦରେ କଣ୍ଟା ଫୁଟିଯିବ ବୋଲି
ତୁମେ ଆଗ ପାଦ ଥାପିଦେଲ
ଉଆଁସ ରାତିକୁ ଡର ଲାଗେ ବୋଲି
ମନ ଆକାଶରେ ଜହ୍ନ ହେଲ...
ଉଦାସ ଜୀବନେ ଭରିଲ ସହସା
ବଞ୍ଚିବାର ରାହା ଦେଖାଇଲ
ମାଗିନାହିଁ କିଛି ପାଉଣା ତୁମକୁ
ହୃଦୟକୁ ମୋତେ ଦେଇଦେଲ...
ଦୁଃଖର ଲୁହକୁ ପିଇବିନି ବୋଲି
ଅଧରେ ପୀୟୂଷ ଭରିଦେଲ
ଗଙ୍ଗା ଭଳି ତୁମ ହୃଦୟ ପବିତ୍ର
"ମୋ"ପ୍ରିୟ ସତେ ତୁମେ କେତେ ଭଲ... ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# ଆଜି ବି କିଛି ଅଲଗା ନୁହେଁ ତା' ପାଇଁ

**ଗାର୍ଗୀ ମିଶ୍ର**



ନୂଆ ନୂଆ ବାହାଘରର କୌଣସି ଉନ୍ମାଦନା କି ଆନନ୍ଦ ନ ଥିଲା ଜୀବନରେ। ଚା' ବନାଉ ବନାଉ ଦି ଟୋପା ଲୁହ ପଡ଼ିଯାଏ କପ୍‌ରେ। ମେରୀରୁ ଜାତି ବଦଳେଇ ମୀରା ହେବା ଦିନରୁ ବାପଘର ବହିଷ୍କାର କରି ଦେଇଛନ୍ତି ଯେତେବେଳେ ନା ଆଗକୁ ଯିବାକୁ କାହା ସାହାରା ନା ପଛକୁ ଫେରିଆସିବା ପାଇଁ ରାସ୍ତା!

କେସ୍ କରି ଜିତିଛି ସେ ଆର୍ଯ୍ୟବୀରଙ୍କୁ। ଅତୀତକୁ ସେ କହେ 'ଗଡ଼ସ ଉଇଲ' ଆଉ ଆର୍ଯ୍ୟବୀରଙ୍କ ହିସାବରେ ଏହା ସଂଶୋଧନ କରି ନ ହେଲା ପରି ଏକ ଭୂଲ।

ଆର୍ଯ୍ୟବୀର ତାକୁ ଭଲପାଇଥିଲେ କି ଏକ ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ଯାଇଥିଲେ କେଜାଣି ହେଲେ ମୀରା ଭଲପାଇଛି ହୃଦୟରୁ ତାଙ୍କୁ।

ବିବାହ କରିଛି ସମୟ, ପରିସ୍ଥିତି ଆଉ ସମାଜ ଠୁଁ ଛଡ଼ାଇ। ସେ ତାଙ୍କ ପୂର୍ବ ସ୍ତ୍ରୀ କୁ ଛାଡ଼ପତ୍ର ଦେଇନଥାନ୍ତେ ଯଦି ଏ ବିବାହ କେମିତି ହୋଇପାରିଥାନ୍ତା?

ଆର୍ଯ୍ୟବୀର ଏଇ କାରଣକୁ ଜୀବନସାରା ଧରି ରଖି ଅସନ୍ତୁଷ୍ଟ।

ତାକୁ ପ୍ରତି ମୁହୂର୍ତ୍ତରେ ଅପରାଧୀ ଅପରାଧୀ ପରି ଲାଗୁଥାଏ।

ହେଲେ ପ୍ରେମ ଯଦି ଭୂଲ ତେବେ ସେ ଭୂଲ ଏକା ତ କରିନି!! ହଁ କାହା ଘର ଉଜାଡ଼ିବା ଠିକ ନୁହେଁ। ହେଲେ ଅନ୍ୟକିଛି ଚାରା ବି ତ ନ ଥିଲା!!

ଆର୍ଯ୍ୟବୀର ଆଜିବି ନିଶାରେ ଧୂତ ହୋଇ ଆସିଛନ୍ତି। ତାଙ୍କୁ କାନ୍ଧରେ ସାହାରା ଦେଇ ବେଡ଼ରେ ଶୁଆଇଲା। ଆଇନାରେ ଆଖି ପଡିଗଲା। ମୀରା ନିଜକୁ ଦେଖି ଡରିଗଲା ... କେଜାଣି କାହିଁ କଦର୍ଯ୍ୟ ଦିଶୁଥିଲା ତାକୁ ସେ ନିଜେ। ମେରୀରୁ ମୀରା ହୋଇ ସେ ଠିକ କଲା ନା ଭୂଲ?

ଏପରି ଏକ ଦୁଃସ୍ୱପ୍ନ ଦେଖି ଚମକି ଉଠି ଘଣ୍ଟା ଦେଖିଲା ମେରୀ। ଘଣ୍ଟାରେ ପାଞ୍ଚଟା ପନ୍ଦର। ମୁଣ୍ଡରୁ ଝାଳ ପୋଛିଲା। ପାଣି ପିଇ ସାଷ୍ଟାଙ୍ଗ ହେଲା। ଦେଖିଲା ଝରକା ସେପଟେ ସିନ୍ଦୁରିତ ଦିଗ୍‌ବଳୟ।

ବଗିଚାରେ ସୁନ୍ଦର ସୁନ୍ଦର ପାଖୁଡ଼ା ମେଲି ସୂର୍ଯ୍ୟଙ୍କୁ ସ୍ୱାଗତ କରୁଥାନ୍ତି ଫୁଲଗଛମାନେ। କିଛି ଫୁଲରେ କଣ୍ଟାଥାଏ ... କିଛି ଫୁଲ ଚାରିପଟେ କଣ୍ଟା ବେଢ଼ାଇ ଦିଆଯାଏ। ଆଉ କିଛି ଫୁଲ ନିଜେ କଣ୍ଟା ହେଇଯାଆନ୍ତି କାହାପାଇଁ।

ମେରୀ ଭାବିଲା ସେ କେଉଁ ଫୁଲ.... ଗୋଲାପ? ପଳାଶ ନା ହେନା? ନା ନା...ଫୁଲ ନ ହେଲେ ନାହିଁ କାହାପାଇଁ ସେ କଣ୍ଟା ହେଇପାରିବ ନାହିଁ। ମା ବାପା କେକ୍ ଧରି ତାଙ୍କ ଗେହ୍ଲା ଝିଅକୁ ହାପି -ବାର୍ଥ -ଡେ ଉଇଶ କରୁଥିଲେ।


ତା'ର ଫାଦର ମୋଜେସଙ୍କ କଥା ମନେପଡ଼ିଲା। ବାର୍ଥ, ମ୍ୟାରେଜ ଆଉ ଡେଥ୍ ଏ ତିନିଟି ଲାଇଫର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ବାର୍ଥ ଆଉ ଡେଥ୍ ଭିତରେ ଆମେ ଯାହା କରୁ ତାହାହିଁ ପାପ ପୂଣ୍ୟର ତରାଜୁରେ ଓଜନ ହୁଏ। ସେ ସବୁର ଫଳାଫଳ ଆମେ ପରଜନ୍ମକୁ ନେଇ ଯାଉ। ବାର୍ଥ ଆଉ ଡେଥ୍‌କୁ ବଦଳାଇ ଦେଇ ହେବନି ସିନା ମ୍ୟାରେଜ ପାଇଁ ବାଧ୍ୟ ବାଧକତା ନାହିଁ। ଏ ଜୀବନ ଏକ ରହସ୍ୟମୟ ଗୋଲକ ଧନ୍ଦା। ବୁଲି ବୁଲି ଯେଉଁଠୁ ଆରମ୍ଭ ସେଇଠି ଶେଷ ହୋଇଯାଏ ସେ ବି କ୍ଷଣିକ ଭିତରେ। ପାଇବା ପାଇଁ ବଞ୍ଚିବା ଅଭିଳାଶାରେ ଆମେ ବଞ୍ଚିବାକୁ ଭୁଲିଯାଉ। କେବଳ ପାଇବା ପଛରେ ହିଁ ଧାଇଁ ଲାଗୁ।

ଅଫିସରୁ ରିଜାଇନ ଦେଇ ସବୁଦିନ ପାଇଁ ଏକ ଜଟିଳ ହେବାକୁ ଯାଉଥିବା କାହାଣୀରେ ପୂର୍ଣ୍ଣଛେଦ ଟାଣିଲା ମେରୀ। ଏକାଠି କାମ କରୁଥିଲେ ଯେତେବେଳେ କିଛିଦିନ ଲାଗିବ ତାଙ୍କୁ ପ୍ରକୃତରେ ସହଜ ହେବାପାଇଁ। କିନ୍ତୁ କିଛି କାହାଣୀ ଖଣ୍ଡିଆ ରହିଲେ ହିଁ ସମ୍ପୂର୍ଣ୍ଣ ହୋଇପାରେ। ହୁଏତ ଜୀବନ ବ୍ୟାକରଣ ବହିରେ ସେଥିପାଇଁ ପୂର୍ଣ୍ଣଛେଦ ଚିହ୍ନ ତ ଅଛି ହେଲେ ପ୍ରାପ୍ତିସୂଚକ କୌଣସି ଚିହ୍ନ ମିଳେନି। ହୃଦୟରୁ ଯଦି ଜଣେ ଅନ୍ୟପାଇଁ ସମର୍ପଣ ଭାବ ରଖେ ତେବେ ଅପ୍ରାପ୍ତି ବି ପୂର୍ଣ୍ଣତା ଆଣେ।

**ବାଙ୍ଗାଲୋର / କର୍ଣ୍ଣାଟକ**

# ଅଧାଗଢ଼ା

**ଲକ୍ଷ୍ମଣ ମିଶ୍ର**



ସେ ଥିଲା ରଥାରୂଢ଼ ଓ ମୁଁ ପଥାରୂଢ଼। ଆମେ ଥରେ ମୁହାଁମୁହିଁ ହେଲୁ ଏମିତି, ଯେମିତି ସେ ସାମନ୍ତ ଓ ମୁଁ ଅନୁଗତ।

ତା'କୁ ସଂଯତରେ ମୁଁ ଆମୂଳଚୂଳ ଅନାଇବାକୁ ଚେଷ୍ଟାକଲି।

ମୁଁ ତା'କୁ କହିଲି,'ତୋ' କଳେବର....'

ସେ ହସହସ ସୂଚନା ଦେଲା,'ସମଗ୍ର ବ୍ରହ୍ମାଣ୍ଡ ହିଁ ମୋ' କଳେବର।'

'ନା' ନା' ତା' ନୁହେଁ । ମୁଁ କହିବାକୁ ଚାହୁଁଥିଲି ଯେ ତୋ'...କଳେବର... ଅସମ୍ପୂର୍ଣ୍ଣ।'

ସେ ହସିହସି ଗଡ଼ିଗଲା। କିଛି ସମୟ ପରେ ସ୍ୱାଭାବିକ ହେଲା ଓ କହିଲା,'କଳେବର ମାତ୍ରକେ ହିଁ ଅସମ୍ପୂର୍ଣ୍ଣ।'

ମୁଁ ସାମାନ୍ୟ ଯତ୍ନବାନ ହୋଇ ଆଗ୍ରହ କଲି,'କିନ୍ତୁ...ତୋ' କଳେବର ସମ୍ପୂର୍ଣ୍ଣତା ଲଭିବା ଉଚିତ।'

'ଠିକ୍.....ତା' ହିଁ ହେଉ। ଏବେ ତୁ ହିଁ ବାଟେଇନେ ଏ କଳେବରକୁ ସମ୍ପୂର୍ଣ୍ଣତାଆଡ଼କୁ।'

ମୁଁ ଆପ୍ରାଣ ଚେଷ୍ଟାକଲି। ଅନ୍ଧାରୁଆ କୋଣମାନଙ୍କରେ ପ୍ରଦୀପ ଜାଳିଲି। ଫୁଟିବାକୁ ଅପେକ୍ଷାରତ ପଦ୍ମଙ୍କୁ ସୂର୍ଯ୍ୟଗାଥା ଶୁଣାଇଲି ଓ ଅସ୍ତାୟମାନ ପଶ୍ଚିମକୁ ଅନିବାର୍ଯ୍ୟ ପ୍ରାତଃର ପ୍ରତିଶ୍ରୁତି ବିକିଲି। ରଣଭୂମିକୁ ରଙ୍ଗଭୂମି କଲି। ରଙ୍ଗଭୂମିରେ ଶ୍ମଶାନର ସାଧନା ଖଞ୍ଜିଲି।

ମୁଁ ଦିନେ ଥକିପଡ଼ିଲି। କଚାଡ଼ି ହୋଇ ତା' ରଥସମ୍ମୁଖରେ ହିଁ ଭୂପତିତ ହେଲି।

ଅଶ୍ରୁସିକ୍ତ କଣ୍ଠରେ କହିଲି,'ତୋ' କଳେବର ତଥାପି ଅସମ୍ପୂର୍ଣ୍ଣ !'

ସେ ହସିଲା। ହାତ ବଢ଼ାଇ ଭୂମିରୁ ମୋତେ ଉଠାଇ ଝଡ଼ାଝଡ଼ି କଲା। ଖଣ୍ଡିଆମାନଙ୍କରେ ମଲମ ଲଗାଇଲା। ବୁଝାଇଲା,'ଆଗରୁ ବି ଅନେକେ ଏ କଳେବରକୁ ସମ୍ପୂର୍ଣ୍ଣତାଆଡ଼କୁ ନେବାର ଅଧିକାର ମାଗିଛନ୍ତି। ଅନେକଙ୍କୁ ତ ସେ ଦିଗରେ ମୁଁ ହିଁ ପ୍ରଲୋଭିତ କରିଛି। ଜାଣିରଖ, ତୁ ଏ ଶୃଙ୍ଖଳର ଆରମ୍ଭ ବିନ୍ଦୁ ଆଦୌ ନୁହେଁ!'

ମୁଁ ବିସ୍ମୟଭରା ଥରଥର କଣ୍ଠରେ ଉଚ୍ଚାରଣ କଲି, 'ତେବେ......ଏଠି ଅନେକେ ବିଫଳ?'



ସେ ଅପେକ୍ଷାକୃତ ଗମ୍ଭୀର ଗଳାରେ କହିଲା, 'ହଁ, ଏ କଳେବରକୁ ସମ୍ପୂର୍ଣ୍ଣତାଆଡ଼କୁ ନେବାର ପ୍ରଚେଷ୍ଟାରେ ଅନେକେ ନିଜେ ସମ୍ପୂର୍ଣ୍ଣତା ଲଭିଛନ୍ତି ସିନା ଏ କଳେବର ଏବେ ବି ଅସମ୍ପୂର୍ଣ୍ଣ।'

'କିନ୍ତୁ... କାହିଁକି?'

ସେ ମୋ' ସ୍କନ୍ଧରେ ଏକ ହସ୍ତ ପକାଇଲା। ଅପର ହସ୍ତରେ ସେହି ଶୃଙ୍ଖଳଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲା ଯାହାର ମୁଁ ଥିଲି ଏକ ମଧ୍ୟବର୍ତ୍ତୀ ବିନ୍ଦୁ ମାତ୍ର। ସେ ଶୃଙ୍ଖଳରେ ମୋ' ପଛକୁ ଏବଂ ଆଗକୁ ଅସଂଖ୍ୟ ବିନ୍ଦୁ ଥିଲା। ତା' ଅନାଦିରୁ ମୂଳ ହୋଇ ଅନନ୍ତଆଡ଼କୁ ପ୍ରସାରିତ ହୋଇଥିଲା।


ମୋ' ଚକ୍ଷୁସମ୍ମୁଖରୁ ଅନ୍ଧାର ହଠାତ୍ ଅପସରି ଗଲା। ମୁଁ ବୃକ୍ଷଚ୍ୟୁତ ପତ୍ର ପରି ତା' କଳେବରରୂପକ ଭୂମିଆଡ଼କୁ ମୁକ୍ତପତିତ ହେଲି। ବୃକ୍ଷଚ୍ୟୁତ ପତ୍ର ମୁଁ ତା' ଭୂମିକୁ ସ୍ପର୍ଶ କରିବାର ଠିକ୍ ପୂର୍ବରୁ ସେ ମୋ' କାନରେ ଫିସଫିସ୍ କହିଗଲା,'ଏବେବି ଅନେକେ ବାକି ଯେଉଁମାନେ ଦିନେ ଏ କଳେବରକୁ ସମ୍ପୂର୍ଣ୍ଣତାଆଡ଼କୁ ନେବାକୁ ପ୍ରଲୋଭିତ ହେବେ। ଏବେବି ଅନେକେ ବାକି ଯେଉଁମାନେ ଦିନେ ଏ କଳେବରକୁ ସମ୍ପୂର୍ଣ୍ଣତାଆଡ଼କୁ ନେବାର ଅଧିକାର ମାଗିବେ। ଏବେବି ଅନେକେ ବାକି ଯେଉଁମାନେ ଏ କଳେବରକୁ ସମ୍ପୂର୍ଣ୍ଣତା ଦେବାର ଯାତ୍ରାରେ କାଳକ୍ରମେ ନିଜେ ନିଜେ ସମ୍ପୂର୍ଣ୍ଣତା ଲଭିବେ।'

ତା'ପରେ କିଛି ସମୟ ସେ ନୀରବତା ସାଧିଲା। ଦୃଷ୍ଟିକୁ ଦୂର ଦିଗ୍‌ବଳୟ ଦିଗରେ ପେଶି ସେ ନିଜେ ନିଜକୁ ଆଦେଶ ଦେବା ପରି କହିଲା, 'ସେହି ଅନେକଙ୍କ ପାଇଁ ଏ କଳେବର ଆଜି ବି ଅସମ୍ପୂର୍ଣ୍ଣ..... ଚିରକାଳ ରହିବ ଅସମ୍ପୂର୍ଣ୍ଣ।'

# ଭୋଜିଭାତ

**ଜ୍ଞାନ ହୋତା**

ମୁଁ ବହୁଦିନୁ ରାତ୍ରୀଭୋଜନ ଛାଡ଼ି ଦେଇଚି। ହେଲେ ଆମର ତ ଆଜିକାଲି ପ୍ରାୟ ଭୋଜିଭାତ ରାତିରେ। ଖାଏ କି ନ ଖାଏ ଯିବାକୁ ପଡୁଚି, ଦେବାକୁ ପଡୁଚି। ପରିବାରର ଅନ୍ୟ ସଦସ୍ୟଙ୍କ ଖିଆପିଆ ସରିବା ଯାଏଁ ସେଇଠି ଠିଆ ହେବାକୁ ପଡୁଚି। ଠିଆ ହେଇ କରିବି କ'ଣ? ଗହଳିରେ ଆଖି ବୁଜି ଆତ୍ମସମୀକ୍ଷା ତ କରିବିନି। ସେଇଠି ଆତଯାତ ହେଉଥିବା ମଣିଷଙ୍କୁ ଅନୁଧ୍ୟାନ କରେ। ଥୋକେ ବିଧିମତ ଗୋଟାଏ କସରତ ଆରମ୍ଭ କରି ଦେଇଥାନ୍ତି- ଦେଇଥିବା ପାଇସାଟା ଉଠେଇବେ କେମିତି। ଘରେ ମାଉଁସ ଖାଇଲାବେଳେ ଯୋଉମାନେ ହାଡ଼ରୁ ରସ ଟିକେ ବି ଛାଡ଼ନ୍ତି ନାଇଁ, ପୁରା ହାଡ଼ ଶୋଷାଡ଼ି ନିଅନ୍ତି, ସେମାନେ ଏଇଠି ଉପରୁ ଉପରୁ କଅଁଳିଆ ମାଂସକୁ ଛେଲି ଖାଉଚନ୍ତି। ମାଉଁସଲଗା ହାଡ଼ଖଣ୍ଡକୁ ବି ଫୋପାଡ଼ି ଦେଉଚନ୍ତି ଡଷ୍ଟବିନରେ। ନିର୍ବିକାର ଭାବରେ ଅଧପ୍ଲେଟ୍ ଖାଦ୍ୟ ଛାଡ଼ି ଯାଉଚନ୍ତି ପ୍ଲେଟରେ। ଏମାନଙ୍କ ପ୍ଲେଟରେ ଏତେଖାଦ୍ୟ ବଳିବା ପାଇଁ କେବଳ ଏମାନଙ୍କୁ ଦାୟୀ କରାଯାଇପାରିବନି। କିଛି ମାମଲତି କରୁଥିବା ଦାତାଷଣ୍ଢ ଏଥିପାଇଁ ଦାୟୀ। ହଇଓ! ବଫେ ସିଷ୍ଟମ୍ ତ ହେଇଚି। ସେମାନେ ତାଙ୍କର ଆଣିକି ଖାଇବେ। ନ ହେଲେ କ୍ୟାଟରିଂ ବାଲା ଦେବେ। ତମେ କାହିଁ ହାତ ପୁରେଇ ଜବରଦସ୍ତି ଏତେ ଏତେ ବାଢ଼ି ଦେଉଚ? ଖାଇସାରିଲା ପରେ ବି ହିସାବ କିତାବ ବରାବର ହେଇ ନ ଥାଏ ବୋଧେ। ଫେରିଲାବେଳେ ଆଖି ପଡ଼େ ଆଇସ୍କ୍ରିମ୍ ଉପରେ। ଯହା ଖାଇବାର ଅଛି ଖାଇଦେବା। ହେଲେ ଖାଇକି କେବଳ ମନ ବୁଝେଇ ହୁଏନି। ଦି'ଟା ଖଣ୍ଡେ ଧରି ବାହାର ଯାଏଁ ଯାଆନ୍ତି। ତରଳି ଆସୁଥିବା ଆଇସ୍କ୍ରିମ୍ ଦେଖି ମୁହଁ ଶୁଖିଯାଏ। କେବଳ ହାତରେ ବା ଭେନିଟି ବ୍ୟାଗରେ ଥିବା ସିଲ୍ ପାଣି ବୋତଲକୁ ଦେଖି ନିଜ ମନକୁ ବୁଝେଇ ଦିଆଯାଇପାରେ। ଏଇ ବୋତଲ ଦି'ଟା ତ ନେଇ ଆସି ପାରିଚୁ।






କଳିଙ୍ଗ ଷ୍ଟାଡିୟମରେ ଓଡିଶା ଏଫ୍‌ସି ଓ ମୋହନ ବାଗାନ ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ ମ୍ୟାଚ ଦେଖିବା ସହ ଖେଳାଳିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

# ସମୁଦ୍ରରେ ଯୁବକ ନିଖୋଜ

**ପୁରୀ, ୧୦ା୧୧ (ସଂଚାର ବ୍ୟୁରୋ):** ସମୁଦ୍ରରେ ସ୍ନାନ ବେଳେ ନିଖୋଜ ହୋଇଗଲେ ଯୁବକ। ହୋଟେଲ ଭିକ୍ଟୋରିଆ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିବା ବେଳେ ନିଖୋଜ। ନିଖୋଜ ଯୁବକ ହେଉଛନ୍ତି ଭଦ୍ରକ ଅଞ୍ଚଳର ଆୟୁଷ ମହାପାତ୍ର। ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ ଆୟୁଷ। ଆଜି ମଧ୍ୟାହ୍ନ ସମୟରେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ହୋଇଛନ୍ତି ନିଖୋଜ। ଲାଇଫ ଗାର୍ଡ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଚାଲିଛି ଖୋଜାଖୋଜି। ଏପର୍ଯ୍ୟନ୍ତ ଆୟୁଷଙ୍କର କୌଣସି ପତ୍ତା ମିଳିନାହିଁ।



## ପାଉଁଶ ପୋଖରୀ ବିବାଦ

# ଗଠନ ହେବ ସମନ୍ୱୟ କମିଟି

**ସମ୍ବଲପୁର, ୧୦ା୧୧ (ସଂଚାର ବ୍ୟୁରୋ):** ଅନୁଗୁଳ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର ଆଦି ଜିଲ୍ଲାରେ ବେଆଇନ ପାଉଁଶ ପୋଖରୀକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିବା ବେଳେ ଆଜି ରାଜସ୍ୱ ମନ୍ତ୍ରୀ ଏହାର ସମୀକ୍ଷା କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନେଇ ଜିଲ୍ଲା ପ୍ରଶାସନକୁ ନିୟମିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସମନ୍ୱୟ କମିଟି ଗଠନ କରି ବେଆଇନ ପାଉଁଶ ପୋଖରୀ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ବଲପୁର ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ କାର୍ଯ୍ୟାଳୟ ଠାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲା ଗୁଡିକରେ ଶିଳ୍ପଗୁଡିକ ଦ୍ୱାରା ନିଷ୍କାସିତ ପାଉଁଶ ପକାଇବାର ଉପଯୁକ୍ତ ପରିଚାଳନା ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ସମ୍ବଲପୁରରେ ପ୍ରାୟ ୯୪% ତାପଜ ବିଦ୍ୟୁତ ଉତ୍ପାଦନ କରି ରାଜ୍ୟକୁ ଯୋଗାଇଥାନ୍ତି। କିନ୍ତୁ ବିଦ୍ୟୁତ ଉତ୍ପାଦନ ସହିତ ଅନ୍ୟ ସମସ୍ୟା ମଧ୍ୟ ଉପୁଜିଥାଏ ଯାହା ହେଉଛି ନିଷ୍କାସିତ ପାଉଁଶ (ଫ୍ଲାଇ ଆଶ୍) । ଏହାର ଉପଯୁକ୍ତ ପରିଚାଳନା ଏବଂ ଜନସାଧାରଣ ଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ଏବଂ ସମାଧାନ ପ୍ରସ୍ତାବ ଉଦ୍ଦେଶ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, କେନ୍ଦ୍ରମନ୍ତ୍ରୀ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି, ସୁନ୍ଦରଗଡ ସାଂସଦ ଜୁଏଲ ଓରାମଙ୍କ ପ୍ରତିନିଧି, ସମ୍ବଲପୁର ବିଧାୟକ ଜୟନାରାୟଣ



ମିଶ୍ର, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ସିଏସ ରାଜନ ଇକ୍କା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

ରାଜ୍ୟ ପ୍ରଦୂଷଣ ଏବଂ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ଏବଂ ଚିଫ ଇଞ୍ଜିନିୟର ଆଭାସୀ ମାଧ୍ୟମରେ ଯୋଗ ଦେଇ ଆଇନଗତ ଓ ପରିବେଶ ପ୍ରଭାବ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ। ସେଇଭଳି ଯାନ୍ତ୍ରିକ ନିର୍ଦ୍ଦେଶକ, ମହାନଦୀ କୋଲ ଫିଲ୍ଡ ଲିମିଟେଡ (ଏମ.ସି.ଏଲ) ଉପସ୍ଥିତ ରହି ପୁରୁଣା ଖଣି ଖାଦାନର କିଭଳି ବ୍ୟବହାର କରିହେବ ତାର ବ୍ୟବସ୍ଥାଗତ ଦିଗ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ବିଧାୟକମାନେ ବର୍ତ୍ତମାନର ଅସୁବିଧା ବିଷୟରେ ଆଲୋକପାତ କରିବା ସହ ଅନେକ ପ୍ରସ୍ତାବ ଦେଇଥିଲେ।

ଉପରୋକ୍ତ ବୈଠକରେ ଜନସାଧାରଣଙ୍କୁ ସ୍ୱଚ୍ଛ ଜଳ, ବାୟୁ ଓ ନିରାପଦ ପରିବେଶ ଯୋଗାଇଦେବା ପରିପ୍ରେକ୍ଷୀରେ ଶିଳ୍ପଗୁଡିକ ଦ୍ୱାରା ନିଷ୍କାସିତ ଫ୍ଲାଇ ଆଶ୍ ଡମ୍ପିଂ, ଫ୍ଲାଇ ଆଶ୍ ପରିବହନ, ଫ୍ଲାଇ ଆସର ଉପଯୁକ୍ତ ବ୍ୟବହାର, ଫ୍ଲାଇ ଆସର ନିଷ୍କାସନ ଆଦି ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଭୂତଳ ଜଳର ଗୁଣବତ୍ତା ଯାଞ୍ଚ କରିବା ସହିତ ଭୂତଳ ଜଳ ଉପରେ ଫ୍ଲାଇ ଆଶ୍ ଡମ୍ପିଂର ପ୍ରଭାବ ସମ୍ପର୍କରେ ପରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଏହି ସବୁ ଅଞ୍ଚଳରେ ଭୂତଳ ଜଳର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦାଖଲ ପାଇଁ ଦୁଇ ମାସ ସମୟ ଦିଆଯାଇଛି। ବେଆଇନ ଭାବେ ଫ୍ଲାଇ ଆଶ୍ ଫିଙ୍ଗିବା ରୋକିବା ପାଇଁ ଜିଲ୍ଲା ପ୍ରଶାସନକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ । ଯେଉଁ ଅଞ୍ଚଳରେ ଫ୍ଲାଇ ଆଶ୍ ଫିଙ୍ଗି ଦିଆଯାଉଛି ସେଠାରେ ଜନଜୀବନ ପ୍ରତି ଯେପରି କୌଣସି ପ୍ରକାର ବିପଦ ସୃଷ୍ଟି ନହୁଏ ସେଥିପାଇଁ ଥିବା ନିୟମାବଳୀକୁ ଅନୁସରଣ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏକ ପ୍ରମୁଖ ଚିନ୍ତାର ବିଷୟ ହେଉଛି ଫ୍ଲାଇ ଆଶର ପରିବହନ, ଯାହାକୁ ଅନେକ ଥର ନଘୋଡାଇ ପରିବହନ କରାଗଲେ ରାସ୍ତାରେ ପଡିଯାଇଥାଏ, ଏହାର ମୁକାବିଲା ପାଇଁ ଫ୍ଲାଇ ଆସ୍ ଡମ୍ପିଂ ସମୟ ନିର୍ଦ୍ଧାରଣ କରାଗଲେ ଯାହାଦ୍ୱାରା ଏ ସମ୍ପର୍କରେ ଅଧିକ ସ୍ପଷ୍ଟ ଭାବରେ କାର୍ଯ୍ୟକାରୀ କରାଯାଇପାରିବ। କୌଣସି ଅଘଟଣ କିମ୍ବା ବେଆଇନ ଡମ୍ପିଂ ଯେପରି ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ,ଜିଲ୍ଲା ପରିବହନ ଅଧିକାରୀ, ସମ୍ପୃକ୍ତ ଜିଲ୍ଲା ଲୋକ ପ୍ରତିନିଧିଙ୍କ ମିଳିତ ଭାବରେ ଏକ ସମନ୍ୱୟ କମିଟି ଗଠନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପାୟନ ନିମନ୍ତେ ଅନୁମତି ଠାରୁ ଫ୍ଲାଇ ଆଶ୍ ଡମ୍ପିଂର ପରିଚାଳନା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି । ଏହି ଅଞ୍ଚଳରେ ସର୍ବାଧିକ ଶିଳ୍ପ ଗୁଡିକ ଥିଦିଆଯାଇଛିବାରୁ ଅନ୍ୟ ଏକ ପ୍ରମୁଖ ଚିନ୍ତା ଉପରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ ଯାହା ହେଉଛି ଜଳାଶୟ ଗୁଡିକରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ନିରାକରଣ କରିବା ପାଇଁ ଜଳାଶୟ ଗୁଡିକରେ ବର୍ଜ୍ୟଜଳ ନିଷ୍କାସନ ପୂର୍ବରୁ ବିଶୋଧନ କରାଯିବା ଆବଶ୍ୟକ ଏବଂ ବର୍ଜ୍ୟବସ୍ତୁକୁ ପୁନଃବ୍ୟବହାର କରିବା ପାଇଁ ଉପଯୁକ୍ତ ପଦ୍ଧତି କୁ ଅନୁପାଳନ କରାଯିବା ଆବଶ୍ୟକ ବୋଲି କହିଥିଲେ । ମାନ୍ୟବର ରାଜସ୍ୱ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆଜି ଅନୁଷ୍ଠିତ ଆଲୋଚନା ଏକ ବହୁତ ଭଲ ପ୍ରାରମ୍ଭ, ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି ବିକଶିତ ହେବାକୁ ଥିବା ବ୍ୟବସ୍ଥା ଫଳପ୍ରଦ ହେବ ଏବଂ ଏକ ବିକଶିତ ଦେଶ ଗଠନ ରେ ସହାୟକ ମଧ୍ୟ ହେବ ।

# ବହୁ ଦେଶୀୟ କମ୍ପାନୀଙ୍କ ମୋହରେ ସ୍ଥାନୀୟ ଲୋକଙ୍କୁ ଭୁଲିଗଲେ

**ଯାଜପୁର, ୧୦ା୧୧ (ସଂଚାର ବ୍ୟୁରୋ) :** କଳିଙ୍ଗନଗର ଶିଳ୍ପ ପୁଂଜ ସୁକିନ୍ଦାବାସୀଙ୍କ ଅକୁଣ୍ଠ ସମର୍ଥନ, ସ୍ଥାନୀୟ ନେତୃତ୍ୱଙ୍କ ପ୍ରତକ୍ଷ ସହଯୋଗ ଏବଂ ବି.ଜେ.ଡି ସରକାରଙ୍କ ପ୍ରବଳ ଇଚ୍ଛା ଶକ୍ତି ବଳରେ ନବେଦଶକରୁ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ଏହା ହେବା ଦ୍ୱାରା ଲକ୍ଷ ଲକ୍ଷ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଯେ ଲାଭବାନ ହୋଇଛନ୍ତି ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ମାତ୍ର ଏଥିପାଇଁ ସ୍ଥାନୀୟ ଲୋକମାନଙ୍କ ତ୍ୟାଗ ଏବଂ ବଳିଦାନକୁ କେହି ଭୁଲିବା ଉଚିତ ନୁହେଁ । କିନ୍ତୁ ଟାଟା, ଜିନ୍ଦଲ ପରି ବୃହତ କାରଖାନା ମାନଙ୍କରେ ଠିକାଦାର ପାଖରେ ଲେବର କାମ ବ୍ୟତୀତ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ମାନେ କଂପାନୀ ମାନଙ୍କରେ ସିଧା ସଳଖ ନିୟମିତ ନିଯୁକ୍ତିରୁ ବଂଚିତ ହୋଇଛନ୍ତି ।

ଅନ୍ୟପକ୍ଷରେ ବିସ୍ଥାପିତ ପରିବାରରୁ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଅବସର କିମ୍ବା ଅବସର ପୂର୍ବରୁ ମୃତ୍ୟୁ ବରଣ କଲେ ତା ପରିବାରରୁ ଜଣକୁ ନିଯୁକ୍ତି ଦେବା ଅଥବା ନୂଆ ନିଯୁକ୍ତି ସମୟରେ କ୍ଷତିଗ୍ରସ୍ତ ବିସ୍ଥାପିତ ଆଦିବାସୀ ପରିବାରର ଯୋଗ୍ୟ ବେକାର ଯୁବକମାନଙ୍କ ନିଯୁକ୍ତି କଥାକୁ ବଡ ବଡ କଂପାନୀ ବାରମ୍ବାର ଅନ୍ଦୋଳନ ସତ୍ତ୍ୱେ ମଧ୍ୟ ଗ୍ରହଣ କରୁ ନାହାନ୍ତି । ଭୁଲି ଯିବା ଉଚିତ ନୁହେଁ ଯେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ସର୍ବାଧିକ ସଂଖ୍ୟା ହେଉଛି ଆଦିବାସୀ ସଂପ୍ରଦାୟ । ଦୀର୍ଘଦିନ



ଧରି ବନ୍ଦ ହୋଇ ପଡିଥିବା ମେସ୍କୋ କାରଖାନକୁ ପୁନଃ ଚଳନକ୍ଷମ କରିବାକୁ କଂପାନୀ କର୍ତ୍ତୃପକ୍ଷ ନାଁ ଧରୁ ନାହାନ୍ତି, ଯାହା ଫଳରେ ସ୍ଥାନୀୟ ବିସ୍ଥାପିତ ପରିବାରର ସଦସ୍ୟମାନେ ରୋଜଗାର ହରାଇ ଅର୍ଥିକ ଦୁର୍ଦ୍ଦଶା ମଧ୍ୟ ଦେଇ କାଳାତିପାତ କରୁଛନ୍ତି । ପ୍ରଶାସନ ମଧ୍ୟ ମେସ୍କୋ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ।

ଏହିସବୁ ଘଟଣାକୁ ନେଇ କଳିଙ୍ଗନଗରରେ ଅସନ୍ତୋଷର ପରିବେଶ ଥିବାବେଳେ ଟାଟା କଂପାନୀର କାର୍ଯ୍ୟ ୩ ମିଲିୟନ ଟନ୍ ରୁ ୮ ମିଲିୟନ ଟନ୍ କୁ ସଂପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଟାଟା ପରିଚାଳିତ ନୀଳାଚଳ ଇସ୍ପାତ କାରାଖାନାକୁ ୧ ମିଲିୟନ ଟନ୍ ରୁ ୯.୫ ମିଲିୟନ୍ ଟନ୍ କୁ ବୃଦ୍ଧି କରିବା ପାଇଁ ଆସନ୍ତା ନଭେମ୍ବର ମାସ ୨୯ ତାରିଖ ଦିନ ଜନ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ସବୁ କାରଖାନାର ଜନଶୁଣାଣି ବେଳେ ଜନସାଧାରଣ ସବୁବେଳେ ସହଯୋଗର ହାତ ବଢାଇ ଥାଆନ୍ତି । ଜନ ଶୁଣାଣି ବେଳେ ଜନସମର୍ଥନ ହାତେଇବାକୁ ଜନସାଧାରଣଙ୍କ ସମସ୍ତ ଦାବୀକୁ କାରଖାନା କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପୂରଣ କରିବା ପାଇଁ ଦୃଢ ପ୍ରତିଶ୍ରୁତି ଦେଇଥାନ୍ତି । ମାତ୍ର ଜନଶୁଣାଣି ସଫଳ ହୋଇଗଲା ପରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଏ । ସଂପ୍ରତି କାରଖାନା କର୍ତ୍ତୃପକ୍ଷ ସର୍ବୋପରି ଜିଲ୍ଲା ପ୍ରଶାସନ ଏବଂ ସରକାର ଜନତାଙ୍କ ଦାବୀ ପୁରଣ ଉପରେ କଠୋର ପଦକ୍ଷେପ ନେବା ଉଚିତ । ନୀଳାଚଳ ଇସ୍ପାତ କାରଖାନାର ସଂପ୍ରସାରଣ ହୋଇ ୯.୫ ନିୟୁତ ଟନକୁ ବୃଦ୍ଧି ପାଇଲେ ସାରଙ୍ଗପୁରବାସୀ ବର୍ତ୍ତମାନ ସ୍ଥାନରେ ବାସ କରିବା ଅସମ୍ଭବ ହୋଇ ପଡିବ । ତେଣୁ ୨୦୧୨ ମସିହାରେ ୫ମ ଆଇପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସାରଙ୍ଗପୁର ଗ୍ରାମ ଏବଂ ବାରାଗଡିଆ ହରିଜନ ସାହିକୁ ବିସ୍ଥାପିତ କରିବାକୁ ହେବ । ବଢୁଥିବା ପ୍ରଦୁଷଣର ପ୍ରଭାବକୁ ନିୟନ୍ତ୍ରଣ କରିବା, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବା, କଂପାନୀରେ ବିସ୍ଥାପିତ ଏବଂ କ୍ଷତିଗ୍ରସ୍ତ ପରିବାର ସହିତ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ନେବା ଆବଶ୍ୟକ ।

# ପ୍ରତାପ ଷଡଙ୍ଗୀଙ୍କ ଜନ୍ମଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

**ନୀଳଗିରି, ୧୦ା୧୧ (ସଂଚାର ବ୍ୟୁରୋ):** ନୀଳଗିରି ମାଟିର ଗର୍ବ ଓ ଗୌରବ, ଓଡ଼ିଶା ରାଜନୀତିରେ ସ୍ୱଚ୍ଛତାର ପ୍ରତୀକ ମାନ୍ୟବର ପୂର୍ବତନ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ୭୦ ତମ ଜନ୍ମଦିବସ ଉପଲକ୍ଷେ ରବିବାର ନୀଳଗିରିରେ ଭିନ୍ନ ଭିନ୍ନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି।

ନୀଳଗିରି ପୋଷ୍ଟ ଅଫିସ ପାଖ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ସକାଳ ୯ ଘଟିକାରେ ଏକ ବିଶାଳ ରକ୍ତଦାନ ଶିବିରକୁ ସାଂସଦ ଉଦଘାଟନ କରିବା ସହ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମାନ୍ୟବର ସାଂସଦଙ୍କୁ ଦଳୀୟକର୍ମୀ, ଶୁଭେଚ୍ଛୁ, ସମର୍ଥକ, ସାଧାରଣ ଲୋକ ସମ୍ବର୍ଦ୍ଧନା କରିଥିଲେ। ଏଠାରେ ଆୟୋଜିତ ରକ୍ତଦାନ ଶିବିରରେ ୧୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ଯୁବ ସ୍ୱାଭିମାନ ମଞ୍ଚ ତରଫରୁ ମିତ୍ରପୁର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମାନ୍ୟବର ସାଂସଦଙ୍କ ପ୍ରଚେଷ୍ଟାରେ ନିଜଗଡ଼ ବିଦ୍ୟାଳୟକୁ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ରୂପରେ ଉଦଘାଟନ କରାଯାଇଥିଲା। ଏଠାରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ୨୫ ଟି ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ପରେ ନୀଳଗିରି ଧୋବାଶିଳା ସ୍ଥିତ କୃଷ୍ଣ ସୁକୁରି କନ୍ୟାଶ୍ରମ ରେ ମାନ୍ୟବର ସାଂସଦ ତାଙ୍କ ସମର୍ଥକ ମାନଙ୍କ ସହିତ ଅନାଥ ପିଲା ମାନଙ୍କ ସହ କିଛି ସମୟ ବିତାଇବା ସହ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ନୀଳଗିରି ଦୁର୍ଗା ମଣ୍ଡପ ଛକରେ ରାସ୍ତାରେ ହେଲମେଟ ପିନ୍ଧିନଥିବା ଲୋକ ମାନଙ୍କୁ ମାଗଣାରେ ହେଲମେଟ ପ୍ରଦାନ କରି ହେଲମେଟ ପିନ୍ଧି ବାଇକ ଚଲାଇବାକୁ ଆହ୍ୱାନ କରିଥିଲେ। ଆଜିର ଏହି ଦୁଇଟି ସ୍ଥାନର କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ମହେନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ରବୀନ୍ଦ୍ର ନାୟକ, ସରସ୍ୱତୀ ନନ୍ଦ, ମନୋରଞ୍ଜନ ବେହେରା, ସବ୍ୟସାଚୀ ମହାପାତ୍ର, ସୁରଞ୍ଜନ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି, ଗୋପୀବଲ୍ଲଭ ରାଉତ, ପଙ୍କଜ ପଣ୍ଡା, ରାକେଶ ମହଲ, ତାପସ ମହାନ୍ତି, ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଜୟଦେବ ହେଲ୍‌ଥକେୟାରରେ ପିତ୍ତକୋଷରୁ ୧୨ ଏମଏମ ଷ୍ଟୋନର ସଫଳ ଅସ୍ତ୍ରୋପଚାର

**ବାଲିଅନ୍ତା, ୧୦ା୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ସ୍ଥିତ ଜୟଦେବ ହେଲଥକେୟାରରେ ଆଜି ଜଣେ ରୋଗୀଙ୍କ ପିତ୍ତକୋଷରେ ହୋଇଥିବା ୧୨ ଏମଏମ ଷ୍ଟୋନର ସଫଳ ଅସ୍ତ୍ରୋପଚାର କରାଯାଇଛି। ସ୍ମୃତିରେଖା ଦାଶ ନାମକ ଜଣେ ରୋଗୀ ଦୀର୍ଘଦିନ ହେଲା ପେଟରୋଗରେ ପୀଡ଼ିତ ଥିଲେ। ପରୀକ୍ଷାନିରୀକ୍ଷାରୁ ସ୍ମୃତିରେଖାଙ୍କ ପିତ୍ତକୋଷରେ ବିପଜ୍ଜନକ ଅବସ୍ଥାରେ ଷ୍ଟୋନ ରହିଥିବା ଡାକ୍ତର ଚିହ୍ନଟ କରିଥିଲେ। ଜୟଦେବ ହେଲଥ କେୟାରର ଏମଡି ଡାକ୍ତର ତାପସ ରଞ୍ଜନ ଦାଶଙ୍କ କହିବା ଅନୁସାରେ ୧୨ ଏମଏମ ଆକାରର ଅନେକ ଷ୍ଟୋନ ରୋଗୀ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଅଧିକାଂଶ ରୋଗୀଙ୍କ କ୍ଷେତ୍ରରେ ଷ୍ଟୋନ ୪ରୁ ୬ ଏବଂ ୬ରୁ ୮ ଏମ ଏମ ଅସ୍ତ୍ରୋପଚାର କରାଯାଇଥାଏ। ହେଲେ ସ୍ମୃତିରେଖାଙ୍କ ପିତ୍ତକୋଷରେ ୧୨ ଏମଏମ ସାଇଜର ୧୦ ଗୋଟି ଷ୍ଟୋନ ଅସ୍ତ୍ରୋପଚାର କରାଯାଇଥିଲା। ଯାହାକି ତାଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲା। ଦୀର୍ଘ ସମୟ ଧରି କରାଯାଇଥିବା ଏହି ଅସ୍ତ୍ରୋପଚାରରେ ଡାକ୍ତର ପି କେ ମଜୁମଦାର, ଡାକ୍ତର ଜଗନ୍ନାଥ ତ୍ରିପାଠୀ, ସିଇଓ ଡାକ୍ତର ଆରତୀ ବିଶ୍ୱାଳଙ୍କୁ ସ୍ୱାସ୍ଥ୍ୟକର୍ମୀ ସୋନାଲୀ ନାୟକ, ଗୀତାଞ୍ଜଳୀ ପଟ୍ଟନାୟକ, କୃଷ୍ଣପ୍ରିୟା ଦାଶ, ଫାର୍ମସିଷ୍ଟ ସତ୍ୟବ୍ରତ ନାୟକ ସହଯୋଗ କରିଥିଲେ। ବର୍ତ୍ତମାନ ସ୍ମୃତିରେଖାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂପୂର୍ଣ୍ଣ ସୁସ୍ଥ ଅଛି।

# ନୂତନ ମନ୍ଦିର ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଚିହ୍ନଟ

**ଖୋର୍ଦ୍ଧା, ୧୦ା୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅଧିନ ଜାମୁକୋଳି ପଂଚାୟତ ବରକୁଦା ପାଞ୍ଚଗାଁ ଠାରେ ଐତିହାସିକ ଲବଣଗିରି ପାହାଡ଼ ଉପରେ ନିର୍ମାଣ ହେଉଛି କୋଟି ଓଡ଼ିଆର ମଉଡ଼ମଣି ପ୍ରଭୁ ଜଗନ୍ନାଥଙ୍କ ନୂତନ ମନ୍ଦିର। ଦୀର୍ଘ ୨୫ ବର୍ଷ ଧରି ଏଠାରେ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଇ ଆସୁଛନ୍ତି, ନୀତିକାନ୍ତି ସହ ପ୍ରତ୍ୟେକ ବର୍ଷ ଏଠାରେ



ଅନୁଷ୍ଠିତ ହୁଏ ରଥଯାତ୍ରା। ନୂତନ ବିଗ୍ରହ ନିର୍ମାଣ ବିଧି ମୁତାବକ ଦାରୁ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ସହ ୨୧ ଦିନ ମଧ୍ୟରେ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସରି ନୂତନ ବିଗ୍ରହରେ ପୂଜା ପାଇବେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ। ଚଳିତ ବର୍ଷ ଏହି ପାହାଡ଼ ଉପରେ ନିର୍ମାଣ ଚାଲିଥିବା ମନ୍ଦିର ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ଅବସ୍ଥାରେ। ନୂତନ ମନ୍ଦିରରେ ପୂଜା ପାଇବେ ଦାରୁ ବିଗ୍ରହ। ଏହି ପରିପ୍ରେକ୍ଷୀରେ ଆଜି ପୁରୀ ବଡଦେଉଳ ସୁଭଦ୍ରାଙ୍କ ବାଢ଼ଗ୍ରାହୀ ରାମଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଦାରୁ ଚିହ୍ନଟ ସହ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଛି। ପାଞ୍ଚଗାଁ ଶୁକଦେବ ସ୍ୱାଇଁଙ୍କ ବାଡିରୁ ବଳଭଦ୍ର ଏବଂ ଜଗନ୍ନାଥଙ୍କ ଦାରୁ କାଠ ସଂଗ୍ରହ କରାଯାଇଥିବା ବେଳେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରୁ ସୁଭଦ୍ରା ଏବଂ ସୁଦର୍ଶନଙ୍କ ଦାରୁ ନିର୍ମାଣ ପାଇଁ କାଠ ଚିହ୍ନଟ କରାଯାଇଛି। ଶନିବାର ବିଶିଷ୍ଟ ଶିଳ୍ପପତି ତିରୁପତି ପାଣିଗ୍ରାହୀ, ଜଟଣୀ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଏବଂ ପାଞ୍ଚଗାଁ ସମେତ ମୁଣ୍ଡଳ, ବରକୁଦା, ଜାମୁକୋଳି, ପଧାନସାହି, ବୀରବନ୍ଧ ଇତ୍ୟାଦି ଗ୍ରାମର ଲୋକମାନେ ଦାରୁ ଚିହ୍ନଟ ସ୍ଥାନରେ ଉପସ୍ଥିତ ରହି ରୀତିନୀତି ଅନୁସାରେ ଦାରୁ କାଠକୁ କାଟିଥିଲେ। ରବିବାର ପବିତ୍ର ଅଁଳା ନବମୀ ତିଥିରେ ୩ ଟି ଶଗଡ଼ ଯୋଗେ ଦାରୁ ଗୁଡିକୁ ଲବଣଗିରି ପାହାଡ଼ ଉପରକୁ ନିଆଯାଇଛି। ବିଶିଷ୍ଟ କାରିଗର ଚିନ୍ତାମଣି ମହାରଣା ପ୍ରଭୁଙ୍କ ଆଶୀର୍ବାଦ ନେଇ ୨୧ ଦିନ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ କରିବେ ବୋଲି ପ୍ରକାଶ କରିଛନ୍ତି। ନୂତନ ଭାବେ ନିର୍ମାଣ ମନ୍ଦିରରେ କୋଟି ହୃଦୟର ଠାକୁରଙ୍କ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଇବେ ତେଣୁ ଅଞ୍ଚଳବାସିଙ୍କ ମନରେ ଖୁସିର ବାତାବରଣ ସୃଷ୍ଟି ହୋଇଛି ।

# ମହିଳା ୟୁଟ୍ୟୁବରଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍

## ବ୍ଲାକମେଲିଂ ଓ ହତ୍ୟା ଧମକ ପରେ ଥାନାରେ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୦ା୧୧ (ସଂଚାର ବ୍ୟୁରୋ):** ପୂର୍ବତନ ଫାଇନାନ୍ସ କର୍ମଚାରୀଙ୍କ ଏକ ତରଫା ପ୍ରେମର କରୁଣ ପରିଣତି । ମହିଳା ୟୁଟୁବରଙ୍କୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ପ୍ରତିଶୋଧ ପାରାୟଣ ଯୁବକ ଙ୍କ ଭୟଙ୍କର କାରନାମା । ମହିଳାଙ୍କୁ ବ୍ଲାକମେଲିଙ୍ଗ କରିବା ସହ ଫେକ ଇନଷ୍ଟାଗ୍ରାମ ଆଇଡି ଖୋଲି ମହିଳା ଙ୍କ ଫଟକୁ ଅଶ୍ଳୀଳ ଭାବେ ଏଡିଟିଂ କରି ଆପତ୍ତି ଜଣକ ଫଟୋ ଅପଲୋଡ଼ କରି ବଦନାମ କରିବାକୁ ଅପଚେଷ୍ଟା କରିଛନ୍ତି ଜଣେ ଯୁବକ।ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଅଞ୍ଚଳର ଜଣେ ମହିଳା ୟୁଟୁବର ଏକ ବର୍ଷ ତଳେ ରାହାମା ସ୍ୱନ୍ଦନା ଫାଇନାନ୍ସ ଶାଖା ରୁ ଋଣ ଆଣିଥିଲେ । ତେବେ ମାସିକ କିସ୍ତି ଆଦାୟ ପାଇଁ ସେହି ସ୍ୱନ୍ଦନା ଫାଇନାନ୍ସ ଶାଖାର ଜଣେ କର୍ମଚାରୀ ବିପ୍ଳବ ପରିଡା ମହିଳାଙ୍କ ଘରକୁ ଆସୁଥିଲେ ଓ ତାଙ୍କର ଜଣେ ପ୍ରଶଂସକ ବୋଲି କହି ବନ୍ଧୁତ୍ୱ ସ୍ଥାପନ କରିଥିଲେ । ମହିଳାଙ୍କ ଋଣ ପରିଶୋଧ ହେବା ପରେ ବିପ୍ଳବ ପୁଣି ବାରମ୍ବାର ଉକ୍ତ ମହିଳାଙ୍କ ଘରକୁ ଆସି ତାଙ୍କୁ ଏକ ତରଫା ପ୍ରେମ ନିବେଦନ କରୁଥିଲେ । ମହିଳା ଜଣଙ୍କ ବିବାହିତ ହୋଇଥିବାରୁ ବିପ୍ଳବଙ୍କ ପ୍ରେମ ନିବେଦନକୁ ଅସ୍ୱୀକାର କରିବା ପରେ ବିପ୍ଳବ ପ୍ରତିଶୋଧ ପାରାୟଣ ହୋଇ ମହିଳାଙ୍କ ନାମରେ ଫେକ୍ ଇନଷ୍ଟାଗ୍ରାମ ଆଇଡି ଖୋଲି ତାଙ୍କ ଫଟୋ କୁ ଅଶ୍ଳୀଳ ଭାବେ ଏଡିଟ କରି ଅପଲୋଡ଼ କରି ତାଙ୍କୁ ବ୍ଲାକମେଲିଙ୍ଗ କରିବା ସହ ମହିଳା ଜଣଙ୍କ ନାବାଳିକା ଝିଅକୁ ହତ୍ୟା କରିବ ବୋଲି ଧମକ ଦେଉଥିବା ପାଟକୁରା ଥାନାରେ ଏନେଇ ଅଭିଯୋଗ କରିଛନ୍ତି ଉକ୍ତ ମହିଳା । ଅଭିଯୋଗରେ ଦର୍ଶାଇଛନ୍ତି ଯେ ଯୁବକ ବିପ୍ଳବ ବାରମ୍ବାର ଫୋନ ରେ କଥା ହେବା ପାଇଁ ବାଧ୍ୟ କରିବା ସହ ତାଙ୍କୁ ଅଶ୍ଳୀଳ ମେସେଜ ଓ ଅଶ୍ଳୀଳ ଭଏସ ମେସେଜ କରୁଥିଲେ । ଯାହାର ପ୍ରମାଣ ମଧ୍ୟ ପୁଲିସ୍ କୁ ଦେଇଥିବା ଜାଣିବାକୁ ମିଳିଛି। ଏହା ସହ ସେ ମଧ୍ୟ ସାଇବର ସେଲ ରେ ଏକ ଅଭିଯୋଗ କରିଥିବା ଜାଣିବାକୁ ମିଳିଛି।

## ୫୦ଟଙ୍କା ପାଇଁ ଲହୁଲୁହାଣ

# ମା, ବାପା ଓ ପୁଅଙ୍କୁ ହାଣିଲା ଭାଇ

**ଅନୁଗୁଳ, ୧୦ା୧୧ (ସଂଚାର ବ୍ୟୁରୋ):** ଅନୁଗୁଳ ଜିଲ୍ଲା ଜରପଡା ଥାନା କୁଶିକିଳା ଗାଁରେ ଅଭାବନୀୟ ଘଟଣା । ୫୦ ଟଙ୍କା ପାଇଁ ବଚସା , ଟାଙ୍ଗୀଆ ଚୋଟ ଓ ଲୁହା ରଡ ମାଡରେ ପରିବାର ର ମା ,ବାପା ଓ ପୁଅ ଲହୁ ଲୁହାଣ । ଗୁରୁତର ଆହତ ଜଣଙ୍କ ଲବଙ୍ଗ ସାହୁ ଓ ପୁଅ ଲିକୁ ସାହୁ ବୋଲି ଜଣାପଡିଛି। ଆକ୍ରମଣ କାରୀ ହେଲେ ନିଜ ପୁତୁରା ଚିଣ୍ଟୁ ସାହୁ ଓ ତାଙ୍କ ବାପା ଭୁବନୀ ସାହୁ । ସୂଚନା ଯେ , ଦୁଇ ପରିବାର ଗୋଟିଏ ଘରେ ରହୁଥିବା ବେଳେ ଆଗରୁ ବିଭିନ୍ନ ଘଟଣାକୁ ନେଇ ବାରମ୍ବାର ଝଗଡା ହୋଇ ସମାନ ହୋଇଥାଏ । ହେଲେ ଲବଙ୍ଗ ପରିବାର ଲୋକ ଘରେ ନଥିବା ସମୟରେ ପୁଅ ଲିକୁଙ୍କ ପକେଟ୍ ଘରୁ ୫୦ଟଙ୍କା ଚୋରୀ ହୋଇଥିବା ବେଳେ ଲବଙ୍ଗ କିଏ ଚୋରୀ କରିଛି କହି ଗାଳି କରିଥିଲେ । ଫଳରେ ଉଭୟ ପରିବାରଙ୍କ ମଧ୍ୟରେ ବଚସା ହୋଇଥିଲା । ଚିଣ୍ଟି ଟାଙ୍ଗିଆ ଓ ତାଙ୍କ ବାପା ଲୁହା ରଡ ରେ ଆକ୍ରମଣ କରିଥିଲେ । ଗୁରୁତର ଆହତ ମା ଓ ପୁଅକୁ ପ୍ରଥମେ କୋଶଳା ପରେ ଅନୁଗୋଳ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ କୁ ସ୍ଥାନାନ୍ତର କରାଯାଇଛି।

# ନଗର ଉନ୍ନୟନ ବିଭାଗ ୩୦% ଅର୍ଥ ଖର୍ଚ୍ଚ କରିଛି

**ଭୁବନେଶ୍ୱର, ୧୦ା୧୧ (ତଥ୍ୟ) :** ଆର୍ଥିକ ବର୍ଷ ସରିବାକୁ ଆଉ ସାଢେ ଚାରି ମାସ ଥିବାବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ୍ ଅର୍ଥରୁ ଖର୍ଚ୍ଚ କରିବାକୁ ଥିବା ଧାର୍ଯ୍ୟ ଲକ୍ଷରୁ ୩୦ପ୍ରତିଶତ ବ୍ୟୟ କରିଛି। ବିଭାଗରେ ଶହ ଶହ ସଂଖ୍ୟାରେ କର୍ମଚାରୀ ଛଟେଇ ଚାଲିଥିବାରୁ ଟଙ୍କା କିଭଳି ଖର୍ଚ୍ଚ ହେବ ତାହା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହେଲାଣି।

୨୦୨୪-୨୫ ବର୍ଷରେ ବିଭାଗ ପାଇଁ ବଜେଟ୍‌ରେ ୯୬୦୩ କୋଟି ୩୩ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଡିସେମ୍ବର ଶେଷ ସୁଦ୍ଧା ୫୭୬୨ କୋଟି ଟଙ୍କା ଖର୍ଚ୍ଚ କରିବାର ଲକ୍ଷ୍ୟ ରଖାଯାଇଛି। ଯାହା କି ବଜେଟ୍ ବ୍ୟୟବରାଦର ୬୦ ପ୍ରତିଶତ। ତେବେ ବର୍ତ୍ତମାନ ସୁଦ୍ଧା ଏହି ଲକ୍ଷ୍ୟର ୩୦ ପ୍ରତିଶତ ବି ବ୍ୟୟ ହୋଇପାରି ନାହିଁ। ତେଣୁ ଡିସେମ୍ବର ଶେଷ ସୁଦ୍ଧା ୬୦ ପ୍ରତିଶତ ଓ ଆଉ ତିନି ମାସରେ ବଜେଟ୍‌ର ସମସ୍ତ ବ୍ୟୟବରାଦ ଅର୍ଥ ଖର୍ଚ୍ଚ କରିବେ ତାହା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଲାଣି।

ନଗର ଉନ୍ନୟନ ବିଭାଗରେ ଏବେ ୬୦୦ରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତି ଅବଧି ବୃଦ୍ଧି ପାଇପାରୁ ନାହିଁ। ସେପ୍ଟେମ୍ବର ଶେଷରୁ ଏମାନଙ୍କ ଚାକିରି ସରିଲାଣି। ମାସକର ଦରମା ବି ମିଳିନାହିଁ। ତେବେ




ନିଯୁକ୍ତି ଅବଧି ବୃଦ୍ଧି ଆଶାରେ କର୍ମଚାରୀମାନେ ଏବେ ବି କାର୍ଯ୍ୟ କରୁଛନ୍ତି। ବିନା ଦରମାରେ ଖଟୁଥିବା ଏହି କର୍ମଚାରୀମାନଙ୍କର ନିଯୁକ୍ତି ଅବଧି ବଢ଼ିବ କି ନାହିଁ ତାହା ସେମାନେ ମଧ୍ୟ ଜାଣିପାରୁ ନାହାନ୍ତି।

ତେବେ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥାରୁ ଆସିଥିବା ଏହି କର୍ମଚାରୀମାନେ ନଗର ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପରେ ନିଯୁକ୍ତ ହୋଇଥିଲେ। ପ୍ରକଳ୍ପଗୁଡିକ ଅର୍ଥ ବ୍ୟୟର ପ୍ରମୁଖ ଦିଗ ହୋଇଥିବାବେଳେ ଏଠାରେ ଏବେ କାର୍ଯ୍ୟ ଏକ ପ୍ରକାର ଶୂନ ହୋଇଗଲାଣି। ବିନା ପାଉଣାରେ ନିଯୁକ୍ତ କର୍ମଚାରୀମାନେ ପ୍ରକଳ୍ପ କାର୍ଯ୍ୟଗୁଡିକୁ କେତେ ଦୂର ଆଗେଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ବସୁଧା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟର ୩୬ ପ୍ରତିଶତ ବ୍ୟୟ ହୋଇଥିବାବେଳେ ସହରାଞ୍ଚଳରେ ସେପ୍ଟେଜ୍ ବ୍ୟବସ୍ଥା ପାଇଁ ଥିବା ଅର୍ଥ ମଧ୍ୟରୁ ୨୦ ପ୍ରତିଶତ ଖର୍ଚ୍ଚ ହୋଇଛି। ତେବେ ଜଳ ଯୋଗାଣ ପାଇଁ ଥିବା ୱାଟ୍‌କୋ ଅର୍ଥ ବ୍ୟୟ କ୍ଷେତ୍ରରେ ବେଶ୍ ଆଗରେ ରହିଛି। ସରକାରଙ୍କର ବହୁ ଆକାଂକ୍ଷିତ ମୁକ୍ତା ଯୋଜନାରେ ୫୪ ପ୍ରତିଶତ ଅର୍ଥ ବ୍ୟୟ ହୋଇଥିବାବେଳେ ବର୍ଷାଜଳ ସଂରକ୍ଷଣ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ଥିବା ଅର୍ଥରୁ ୨୫ ପ୍ରତିଶତ ବ୍ୟୟ ହୋଇଛି। ଦକ୍ଷତା ବିକାଶ ପାଇଁ ସୁଡାକୁ ଦିଆଯାଇଥିବା ଅର୍ଥରୁ ଟଙ୍କାଟିଏ ଖର୍ଚ୍ଚ ହୋଇପାରିନଥିବା ଜଣାଯାଇଛି।

ଇତି ମଧ୍ୟରେ ସହରାଞ୍ଚଳରେ ଲୋକଙ୍କ ହାତକୁ କାମ ଦେବାପାଇଁ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନା ଅନିଶ୍ଚିତତାରେ ଥିବାବେଳେ ଜଳସାଥିମାନେ ମଧ୍ୟ ଆଉ ପାଉଣା ପାଉନାହାନ୍ତି। ତେଣୁ ଏଭଳି ସ୍ଥିତିରେ ସରକାର ଯଦି କର୍ମଚାରୀମାନଙ୍କର ନିଯୁକ୍ତି ଅବଧି ବୃଦ୍ଧି ନେଇ ତତ୍କାଳ ନିଷ୍ପତ୍ତି ଗ୍ରହଣ ନକରିବେ ତେବେ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇପାରିବ ନାହିଁ ଓ ଆର୍ଥିକବର୍ଷ ଶେଷରେ ବରାଦ ଅର୍ଥର ସିଂହଭାଗ ପରବର୍ତ୍ତୀ ବର୍ଷକୁ ନେବାକୁ ବାଧ୍ୟ ହେବେ।

# ସତ ମାନିଲେ ଟ୍ରୁଡୋ

କାନାଡ଼ାରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତିକୁ ଶେଷରେ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସ୍ୱୀକାର କରିଛନ୍ତି। ତେବେ ସେ ଚତୁରତାର ସହିତ ନିଜ ବକ୍ତବ୍ୟକୁ ସଂଶୋଧନ କରି କହିଛନ୍ତି ଯେ, ଖଲିସ୍ତାନୀମାନେ ଶିଖ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁ ନାହାଁନ୍ତି। ଟ୍ରୁଡୋଙ୍କ ଏହି ବକ୍ତବ୍ୟକୁ ଭାରତର ନୈତିକ ବିଜୟ ବୋଲି କୁହାଯାଇପାରେ। ଭାରତ ଅନେକ ବର୍ଷ ହେବ କାନାଡ଼ାରେ ଖଲିସ୍ତାନୀଙ୍କ ଉପସ୍ଥିତି ଏବଂ ସେମାନଙ୍କୁ କାନାଡ଼ା ସରକାରଙ୍କ ସାହାଯ୍ୟ, ସହାୟତା ଏବଂ ସୁରକ୍ଷା ନେଇ ଅଭିଯୋଗ କରି ଆସୁଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କାନାଡ଼ା ସରକାର ଏହାକୁ ଖଣ୍ଡନ କରି ଆସୁଥିଲେ। କିନ୍ତୁ ସତ କେବେ ଲୁଚି ରହିପାରିବନି। ଏହା ଦିନେ ନା ଦିନେ ପଦାକୁ ବାହାରିବ। ଏବେ କାନାଡ଼ାରେ ଖଲିସ୍ତାନୀଙ୍କ ଉପସ୍ଥିତି, ଭାରତ ବିରୋଧୀ କାର୍ଯ୍ୟକଳାପକୁ ଟ୍ରୁଡୋ ସ୍ୱୀକାର କରିଛନ୍ତି। ଏଥିପାଇଁ ପରିସ୍ଥିତି ତାଙ୍କୁ ବାଧ୍ୟ କରିଛି। ଏହା କିଛି କମ କଥା ନୁହେଁ। ଏହା ମୋଦି ସରକାରଙ୍କ ଦୃଢ଼ ବୈଦେଶିକ ନୀତିର ସଫଳତାକୁ ପ୍ରମାଣିତ କରୁଛି। ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ସମସ୍ତେ ଅବଗତ। ଏହାର କାରଣ ଅନେକ ଥଇପାରେ। ପ୍ରଥମତଃ ସେ କାନାଡ଼ାରେ ବସବାସ କରୁଥିବା ଶିଖ ଧର୍ମାବଲମ୍ବୀ ବିଶେଷ କରି ଭାରତୀୟ ବଂଶୋଦ୍ଭବଙ୍କ ରାଜନୈତିକ ସମର୍ଥନ ପାଇଁ ଏଭଳି କରନ୍ତି। କାନାଡ଼ାରେ ବସବାସ କରୁଥିବା ଅଧିକାଂଶ ଶିଖ ଧର୍ମାବଲମ୍ବୀ ହେଉଛନ୍ତି ଖଲିସ୍ତାନ ସମର୍ଥକ। ସେମାନଙ୍କୁ ଖୁସି କରିବା ପାଇଁ ସେ ସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି। ତାଙ୍କ ସମୟରେ ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏବେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଭାରତ କାନାଡ଼ାସ୍ଥିତ ନିଜ ଦୂତାବାସରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି। ନୂଆଦିଲ୍ଲୀସ୍ଥିତି କାନାଡ଼ା ଦୂତାବାସର ୬ଜଣ କର୍ମଚାରୀଙ୍କୁ ଭାରତ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। କାନାଡ଼ା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଭାରତ ବିରୋଧରେ ଟ୍ରୁଡୋଙ୍କ ଅଭିଯୋଗର ପ୍ରତିବାଦରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଗତ ବର୍ଷ ଜୁନରେ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଖଲିସ୍ତାନୀ ନେତା ହତ୍ୟାର ଶୀକାର ହୋଇଥିଲେ। ତାଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ରହିଛି ବୋଲି ଟ୍ରୁଡୋ ମୂଳରୁ ଅଭିଯୋଗ କରି ଆସିଛନ୍ତି। କିନ୍ତୁ ଏହାର ପ୍ରମାଣ ଉପସ୍ଥାପନରେ ସେ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହାଁନ୍ତି। ଭାରତ ହେଉଛି ମହାତ୍ମା ଗାନ୍ଧିଙ୍କ ଦେଶ। ଅହିଂସା ହେଉଛି ଏହାର ନୀତି। ଶାନ୍ତି ଏହାର ଆଦର୍ଶ। ବିଶ୍ୱର କୌଣସି ଦେଶରେ ବି ଆତଙ୍କବାଦକୁ ଭାରତ ସମର୍ଥନ କରିନାହିଁ। ଆତଙ୍କବାଦକୁ ବିରୋଧ କରୁଥିବା ଦେଶର ତାଲିକାର ପ୍ରଥମ ସ୍ଥାନରେ ରହିଛି ଭାରତ। ସ୍ୱାଧୀନତା ପରଠାରୁ ଭାରତ ସବୁ ବେଳେ ଆତଙ୍କବାଦ ବିରୋଧରେ ସଂଘର୍ଷ କରିଆସୁଛି। ଭାରତ ଏକ ସହନ, ଗଣତାନ୍ତ୍ରିକ ରାଷ୍ଟ୍ର। ଏହାକୁ ପାକିସ୍ତାନ ସହ ତୁଳନା କରାଯିବା ଅନୁଚିତ। ଜଷ୍ଟିନ ଟ୍ରୁଡୋ ଏହା ଭଲଭାବେ ଜାଣିଛନ୍ତି। ଏହା ସତ୍ତ୍ୱେ କେବଳ ଭାରତକୁ ନିନ୍ଦିତ କରିବା ଏବଂ ସମାଲୋଚନା କରିବା ପାଇଁ ସେ ବାରମ୍ବାର ନିଜ୍ଜର ଭଳି ଏକ ଆତଙ୍କବାଦୀର ହତ୍ୟା ପାଇଁ ଭାରତକୁ ଦୋଷ ଦେଇ ଆସୁଛନ୍ତି। ନିଜ୍ଜରର ହତ୍ୟା କାନାଡ଼ାରେ ହୋଇଛି। ହତ୍ୟାକାରୀ କାନାଡ଼ାର ବାସିନ୍ଦା ହୋଇଥାଇପାରନ୍ତି। ଏହାର ଅନୁସନ୍ଧାନ କରି ହତ୍ୟାକାରୀଙ୍କୁ ଧରିବା ଏବଂ ଦଣ୍ଡିତ କରିବା ହେଉଛି କାନାଡ଼ା ପୋଲିସର କାର୍ଯ୍ୟ। ଏଥିରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ଅପରାଧୀଙ୍କୁ ଧରିବାରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ଏହା। ଭାରତର କାମ ନୁହେଁ। ନିଜ ବିଫଳତାକୁ ଲୁଚାଇବା ପାଇଁ ଟ୍ରୁଡୋ ଭାରତ ମୁଣ୍ଡରେ ଅଠା ବୋଳିବା ଦୁର୍ଭାଗ୍ୟଜନକ। ଭାରତରେ ଅନେକ ହତ୍ୟାକାଣ୍ଡ ହେଉଛି। ଅନେକ ହତ୍ୟା ପଛରେ ବିଦେଶୀ ଶକ୍ତି ବା ଆତଙ୍କବାଦୀଙ୍କ ହାତ ରହୁଛି। କିନ୍ତୁ ଭାରତ ସବୁ ବେଳେ ଅପରାଧୀକୁ ନିଜ ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଧରୁଛି ଏବଂ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡିତ କରୁଛି। ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ରାଜୀବ ଗାନ୍ଧିଙ୍କ ହତ୍ୟା, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂହଙ୍କ ହତ୍ୟା ପାଇଁ ଭାରତ କେବେ ପଡ଼ୋଶୀ ଦେଶକୁ ଅଙ୍ଗୁଳି ନିର୍ଦ୍ଦେଶ କରିନାହିଁ। ଅଶୀ ଦଶକରେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆର ବିମାନ କନିଷ୍କ ଆଟଲାଣ୍ଟିକ ମହାସାଗର ଉପରେ ବିସ୍ଫୋରଣରେ ଉଡ଼ିଗଲା। ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେ। ଏଥିରେ କାନାଡ଼ାର ଷଡ଼ଯନ୍ତ୍ର ହୋଇଥିଲା ଏବଂ କାନାଡ଼ାର ଅଧିବାସୀ ଖଲିସ୍ତାନୀ ମାନେ ଯୋଜନା କରିଥିଲେ। କିନ୍ତୁ ଭାରତର ପ୍ରତିବାଦ ଏବଂ ପର୍ଯ୍ୟାପ୍ତ ପ୍ରମାଣ ଉପସ୍ଥାପନ ସତ୍ତ୍ୱେ କାନାଡ଼ା ସରକାର ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। କାନାଡ଼ାରେ ଖଲିସ୍ତାନୀ ସମର୍ଥକମାନେ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ଦିବସକୁ ଉତ୍ସବ ଭାବେ ପାଳନ କରୁଛନ୍ତି। ଏହା କ'ଣ ଟ୍ରୁଡୋଙ୍କୁ ଦେଖାଯାଉନି? କନିଷ୍କ ବିମାନ ବିସ୍ଫୋରଣରେ ଏତେ ନିରୀହ ଲୋକଙ୍କ ହତ୍ୟା ଅପେକ୍ଷା ଜଣକ ନା ନିଜ୍ଜର ଭଳି ଜଣେ ଆତଙ୍କବାଦୀଙ୍କୁ ଗୁଳି କରି ହତ୍ୟା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ? କାନାଡ଼ାରେ ଆଗକୁ ସଂସଦୀୟ ନିର୍ବାଚନ ହେବାକୁ ଯାଉଛି। ସେଥିରେ ଶିଖ ସମ୍ପ୍ରଦାୟର ସମର୍ଥନ ହାସଲ ପାଇଁ ସମ୍ଭବତଃ ଟ୍ରୁଡୋ ଭାରତ ବିରୋଧରେ ଏଭଳି ଅଭିଯୋଗ କରୁଛନ୍ତି ଯାହା କଦାପି ଗ୍ରହଣୀୟ ନୁହେଁ। କିନ୍ତୁ ଯେତେବେଳେ ସେ ଅନୁଭବ କଲେ ଯେ, ତାଙ୍କ ଲୋକପ୍ରିୟତା ଦ୍ରୁତ ଗତିରେ ହ୍ରାସ ପାଉଛି ଏବଂ ନିର୍ବାଚନରେ ତାଙ୍କ ପରାଜୟ ସୁନିଶ୍ଚିତ, ସେତେବେଳେ ସେ ସତ ମାନିବାକୁ ବାଧ୍ୟ ହେଲେ। ପାଦ ତଳୁ ମାଟି ଖସିବା ପୂର୍ବରୁ ସେ ସତ୍ୟର ଆଶ୍ରୟ ନେଇ ଆତ୍ମରକ୍ଷା ଉଦ୍ୟମ କରିଛନ୍ତି। ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ଏହା ନୂଆ ବଳ ଦେବ ବୋଲି ଆଶା।

# ନିପାତ ହେବେ ମାଓବାଦୀ

ନିକଟରେ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀର ଗୁଳିରେ ୩୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହାକୁ ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। ଏହାକୁ ମିଶାଇ ୨୦୨୪ରେ ଏବେ ସୁଦ୍ଧା ୧୭୭ଜଣ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଲେଣି। କିଛି ଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ବୈଠକରେ ମାଓ ମୁକାବିଲା ନେଇ ସମୀକ୍ଷା କରିବା ପରେ କହିଥିଲେ ଯେ, ୨୦୨୬ ସୁଦ୍ଧା ଦେଶରୁ ମାଓବାଦ ସମ୍ପୂର୍ଣ୍ଣ ଲୋପ ପାଇବ। ଏହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ରୁ ମାଓ ସଙ୍ଗଠନ ଏବେ ଲୋପ ପାଇବାକୁ ଆରମ୍ଭ କରିଛି। ଓଡ଼ିଶାରେ ଏକଦା ୯ଟି ଜିଲ୍ଲା ମାଓ ଉପଦ୍ରୁତ ଅଞ୍ଚଳ ଭାବେ ବିବେଚିତ ହେଉଥିଲା। ଏବେ ଏହା ୪କୁ ଖସିଆସିଛି। କାଁ ଭାଁ କେତେକ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଅନୁଭବ କରାଯାଉଛି। କିନ୍ତୁ ପ୍ରାୟତଃ ଏହା ଦୂର ହୋଇଯାଇଛି। ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କର ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ମାଓବାଦ, ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଆଗକୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଆସୁଛି। ଝାଡ଼ଖଣ୍ଡ ଏକ ମାଓ ଉପଦ୍ରୁତ ଅଞ୍ଚଳ। ଏଠାରେ ପିଏଲଆଇ ପ୍ରଭାବ ରହିଛି। ନିର୍ବାଚନ ବେଳେ ସେମାନେ ହିଂସାକାଣ୍ଡ କରିବାର ଆଶଙ୍କା ରହିଛି। ଏହି ସୁଯୋଗରେ ସେମାନଙ୍କୁ ନିପାତ କରିବାକୁ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଉଚିତ। ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ମାଲକାନଗିରିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଓଡ଼ିଶାରେ ମାଓବାଦ ସମସ୍ୟାର ସମୀକ୍ଷା କରିବା ଅବସରରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମଧ୍ୟ ମାଓମୁକ୍ତ ହେବ ବୋଲି କହିଛନ୍ତି। ଏହା ହିଁ ହେଉ ବୋଲି କାମନା। କିନ୍ତୁ କଥା କହିବା ସହଜ, ଏହାକୁ ବାସ୍ତବତାରେ କାର୍ଯ୍ୟକାରୀ କରିବା କଷ୍ଟକର।

# କୃଷିର ସାମଗ୍ରିକ ବିକାଶରେ ଶ୍ରୀଅନ୍ନ



**ଡି ଶୁଭମ୍**

ଓଡ଼ିଶା-ଯେଉଁଠି ଆମ ମାଟି ଫସଲ ବିବିଧତାର ଗୁଣଗାନ କରେ। ପବନର ସ୍ମିତହାସ୍ୟରେ ଶ୍ରୀଅନ୍ନ ହସୁଥାଏ। ସୁବର୍ଣ୍ଣର ଛିଟାରେ ଶ୍ରୀଅନ୍ନର ପରିଭାଷା ଆମ କୃଷି ଐତିହ୍ୟର ସ୍ମୃତିଚାରଣ କରେ। ଠିକ୍ ସେମିତି ଆମ ରାଜ୍ୟରେ ମା, ମାଟି ଆଉ ମାଣ୍ଡିଆର ଗାଥା ଏବେ ସବୁଆଡ଼େ ବିଦିତ। ମାଣ୍ଡିଆକୁ ନେଇ ମନରେ ଅସୁମାରୀ ଆଶା। ସ୍ୱପ୍ନିଳ ଦୁନିଆରେ ଏହି ଶ୍ରୀଅନ୍ନ ସଫଳତାର କାହାଣୀ ଆମ ସମସ୍ତଙ୍କୁ ଏକ ନିଆରା ପରିଚୟ ଦେଇଛି। ଶ୍ରୀଅନ୍ନ ଆଜି ପୁଣିଥରେ ପରିବେଶର ଶ୍ରୀ ବୃଦ୍ଧି କରିଛି। ଜୈବ ବିପ୍ଳବର ସାରଥୀ ସାଜି ଶ୍ରୀଅନ୍ନ ଭାରତର ବିକାଶ ଦିଗରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିଛି। ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶାରେ ବିଭିନ୍ନ ଫସଲ ଚାଷ କରାଯାଉଥିଲେ ହେଁ ବର୍ତ୍ତମାନ ଶ୍ରୀଅନ୍ନ ସବୁଆଡ଼େ ଏକ ଭିନ୍ନ ଧରଣର ଚହଳ ପକାଇଛି। ଆପଣ ଯୁଆଡ଼େ ଯିବେ ଏବେ ଶ୍ରୀଅନ୍ନର ମହକ। ଏହାକୁ ନେଇ ଏବେ ଲୋକଙ୍କର ଧାରଣା ବଦଳିବାରେ ଲାଗିଛି। ଏହା ଆଉ ଗରିବଙ୍କ ଖାଦ୍ୟ ହୋଇନାହିଁ। ବରଂ ସମାଜର ସବୁ ଶ୍ରେଣୀର ଲୋକ ଏବେ ଶ୍ରୀଅନ୍ନ ପାଇଁ ବ୍ୟଗ୍ର। ଶ୍ରୀ ଅନ୍ନ ପାଇଁ ଅହେତୁକ ଆକର୍ଷଣ ଆଉ ନିଆରାପଣ। ସାରା ବିଶ୍ୱ ଏବେ ଖାଦ୍ୟ ଓ ପୋଷଣ ନିରାପତ୍ତା ଦିଗରେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି ରଖିଛି। ୨୦୦୦ ମସିହାରେ ଜାତିସଂଘ ଦ୍ୱାରା କରାଯାଇଥିବା ମିଲେନିୟମ ଡେଭେଲପମେଣ୍ଟ ଗୋଲ୍ ଯେଉଁଠାରେ ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଶୀର୍ଷ ସ୍ଥାନରେ ଥିଲା। ୧୯୯୬ରେ ବିଶ୍ୱଖାଦ୍ୟ ସମ୍ମିଳନୀ ପରିପ୍ରେକ୍ଷୀରେ ସବୁ ସମୟରେ ଲୋକମାନଙ୍କ ପାଖରେ ଉପଯୁକ୍ତ ପୋଷଣ ଯୁକ୍ତଖାଦ୍ୟ ଦ୍ୱାରା ଏକ ସୁସ୍ଥଜୀବନ ଜିଇଁବାର ପ୍ରଣାଳୀକୁ ଆମେ ସାଧାରଣ ଭାଷାରେ ଖାଦ୍ୟ ନିରାପତ୍ତା ବୋଲି କହିଥାଉ। ଏହି ଖାଦ୍ୟ ନିରାପତ୍ତା ବର୍ତ୍ତମାନ ସମୟରେ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। କାରଣ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟ ସନ୍ତୁଳନ ଅଭାବରେ ହିଁ ବିଭିନ୍ନ ମାରାତ୍ମକ ରୋଗର ସୃଷ୍ଟି ହେଉଛି। ସୁତରାଂ ଏହା ଭବିଷ୍ୟତ ପିଢ଼ୀ ପାଇଁ ଏକ ଚିନ୍ତାଜନକ ବିଷୟ। ପୋଷଣ ନିରାପତ୍ତା ହିଁ ବିଶ୍ୱ ଜନସଂଖ୍ୟାର ଖାଦ୍ୟ ପ୍ରଣାଳୀକୁ ସୁଧାରିବାରେ ମୁଖ୍ୟ ଚାବିକାଠି। କାରଣ ବର୍ତ୍ତମାନ ସମୟରେ ବିଶ୍ୱର ଜନସଂଖ୍ୟା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବା ଦିଗରେ ସଭିଏଁ ଚିନ୍ତା କରିବାର ବିଷୟ।

ଏହି ଉପକ୍ରମରେ ଆମକୁ ଶୁଷ୍କ ମାଟିରୁ ଅଧିକ ଉତ୍ପାଦନ କରିବା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ତେବେ ଶୁଷ୍କ ଜମିର କମ୍ ଉର୍ବରତା ଥିବା ଯୋଗୁଁ ଏଥିରୁ ଉତ୍ପାଦନ ଅଧିକ କରିବା ଏକ କଷ୍ଟକର ବ୍ୟାପାର। ଏହାରି ଭିତରେ ଶୁଷ୍କ ମାଟିର ସୁନା ମାଣ୍ଡିଆ ଉପଯକ୍ତ ପୋଷଣ ସହ ଖାଦ୍ୟ ନିରାପତ୍ତା ଦିଗରେ ଏକ ପ୍ରମୁଖ ଶସ୍ୟ ଭାବେ ପରିଗଣିତ ହୋଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ ହେଉ କୃଷକ ଉତ୍ପାଦକ ସଂଠନ ଅବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବେ ସଭିଏଁ ମାଣ୍ଡିଆର ଖାଦ୍ୟ ନିରାପତ୍ତା ଦିଗରେ ନିଜେ ସଚେତନ ହୋଇ ଲୋକମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଉଛନ୍ତି। ଏ ଦିଗରେ ରାଜ୍ୟ ସରକାରଙ୍କ ତରଫରୁ ୧୨୦ଟିରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ଓ ୧୫୦୦ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଏବେ କୃଷକ ତଥା ମହିଳାଙ୍କ ହାତମୁଠାକୁ ସଶକ୍ତ କରିଛି। ପାଞ୍ଚ ବର୍ଷର ସ୍ୱତନ୍ତ୍ର ଇନସେନଟିଭ୍ ଏବଂ ଉପଯୁକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟକରି ମାଣ୍ଡିଆ ଏବେ ଜୈବ ବିପ୍ଳବର ଗାଥା ଗାଉଛି। ଏହା ଫଳରେ ଆଦିବାସୀ ଚାଷୀମାନେ ସଶକ୍ତ ହେବା ସହ ସେମାନଙ୍କ ଉତ୍ପାଦକୁ ଉଚିତ୍ ମୂଲ୍ୟରେ ବିକ୍ରି କରିପାରୁଛନ୍ତି। ତେବେ ମାଣ୍ଡିଆକୁ ଆମେ ପୋଷଣ ଓ ଖାଦ୍ୟ ନିରାପତ୍ତା ଦିଗରେ କଣ ପାଇଁ ଗ୍ରହଣ କରିବା ଆସନ୍ତୁ ସେ ବିଷୟରେ ଆଲୋଚନା କରିବା।

ମାଣ୍ଡିଆ ଏକ କ୍ଷୁଦ୍ର ଦାନା ଯୁକ୍ତ, ଗରମ ଦିନିଆ ଫସଲ।ଏହା ମରୁଡ଼ି ସହ୍ୟ କରିପାରେ। ଶୁଷ୍କ ଓ ଅଧିକ ତାପାମାତ୍ରା ଥିବା ଅଞ୍ଚଳରେଏହା ସହଜରେ ବଢ଼ିପାରେ। ଏହା ରୋଗ ପୋକ ସହନଶୀଳ ଫସଲ ଅଟେ। ମାଣ୍ଡିଆ ଅମଳ ପରେ ଏହାକୁ ଆମେ ସୁପ, ପକୋଡ଼ି, ପିଠା ପରି ବିଭିନ୍ନ ଖାଦ୍ୟ ଭାବେ ଗ୍ରହଣ କରାଯାଇପାରେ। ଏହା ଧାନ ଅପେକ୍ଷା ଖୁବ କମ ପାଣିରେ ବଢ଼ିପାରିଥାଏ। ଏହା ପୁଷ୍ଟିକରଯୁକ୍ତ ଶସ୍ୟ ହୋଇଥିବା ବେଳେ କ୍ୟାଲସିୟମରେ ପରିପୂର୍ଣ୍ଣ ଥାଏ।ଏହା କମ୍ ଉର୍ବର ମାଟିରେ ବି ଭଲ ଭାବରେ ବଢ଼ି ପାରିଥାଏ। ମାଣ୍ଡିଆରେ ଅଧିକ ପରିମାଣରେ ପ୍ରୋଟିନ୍, ଫାଇବର, ନିଆସିନ୍, ଥାଏମିନ୍, ରାଇବୋଫ୍ଲାବିନ୍, ମିଥିଓନାଇନ, ଲେସିଥିନ୍ ଓ ଭିଟାଇନ-ଇ ଥାଏ। ଏହା ବିଭିନ୍ନ ପ୍ରକାର ଖଣିଜ ଲବଣ ଯଥା- ଆଇରନ୍, ମାଗ୍ନେସିୟମ, କ୍ୟାଲସିୟମ ଓ ପଟାସିୟମରେ ଭରପୁର ଥାଏ। ଉପଯୁକ୍ତ ଓ ସନ୍ତୁଳିତ ପୋଷଣ ଯୋଗୁଁ ମାଣ୍ଡିଆ କ୍ୟାନସର, ହୃଦରୋଗ, ଉଚ୍ଚରକ୍ତଚାପ ପ୍ରଭୃତିକୁ ନିୟନ୍ତ୍ରଣ କରିଥାଏ।

ସମୟ ଥିଲା ଲୋକମାନେ ନିଜ ଫୁଡ଼ମେନୁ ଅବା ଖାଦ୍ୟ ଥାଳିରେ ମାଣ୍ଡିଆକୁ ଗ୍ରହଣ କରୁନଥିଲେ। ବୋଧହୁଏ ଏ ଦିଗରେ ସେତେଟା ପ୍ରଚାର ପ୍ରସାର ହୋଇ ନଥିବାରୁ ଏହା ଲୋକମାନଙ୍କଠାରୁ ଦୂରରେ ଥିଲା। କିନ୍ତୁ ଏବେ ସମୟ ବଦଳିଛି। ଲୋକଙ୍କ ଖାଦ୍ୟ ଥାଳିର ଚିତ୍ର ବି ବଦଳିଛି। ଯେଉଁ ଲୋକମାନେ ଦିନେ ଚାଇନିଜ ଫାଷ୍ଟଫୁଡ଼କୁ ନିଜର ସାଥି ଭାବେ ବାଛି ନେଇଥିଲେ ଆଜି ସେମାନଙ୍କ ଖାଦ୍ୟ ପ୍ଲେଟରେ ମାଣ୍ଡିଆ ପରଷା ଯାଉଛି। ଏହା ହିଁ ତ ପରିବର୍ତ୍ତନ। ଏଇଠାରୁ ହିଁ ତ ଆରମ୍ଭ ପରିବର୍ତ୍ତନ। ଏକଥାକୁ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ। ରାଜ୍ୟ ସରକାରଙ୍କ ଏ ଦିଗରେ ବଳିଷ୍ଠ ଭୂମିକା ଆଜି ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆକୁ ଆଣିପାରିଛି। ଏକଥା ସତ ଯେ ଲୋକ ମାଣ୍ଡିଆକୁ ଗ୍ରହଣ କରିବାକୁ ସମୟ ନେବେ। କିନ୍ତୁ ସେ ସମୟ ଆଉ ଦୂର ନୁହେଁ। ଏ ବିପ୍ଳବର ଆରମ୍ଭ ମାତ୍ର। ମାଣ୍ଡିଆ ନିଶ୍ଚିତ ଭାବରେ ଲୋକଙ୍କ ପାଖରେ ଆଦର ସାଉଁଟିବ, ଏଥିରେ ଦ୍ୱିମତ ନାହିଁ।



ଦିନେ ସମୟ ଥିଲା ଗରିବ ଚାଷୀଟିଏ ମାଣ୍ଡିଆ ଜାଉ ଖାଇଦେଇ କ୍ଷେତକୁ ସୁନାର ଫସଲ ଅମଳ କରିବାକୁ ଧାଇଁ ଯାଉଥିଲା। ଆଜି ସମୟ ଆସି ଏପରି ସ୍ଥଳରେ ଉପନୀତ ସମାଜର ସବୁ ବର୍ଗର ଲୋକମାନେ ମାଣ୍ଡିଆକୁ ଖୋଜୁଛନ୍ତି। ରାଜଧାନୀର ଜାକଜମକ ପ୍ରଦର୍ଶନୀ ହେଉ ଅବା ଗାଁର କେଉଁ ମେଳା ସବୁଠି ଏବେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପରସା ଯାଉଛି। ଆଉ ଏ ଚଷା ଭାଇର ମାଟି, ଚାଷୀକୁଳର ମାଟି ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ ଆଗରେ ଅଛି। ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭକରି ସାମାନ୍ତ ମୟୂରଭଞ୍ଜ ଯାଏଁ ସବୁଠିଏବେ ମାଣ୍ଡିଆର ମହକରେ ମହକିତ ହେଉଛି। ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ମିଲେଟ ମିଶନ ଯୋଗୁଁ ଏବେ ଅନେକ କର୍ମ ସଂସ୍ଥାନ ସ୍ଥାପନ ହେବା ସହ ମାଣ୍ଡିଆ ଉତ୍ପାଦନରେ ଓଡ଼ିଶା ବିବେଶ ନାଁ କମେଇଛି। ପ୍ରାଥମିକତାକୁ ଲକ୍ଷ୍ୟ କଲେ କୃଷିକୁ ବାଦ ଦେଇ ଜନଜୀବନର ଅନୁଭବ କରିବା ଏକ ଅନିଶ୍ଚିତ କଥା। ସବୁରି ଭିତରେ ବି ଚାଷ କେବେ ବନ୍ଦ ହୁଏନି ଆଉ ଚାଷୀ କେବେ ବସେନି। ଶୁଷ୍କ ମାଟିର ସୁନା ଭାବରେ ମାଣ୍ଡିଆ ବେଶ ପରିଚିତ।। ଦକ୍ଷିଣ ଓଡ଼ିଶାରେ ପ୍ରାୟ ସବୁ ଋତୁମାନଙ୍କରେ ଏହାକୁ ଚାଷ କରାଯାଉଥିବା ବେଳେ ମାଣ୍ଡିଆ ଏବେ ବିଭିନ୍ନ ପ୍ରଦର୍ଶନୀ ମେଳାରେ ଦର୍ଶକମାନଙ୍କ ମନରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଛି। ସେ ମାଣ୍ଡିଆ ସୁପ୍ ହେଉ କି କେକ୍ ଅବା ମାଣ୍ଡିଆ ପିଠା ଏସବୁଥିରେ ଓଡ଼ିଆ ମାଟି, ପାଣି ଆଉ ପବନର ବାସ୍ନା ବେଶ ସହଜରେ ବାରି ହୋଇପଡ଼େ। ସେଇଥି ପାଇଁ ତ ମାଣ୍ଡିଆ ପାଖରେ ଭିଡ଼ର ଆସର ଜମେ।

ପ୍ରଥମ ରାଜ୍ୟ ଭାବରେ ସାରା ଭାରତରେ ଓଡ଼ିଶା ଆନ୍ତର୍ଜାତିକ ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟ ସମ୍ମିଳନୀ ଆୟୋଜନ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ଓଡ଼ିଶା ପ୍ରଥମ ରାଜ୍ୟ ଭାବରେ ମାଣ୍ଡିଆ ଦିବସ ଭାବରେ ନଭେମ୍ବର ୧୦କୁ ପାଳନ କରୁଛି। ମାଣ୍ଡିଆ ପାଇଁ ଗୋଟିଏ ଦିନକୁ ଉତ୍ସର୍ଗ କରିବାରେ ଦେଶରେ ପ୍ରଥମ ଆମ ରାଜ୍ୟ ଓଡ଼ିଶା।ଏହା ସହ କୃଷିଐତିହ୍ୟକୁ ପୁନର୍ଜୀବିତ କରିବାରେ ଏହି ଶ୍ରୀଅନ୍ନ ସମ୍ମିଳନୀ ଏକ ବଡ଼ ଭୂମିକା ନିଭାଇବ। ପାରମ୍ପରିକ ଖାଦ୍ୟଗୁଡ଼ିକର ପୁନରୁଦ୍ଧାର ଦିଗରେ ଏହା ଏକ ମାଇଲଖୁଣ୍ଟ ସାଜିବ।ଶ୍ରୀଅନ୍ନ କେବଳ କ୍ଷୁଦ୍ର ଶସ୍ୟ ଭାବରେ ଆଉ ସୀମିତ ହୋଇ ନାହିଁ। ଲୋକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇସାରିଛି। ଫାର୍ମରୁ ପ୍ଲେଟ ଯାଏଁ ଶ୍ରୀଅନ୍ନର ଯାତ୍ରା ଆଜି ସବୁଠି ପ୍ରଶଂସା ସାଉଁଟୁଛି। ତେବେ ଏକ ସୁସ୍ଥ ଓ ସୁରକ୍ଷିତ ଜୀବନ ଗଠନରେ ଶ୍ରୀଅନ୍ନର ଭୂମିକା ଯେ ଅପରିହାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଆମ ମାଣ୍ଡିଆ, ଆମ ଗୌରବ, ଆମ ସମ୍ମାନ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**

# କାର୍ତ୍ତିକ ପୂର୍ଣ୍ଣିମା, ଉତ୍କଳର ନୌବାଣିଜ୍ୟର ଏକ ଅତୀତ ଆକଳନ



**ଉମାଶଙ୍କର ପ୍ରସାଦ**

ଭାରତୀୟ ସାଂସ୍କୃତିକ ପଟ୍ଟଭୂମିରେ ଓଡ଼ିଶାର ବୈଶିଷ୍ଟ୍ୟ ସବୁ ସମୟରେ ସ୍ୱୀକୃତ। ସଭ୍ୟତାର ଆରମ୍ଭରୁ କଳା ସ୍ଥାପତ୍ୟ ଓ ସାମ୍ରାଜ୍ୟବାଦର ଚିତ୍ରପଟ୍ଟରେ ସାହସୀ ଉତ୍କଳୀୟ ମାନଙ୍କର ସାଂସ୍କୃତିକ ବୈଚିତ୍ର୍ୟତା ମଧ୍ୟରେ ସୃଜନଶୀଳତାର ପ୍ରାଣୋଚ୍ଛ୍ୱାସ ସେମାନଙ୍କର କାର୍ଯ୍ୟଧାରା ଓ ସାଧନାରେ ପ୍ରତିଫଳିତ ହୋଇଥାଏ। ପ୍ରାଚୀନ କାଳରୁ ମଧ୍ୟଯୁଗୀୟ କାଳ ପର୍ଯ୍ୟନ୍ତ ଓଡ଼ିଶାର ସମୁଦ୍ର ଉପକୂଳ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କର ପ୍ରବେଶ ପଥ ଭାବେ ରହିଥିଲା। ଏହାର ସାଂସ୍କୃତିକ ଓ ବାଣିଜ୍ୟିକ ଧାରାର ପ୍ରଭାବ ଏବେ ମଧ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡିକର ପରମ୍ପରା, ସ୍ଥାନର ନାମ, ସାହିତ୍ୟ ଏବଂ ସ୍ଥାପତ୍ୟରେ ପରିଲକ୍ଷିତ ହୁଏ। ଅତୀତରେ ବଙ୍ଗୋପସାଗରକୁ 'କଳିଙ୍ଗ ସମୁଦ୍ର' ବୋଲି କୁହାଯାଉଥିଲା। ବଙ୍ଗୋପସାଗରରେ ଥିବା ସମସ୍ତ ଦ୍ୱୀପପୁଞ୍ଜ ଗୁଡିକ 'କଳିଙ୍ଗ ଦେଶୁ' ନାମରେ ଜଣାଯାଉଥିଲା ବୋଲି ' ଆର୍ଯ୍ୟ ମଞ୍ଜୁଶ୍ରୀ' ମୂଳକଳ୍ପରେ ଉଲ୍ଲେଖ ଅଛି। ଏକଦା ପ୍ରାଚୀନ କଳିଙ୍ଗର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିରେ ଶହ ଶହ ପୋତାଶ୍ରୟ ଏବଂ ବନ୍ଦର ଥିଲା। ଏହାର ଅଧିବାସୀମାନେ ନୌବାଣିଜ୍ୟରେ ବିଶେଷ ପାରଦର୍ଶିତା ଦେଖାଇ ପାରିଥିଲେ। ନୌବାଣିଜ୍ୟ ମାଧ୍ୟମରେ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ଉପରେ ଆଧିପତ୍ୟ ଜାହିର କରିପାରିଥିଲେ। ସମୁଦ୍ର ଆରପାଖରେ ଥିବା ବିଭିନ୍ନ ରାଷ୍ଟ୍ରମାନଙ୍କରେ ବେପାର ବଣିଜ କରି ସେମାନେ ସେଠାରେ ବସତି ସ୍ଥାପନ କରିଥିଲେ। ବିଶିଷ୍ଟ ଐତିହାସିକ ହଣ୍ଟରଙ୍କ 'ଓଡ଼ିଶା ଇତିହାସ' ପୁସ୍ତକର ପ୍ରଥମ ଖଣ୍ଡରୁ ଜଣାପଡେ ଯେ ଓଡ଼ିଶାରେ ସୁବର୍ଣ୍ଣରେଖା, ଛନୁଆ, ବାଲେଶ୍ୱର, ଲଇଛଣପୁର, ଚୂଡାମଣି, ଧାମର. ଫଲ୍ସପଏଣ୍ଟ, ପୁରୀ ଓ ଗୋପାଳପୁର ନାମରେ ନଅ ଗୋଟି ବନ୍ଦର କାର୍ଯ୍ୟକାରୀ ହେଉଥିଲା। ପ୍ରାଚୀନ ଚେଲିତାଲୋ ଓ ଚରିତ୍ରପୁର ବନ୍ଦର ବାଲେଶ୍ୱରର ଚାନ୍ଦବାଲି ଓ ଚାନ୍ଦିପୁର ବୋଲି ଅନୁମାନ କରାଯାଏ। ପ୍ରଥମ ଶତାବ୍ଦୀରେ ପ୍ଲିନି ତାଙ୍କ 'ନେଚୁରାଲ ହିଷ୍ଟ୍ରି' ବହିରେ ଲେଖିଛନ୍ତି ଯେ ଏହି ବନ୍ଦର ମାନଙ୍କରୁ ସାଧବପୁଅମାନେ ସିଂହଳ, ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଓ ବର୍ମା ଇତ୍ୟାଦି ଦେଶରେ ବାଣିଜ୍ୟ କରି ଓଡ଼ିଶାର ଗୌରବକୁ ବଢ଼ାଇଥିଲେ। ସେତେବେଳେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସାଧବପୁଅମାନେ ପ୍ରତ୍ୟୁଷରୁ ସ୍ନାନ କରି ବୋଇତରେ ଗଙ୍ଗାମାତାଙ୍କୁ ପାନ ଏବଂ ଗୁଆ ସମର୍ପଣ ପୂର୍ବକ ପୂଜା କରୁଥିଲେ। ଏହି ସାଧବ ଶବ୍ଦଟି ସଂସ୍କୃତ ଶବ୍ଦ 'ସାର୍ଥବାହ' ରୁ ଉତ୍ପତି ହୋଇଛି। ସେ ଦିନର ସାଧବମାନେ ବିତ୍ତଶାଳୀ ଓ ଅଦମ୍ୟ ସାହସୀ ଥିଲେ। ବ୍ୟକ୍ତିଗତ ପ୍ରଚେଷ୍ଟା ଓ ସାମୁହିକ ଉଦ୍ୟମ ଜରିଆରେ ସେମାନେ ଆନ୍ତ ଓ ବର୍ହିଃ ବାଣିଜ୍ୟ କରୁଥିଲେ। ଏହି ସାଧବ ମାନଙ୍କ ବିଷୟରେ ଅନେକ କିମ୍ବଦନ୍ତୀ ଓ ଦୁଃସାହସିକ କାହାଣୀ ରହିଛି। ରାଜାମାନେ ମଧ୍ୟ ସମୟ ସମୟରେ ସେହି ସାଧବ ମାନଙ୍କ ବାଣିଜ୍ୟରେ ସମ୍ପୃକ୍ତ ଥିଲେ। ରପ୍ତାନୀ ଦ୍ରବ୍ୟ ସବୁ ସଂଗ୍ରହ କରିବା ପରେ ସେମାନେ କାର୍ତ୍ତିକ ଅମାବାସ୍ୟା ଦିନ ଲକ୍ଷ୍ମୀପୂଜା କରୁଥିଲେ। ତା'ପରେ ସେମାନେ ଜାହାଜରେ ସେଗୁଡିକ ବୋଝେଇ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ଜଳଯାତ୍ରାରେ ବାହାରୁଥିଲେ। ସେ ଦିନର ବୋଇତ ଯାତ୍ରା ମହାଆଡମ୍ବରରେ ବନ୍ଧୁ ବାନ୍ଧବ, ମାଝି ସୌଦାଗରଙ୍କ ଜ୍ଞାତି ଭୋଜନ ପରେ, ମା'ମଙ୍ଗଳାଙ୍କ ପୂଜା ଅର୍ଚ୍ଚନା, ସାଧବ ସୀମନ୍ତିନୀ ମାନଙ୍କ ବନ୍ଦାପନା, ହୁଳହୁଳି ନାଦପରେ ଧୂପ ଦୀପରେ ବିଦାୟ ଦେଇ ଅଝାଳ ଉଡାଇ ସମୁଦ୍ରର ନୀଳଜଳରେ ଭାସି ଯାଉଥିଲା।



ଷୋଡଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଶାସନ କ୍ଷେତ୍ରରେ ଅସ୍ଥିରାବସ୍ଥା, ଅତ୍ୟାଚାର, ରାଜ୍ୟ ମଧ୍ୟରେ ଜୀବନ ଯାତ୍ରାର ଅଚଳ ଅବସ୍ଥା, ଲୁଣ୍ଠନ, ରାହାଜାନୀ ସହିତ ସାଗର ମଧ୍ୟରେ ସାଗର ଦସ୍ୟୁ ମାନଙ୍କର ଆକ୍ରମଣରେ ଓଡିଆ ସାଧବର ବଣିଜ ତରୀ ପୂର୍ବବତ୍ ସାଗରର ନୀଳ ଜଳରାଶିରେ ଆଗେଇ ପାରିଲା ନାହିଁ। ଦସ୍ୟୁ ମରହଟ୍ଟାବର୍ଗୀମାନଙ୍କ ଆକ୍ରମଣ ଭୟରେ କଳିଙ୍ଗର ସାଧବପୁଅମାନେ ବୋଇତରେ ବେପାର କରିବା ପାଇଁ ଆଉ ଲାଭଦାୟକ ମନେ କଲେନାହିଁ। ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟପୋତ କଳିଙ୍ଗ ସାଧବ ପୁଅମାନଙ୍କର ବାଣିଜ୍ୟକ ଅଧିକାରକୁ ଅପହରଣ କରି ନେଲେ ଫଳରେ ବୋଇତ ସାହାଯ୍ୟରେ ବଣିଜ କରିବା କଳିଙ୍ଗରୁ ଲୋପ ପାଇଲା। କିନ୍ତୁ ଆଜି ମଧ୍ୟ ପ୍ରାଚୀନ କଳିଙ୍ଗର ସେଦିନର ନୌବାଣିଜ୍ୟର ସ୍ମାରକୀ ବହନ କରି ଆଜିବି ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ବାଲିଯାତ୍ରା ଓ ବୋଇତ ବନ୍ଦାଣ, ଭାଦ୍ରବ ମାସରେ ପାଳିତ ଖୁଦୁରୁକୁଣୀ ଓଷା ପୂର୍ବ ଗୌରବ ଓ ପରମ୍ପରାକୁ ମନେ ପକାଇଦିଏ। ପ୍ରଚୀନ କାଳର ସେହି ଅଲିଭା ସ୍ମୃତି ଓ ପରମ୍ପରାକୁ ମନେପକାଇ ଆଜିବି ଓଡ଼ିଶାର ଲୋକମାନେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ପ୍ରାତଃ କାଳରେ କଦଳୀ ବାହୁଙ୍ଗା କିମ୍ବା ସୋଲରେ ତିଆରି ଛୋଟ ଛୋଟ ଡଙ୍ଗା ନେଇ ନଇ ପୁଷ୍କରଣୀରେ ଭସାଇଥାନ୍ତି। ସେହି ସମୟରେ ସେମାନେ କହିଥାନ୍ତି "ଆକା ମାଭୈଃ, ପାନ ଗୁଆ ଥୋଇ, - ପାନ ଗୁଆ ତୋର, ମାସକ ଧର୍ମ ମୋର"। କଟକ ଗଡ଼ଗଡ଼ିଆଘାଟ ଆଜିବି ସେହି ସ୍ମୃତିକୁ ଉଦ୍‌ଜିବିତ ରଖି ସାତଦିନ କାଳ 'ବାଲିଯାତ୍ରା' ମହୋତ୍ସବ ପାଳନ କରୁଛି। ପାରାଦ୍ୱୀପ ବନ୍ଦରରେ ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଯଦିଓ ଓଡ଼ିଶାର ନୌବାଣିଜ୍ୟ କଥା କହିଲେ ଆଜି ଯେମିତି ସ୍ୱପ୍ନ ଭଳି ଲାଗୁଛି। 'ସାଧବ ପୁଅ' ବୁଢୀମା କାହାଣୀର ସାଧବ ପୁଅ ହୋଇ ରହିଯାଇଛି ତଥାପି ଏହି ଦିନର ଆଗମନରେ ସେହି ସାଧବ ପୁଅମାନଙ୍କ ଅତିତ ଗାଥା ସମସ୍ତଙ୍କ ମନରେ ଏକ ପୂର୍ବ ସ୍ମୃତିକୁ ମନେପକାଇ ଦେଉଛି। ଅତିତର ଗୌରବ ପ୍ରତ୍ୟେକ ଜାତିର ପ୍ରେରଣାର ଉତ୍ସ। ଓଡିଆ ଜାତି ତାର ସେହି ପୂର୍ବ ଗୌରବକୁ ଫେରାଇ ଆଣି ଏହି ନୌବାଣିଜ୍ୟ ମାଧ୍ୟମରେ ଅର୍ଥନୈତିକ ସ୍ୱଚ୍ଛଳତା ଆଣିବା ପାଇଁ ଆଗୁସାର ହେବା ନିତ୍ୟାନ୍ତ ଜରୁରୀ। କବି ମାୟାଧର ମାନସିଂହ ତାଙ୍କର 'ବୋଇତ ବନ୍ଦାଣ' କବିତାରେ ଗାଇ ଉଠିଛନ୍ତି " ଜୟଗୋ ବୋଇତ ରାଣୀ ସଲିଳ-ସୁନ୍ଦରୀ- ଆମ୍ଭ ଲାଗି ଆଣଧନ କାହୁଁ ଗର୍ଭେ ଭରି"

**ଖୋର୍ଦ୍ଧା**
**ମୋବାଇଲ୍: ୬୩୭୦୬ ୭୫୫୬୨**

# ବାତ୍ୟା



**କାଳୀ ଦାସ**

ବାତ୍ୟାର ନାମ କାନ ରେ ପଡିଲେ ଓଡ଼ିଶାର ସାଧାରଣ ଲୋକଙ୍କ ମନରେ ଛନକା ପଶେ। ବାତ୍ୟା ଓ ଓଡ଼ିଶାର ଯେମିତି ଘନିଷ୍ଟ ସମ୍ପର୍କ ରହିଛି।ପ୍ରତି ବର୍ଷ ଊଣା ଅଧିକେ ଦୁଇ ତିନୋଟି ବାତ୍ୟା ଆସି ଓଡ଼ିଶା କୁ କ୍ଷତ ବିକ୍ଷତ କରି ଚାଲିଯାଆନ୍ତି।ଧାନ ଜମି ରେ ପାଣି ପଶି ଫସଲ ନଷ୍ଟ ହୋଇଯାଏ,। ଗାଁ ଓ ସହରରେ ପାଣି ଜମିଯାଇ ବାତ୍ୟା ପରିସ୍ଥିତି ସ୍ପଷ୍ଟ କରେ।ଦିନ ଦିନ ଧରି ବିଜୁଳି ରହେନି। ବତି ଖୁଣ୍ଟ ଗୁଡିକୁ ଉପୁଡ଼ାଇ ଦେଇ କିମ୍ବା ବଙ୍କା କରି ଦେଇ ବାତ୍ୟା ଚାଲିଯାଏ। ଲୋକଙ୍କୁ ମାସ ମାସ ଲାଗିଯାଏ ପୁଣି ସ୍ୱାଭାବିକ ପରିସ୍ଥିତି କୁ ଫେରିବା ପାଇଁ ଓଡ଼ିଶାର ସରକାର ରୀତିମତ ଚେଷ୍ଟା କରନ୍ତି ଜିରୋ କେଜୁ୍ୟଆଲଟି କରିବା ପାଇଁ।ତଥାପି କିଛି ଲୋକଙ୍କ ମୃତ୍ୟୁ ହୋଇଥାଏ।ଏବଂ ଯେଉଁ ପରିବାର ତାର ପ୍ରିୟ ମଣିଷ କୁ ହରାଇ ଥାଏ ସେଇ ପରିବାର ଏହିଦୁର୍ଦ୍ଦିନ କୁ ଭୁଲି ପାରେନି।

ଓଡ଼ିଶା ପଚିଶ ବର୍ଷ ତଳେ ସୁପର ସାଇକ୍ଲୋନ କୁ ନିଭେଇଛି।ଏବଂ ସୁପର ସାଇକ୍ଲୋନ ଓଡ଼ିଶା ମାଟିରେ ସତେ ଯେମିତି ମୃତ୍ୟୁର ତାଣ୍ଡବ କରିଯାଇଛି।ସରକାରଙ୍କ ହିସାବରେ ସୁପର ସାଇକ୍ଲୋନ ରେ ଦଶ ହଜାର ଲୋକ ମରିଥିବା ବେଳେ ପ୍ରକୃତରେ ଏହା ଠାରୁ ଢେର ବେଶି ଲୋକ ମରିଥିବାର ଆଶଙ୍କା କରାଯାଏ।ଘର ଦ୍ୱାର ଭାସି ଯାଇଛି।ହଜାର ହଜାର ଲୋକଙ୍କର ସୁନାର ସଂସାର ଭାଙ୍ଗିଯାଇଛି।୧୯୯୯ର ୨୯ ଅକ୍ଟୋବର, ବଙ୍ଗପୋସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ଝଡ଼ ଓଡ଼ିଶା ମୁହା ହୋଇ ଧାଇଁ ଆସିଛି ଏବଂ ଲେଣ୍ଡଫଲ କରିଛି ଜଗତସିଂହପୁରରେ।ଓଡ଼ିଶା ବାସୀ ଏମିତି ଏକ ପ୍ରଳୟଙ୍କାରୀ ବାତ୍ୟା ପାଇଁ ପ୍ରସ୍ତୁତ ନଥିଲେ।୩୦୦ କିମି ବେଗରେ ପବନ ବହୁଥିଲା ଏବଂ ୮ମିଟର ଉଚ୍ଚ ଜୁଆର ଉଠିଥିଲା। ପାରାଦୀପ,କୁଜଙ୍ଗ ଏବଂ ଏରସମା ବ୍ଲକ୍ ଏହି ମହାବାତ୍ୟା ରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିଲା।କେନ୍ଦ୍ରପଡ଼ା, ଭଦ୍ରକ, ପୁରୀ ଏବଂ ଖୋର୍ଦ୍ଧା ମଧ୍ୟ ଏହା ଦ୍‌ୱାରା ପ୍ରଭାବିତ ହୋଇଛି।ବାତ୍ୟା ପରେ ପରେ ପୁଣି ପ୍ରବଳ ବର୍ଷା ରିଲିଫ କାମ ରେ ବାଧା ସୃଷ୍ଟି କରିଥିଲା।

ସୁପର ସାଇକ୍ଲୋନ୍ ପରେ ଅନେକ ବାତ୍ୟା ଆସି ଓଡ଼ିଶା ରାଜ୍ୟର ବୁକୁ ଉପରେ ନାଚିଚାଲିଯାଇଛନ୍ତି। ଫାଇଲିନ, ଗଞ୍ଜାମ ମାଟି କୁ ଅସ୍ତବ୍ୟସ୍ତ କରି ଯାଇଛି।ଅକ୍ଟୋବର, ୧୨ ୨୦୧୩ ତାରିଖ ଓଡ଼ିଶା ଉପକୂଳରେ ତାଣ୍ଡବ ରଚିଥିଲା ଫାଇଲିନ । ଯଦିଓ ସୁପର ସାଇକ୍ଲୋନ ତୁଳନା ରେ ଏହାର ବିଭୀଷିକା କମ ରହିଥିଲା ତଥାପି ଜନ ଜୀବନ କୁ ଅସ୍ତବ୍ୟସ୍ତ କରିଥିଲା।

ଏହାପରେ ୨୦୧୯ ରେ ଅନ୍ୟ ଏକ ବାତ୍ୟା କୁ ଓଡ଼ିଶା ମୁକାବିଲା କରିଥିଲା ତାର ନାମ ଥିଲା ଫନି।ପାଣିପାଗ ବିଶେଷଜ୍ଞ ଏହା କୁ ଟ୍ରପିକଲ୍ ସାଇକ୍ଲୋନ ବୋଲି କୁହନ୍ତି।ମେ ଦୁଇ ତାରିଖ ରେ ଏହା ପୁରୀ ରେ ଲେଣ୍ଡଫଲ୍ କରିଥିଲା।ଏହା ପରେ ବାଂଲାଦେଶ ଅଭିମୁଖି ହୋଇଥିଲା।ଭାରତ ଏବଂ ବାଂଲାଦେଶ ରେ ତାଣ୍ଡବ ଲୀଳା ରଚିଥିଲା। ଫନି ଦ୍‌ୱାରା ୮୯ ଲୋକ ପ୍ରାଣ ହରାଇଥିଲେ।ଅନେକ କ୍ଷୟ କ୍ଷତି କରି ଫନି ଚାଲିଯାଇଥିଲା। ନିକଟରେ ଦାନା ଓଡ଼ିଶା ମାଟିକୁ ଚୁଇଁଯାଇଛି। ବାତ୍ୟା ଜନିତ ଅନୁଭୂତି ଓଡ଼ିଶାବାସୀଙ୍କୁ ଭୟବିତ କରିଛି। ରାସ୍ତାରେ ଘରେ ପାଣି ପଶିଛି।ଲୋକ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

ବାତ୍ୟା ଏକ ନିଶ୍ଚିତ ସଙ୍କଟ ଭାବରେ ଆଜି ଠିଆ ହୋଇଛି। ପରିବେଶ ବିଶେଷଜ୍ଞଙ୍କ ମତରେ ଏହି ଅଦିନିଆ ପୁଣି ମୁହୁର ମୁହୁର ବାତ୍ୟାର ମୁଖ୍ୟ କାରଣ ହେଲା ପ୍ରଦୁ୍ୟଷଣ। ବିଶୃଙ୍ଖଳିତ ପରିବେଶ।ବାୟୁ ମଣ୍ଡଳ ଭିତରେ ବିଭିନ୍ନ ପ୍ରକାରର କ୍ଷତିକାରକ ଗ୍ୟାସ ଜମା ହେଉଛି ଏବଂ ବାୟୁମଣ୍ଡଳର ଉତ୍ତାପ ବଢୁଛି।

ଆମ ଦେଶର ରାଜନେତା ଓ ବୁଦ୍ଧିଜୀବୀ ମାନେ ଦେଶକୁ ବଞ୍ଚାଇବା ପାଇଁ କୌଣସି ଏକ ଠୋସ କଦମ ଉଠାଇବାର ଏହା ପ୍ରକୃତ ସମୟ। ସମୁଦ୍ର କୂଳରେ ଯଦି ଝାଉଁ ଗଛ ବା କିଆ ଗଛ ଲଗାଯାଏ ତାହେଲେ ଏହି ଗଛ ଗୁଡ଼ିକ ସମୁଦ୍ର ପାଣି କୁ ସହର ରେ ବା ଗାଁ ରେ ପଶିବା ଉପରେ କିଛି କାଂଶରେ ନିୟନ୍ତ୍ରଣ କରି ପାରିବେ।ସମୁଦ୍ର ବାଲି କୁ ଧରି ରଖି ପାରିବେ।ଯେତେବେଳେ ବାତ୍ୟା ଆସୁଛି ସମୁଦ୍ର ରେ ବଡ଼ ବଡ଼ ଲହରୀ ଉଠୁଚି, ସମୁଦ୍ର କୁ ପଶୁଥିବା ନଦୀ ପାଣି ସମୁଦ୍ର ଭିତରକୁ ପଶି ପାରୁନି ବରଂ ବଡ଼ ବଡ଼ ଢେଉର ଧକ୍କା ଖାଇ ସହର ଓ ଗାଁରେ ବନ୍ୟା ସୃଷ୍ଟି କରୁଛି। ପ୍ରତି ବର୍ଷ ବାତ୍ୟାରେ ଓଡ଼ିଶାରେ କୋଟି କୋଟି ଟଙ୍କାର କ୍ଷୟ କ୍ଷତି ଦେଖିବା କୁ ମିଳୁଛି। ଯଦି ଏହି ପରି କ୍ଷୟ କ୍ଷତି ଚାଲିବ ତାହେଲେ ରାଜ୍ୟ ଆଗକୁ କିପରି ବଢ଼ିବ। ରାଜ୍ୟର ରାଜକୋଷ କେବଳ ବାତ୍ୟା ଜନିତ କ୍ଷୟ କ୍ଷତି ପୂରଣ କରିବାରେ ସରିବ। ରାଜ୍ୟ ସରକାର ଏହାକୁ ଦୃଷ୍ଟି ରେ ରଖି ଓଡ଼ିଶା ପାଇଁ କୌଣସି ସୁଦୃଢ଼ ପଦକ୍ଷେପ ନେବା ଉଚିତ।

**ବ୍ରହ୍ମପୁର, ଖୋଡାସିଙ୍ଗ, କଳିଙ୍ଗନଗର**
**ମୋବାଇଲ୍: ୭୨୦୫୧୦୦୮୩୯**

# ଆପ୍ ଛାଡ଼ି ବିଜେପିକୁ ଫେରିଲେ ହରସରନ ସିଂହ ବାଲି

**ନୂଆଦିଲ୍ଲୀ, ୧୦ା୧୧:** ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ପ୍ରଥମ ବଡ଼ ସଫଳତା। ଦିଲ୍ଲୀର କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ୍)ର ନେତା ତଥା ପୂର୍ବତନ ମନ୍ତ୍ରୀ ହରସରନ ସିଂହ ବାଲି ଓ ତାଙ୍କ ପୁଅ ଗୁର୍ମିତ ସିଂହ ଆଜି ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ବାଲି ଓ ତାଙ୍କ ପୁଅ ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା, ସୁବାସ ଆର୍ଯ୍ୟ ଓ ସୁବାଷ ସଚଦେବାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ପଦ୍ମ ଧରିଛନ୍ତି। ବୈଜୟନ୍ତ ପଣ୍ଡାଙ୍କ ସଫଳ ରଣନୀତି ପାଇଁ ଦିଲ୍ଲୀର ଆମ ଆଦମୀ ପାର୍ଟିର ଟାଣୁଆ ଓ ପ୍ରଭାବଶାଳୀ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ନେତା ପଦ୍ମ ଧରିବେ ବୋଲି ବିଜେପି ପକ୍ଷରୁ ସୂଚନା ଦିଆଯାଇଛି।

ବାସ୍ତବରେ ହରସରନ ସିଂହ ବାଲିଙ୍କର ଏହା ଘର ବାହୁଡ଼ା। କାରଣ ସେ ପୂର୍ବରୁ ବିଜେପିରେ ଥିଲେ। କିନ୍ତୁ ୪ ବର୍ଷ ପରେ ସେ ଆପ୍‌ରେ ମିଶିଥିଲେ। ୨୦୨୦ ଜାନୁଆରୀ ମାସରେ ସେ ବିଜେପି ଛାଡ଼ିବା ପରେ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉପସ୍ଥିତିରେ ଆପ୍‌ରେ ସାମିଲ ହୋଇଥିଲେ। ୧୯୯୩ରୁ ୨୦୧୩ ଯାଏ ହରି ନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ରହିଥିବା ଶ୍ରୀ ବାଲି ଦିଲ୍ଲୀରେ ମଦନ ଲାଲ ଖୁରାନଙ୍କ ସମୟରେ ଶିଳ୍ପ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଆଗକୁ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ବିଜେପି ବୈଜୟନ୍ତ ପଣ୍ଡାଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି କରିଛି। ସେ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ବାଲିଙ୍କ ଯୋଗଦାନ ଏହାକୁ ଆହୁରି ଋଦ୍ଧିମନ୍ତ କରିଥିବା କୁହାଯାଉଛି।

# ଟ୍ରକ୍‌କୁ ପଛରୁ ପିଟିଲା କାର୍, ୫ ମୃତ

**ନୂଆଦିଲ୍ଲୀ, ୧୦ା୧୧:** ଭୟଙ୍କର ସଡ଼କ ଦୁର୍ଘଟଣା। ରାସ୍ତାରେ ଛିଡ଼ା ହୋଇଥିଲା ଟ୍ରକ୍। ପଛରେ ଆସୁ ପିଟା ହେଲା କାର୍। ଏଥିରେ ୫ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ଏଭଳି କିଛି ଘଟଣା ଘଟିଛି ଗ୍ରେଟର ନୋଏଡା ଏକ୍ସପ୍ରେସୱେରେ। ସୂଚନା ମୁତାବକ, ଗ୍ରେଟର ନୋଏଡା ନଲେଜ ପାର୍କ ପୁଲିସ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ନୋଏଡା ଏକ୍ସପ୍ରେସ୍‌ୱେରେ ଏକ ଖରାପ ଟ୍ରକ୍ ଛିଡ଼ା ହୋଇଥିଲା। ଏହି ସମୟରେ ପରିଚୌକ୍ ଯାଉଥିବା ଏକ କାର୍ ଦ୍ରୁତ ଗତିରେ ଆସି ଟ୍ରକ୍‌ର ପଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୫ ଜଣଙ୍କର ମୃତ୍ୟୁ ଘଟିଛି। ବହୁ ଚେଷ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବାହାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଓ ଦୁଇ ଜଣ ପୁରୁଷ ଅଛନ୍ତି। ଗ୍ରେଟର ନୋଏଡା ଅଶୋକ କୁମାର କହିଛନ୍ତି, ଆଜି ସକାଳେ ଏକ ଦ୍ରୁତ ଗତିରେ ଆସୁଥିବା କାର୍ ନଲେଜ ପାର୍କ ଥାନା ଅଞ୍ଚଳର ସେକ୍ଟର ୧୪୬ ନିକଟ ପଛରୁ ଏକ ଖରାପ ପାର୍କିଂ ଟ୍ରକ୍‌କୁ ଧକ୍କା ଦେଇଥିଲା। ଯେଉଁଥିରେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଏବଂ ଅନ୍ୟ ଚାରି ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତରମାନେ ସେମାନଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ତେବେ ପରିବାର ସଦସ୍ୟଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ ହୋଇଛି। କିଛି ସମୟ ପରେ କ୍ଷତିଗ୍ରସ୍ତ ଯାନଗୁଡ଼ିକୁ ରାଜପଥରୁ ହଟାଇ ଦିଆଯାଇଛି ଏବଂ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି।

# ବାର୍ ଭିତରେ ଆଖିବୁଜା ଗୁଳିମାଡ଼, ୧୦ ମୃତ

**ମେକ୍ସିକୋ ସିଟି, ୧୦ା୧୧:** ଟ୍ରକ୍‌ରେ ଆସିଲେ ବନ୍ଧୁକଧାରୀ। ବାର୍ ଭିତରେ ପଶି ଲୋକଙ୍କ ଉପରକୁ କଲେ ଆଖିବୁଜା ଗୁଳିମାଡ଼। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୭ ଜଣ ଆହତ ହୋଇଛନ୍ତି। ମେକ୍ସିକୋରେ ଘଟିଛି ଏଭଳି କିଛି ଘଟଣା। ମେକ୍ସିକୋ ପୁଲିସର ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଲୋସ୍ କାନ୍ତରିତୋସ୍ ବାର୍‌ରେ ଏହି ଗୁଳିମାଡ଼ ହୋଇଛି। ଏକ ଟ୍ରକ୍‌ରେ ୫ରୁ ୬ ବନ୍ଧୁକଧାରୀ ଆସି ବାର୍ ଭିତରେ ପଶିଥିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ପରେ ସେଠାରୁ ସେମାନେ ଫେରାର ହୋଇଯାଇଥିଲେ। ବାର୍‌ରେ ଅନେକ ଲୋକେ ମୌଜମସ୍ତିରେ ମସଗୁଲ ଥିବା ବେଳେ ଏହି ଘଟଣା ଘଟିଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରେ ୭ ଜଣ ପୁରୁଷ ଓ ୩ ଜଣ ମହିଳା ଥିବା ପୁଲିସ କହିଛି। ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛି।

# ବିଜେପି ଅଫିସ୍‌ରେ ନେତାଙ୍କ ମୃତଦେହ, ମହିଳା ଗିରଫ

**କୋଲକାତା, ୧୦ା୧୧:** ବିଜେପି କାର୍ଯ୍ୟାଳୟ ଭିତରେ ମିଳିଲା ଜଣେ ନେତାଙ୍କ ମୃତଦେହ। ଏହାକୁ ନେଇ ଚାରିଆଡେ ଆତଙ୍କ ଖେଳି ଯାଇଛି। ତାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗାନା ଜିଲ୍ଲାର ଉତ୍ସିରୁ ସାମ୍ନାକୁ ଆସିଛି ଏଭଳି କିଛି ଆଶ୍ଚର୍ଯ୍ୟଜନକ ମାମଲା। ବିଜେପି ଅଫିସ ଭିତରୁ ଯେଉଁ ଦଳୀୟ ନେତାଙ୍କ ମୃତଦେହ ମିଳିଛି ସେ ହେଲେ ପୃଥ୍ୱୀରାଜ ନସ୍କର। ସେ ଦଳର ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରୁଥିଲେ। ଶୁକ୍ରବାର ରାତିରେ ତାଙ୍କ ମୃତଦେହ ପାର୍ଟି ଅଫିସରେ ମିଳିଥିଲା। ତାଙ୍କ ପରିବାର ଲୋକଙ୍କ କହିବା କଥା ସେ ନଭେମ୍ବର ୫ ତାରିଖରୁ ନିଖୋଜ ଥିଲେ। ସେପଟେ ଏହି ଘଟଣାକୁ ନେଇ ତୃଣମୂଳ କଂଗ୍ରେସକୁ ଘେରିଛି ବିଜେପି। ତେବେ ପୁଲିସ କହିଛି ଯେ ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି ଏବଂ ହତ୍ୟାର କାରଣ ଜାଣିବା ପାଇଁ ଉଦ୍ୟମ ଚାଲିଛି। ଗିରଫ ମହିଳା ଜଣକ ପୃଥ୍ୱୀରାଜ ନସ୍କରଙ୍କୁ ତୀକ୍ଷ୍ଣ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ସ୍ୱୀକାର କରିଛି। ଏହି କାରଣ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ କହିଛି। ତେବେ କାହିଁକି ତାଙ୍କୁ ହତ୍ୟା କରାଗଲା ଏହି ମାମଲାରେ ଆଉ କିଏ ସାମିଲ ଅଛନ୍ତି ନା ନାହିଁ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହାପୂର୍ବରୁ ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାରେ ତୃଣମୂଳ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କୁ ମଧ୍ୟ ପିଟିପିଟି ହତ୍ୟା କରାଯାଇଥିଲା। ରାତିରେ ସେ ଘରକୁ ଫେରୁଥିବା ବେଳେ ବୋଲପୁର ସହର ନିକଟ ପାରଲଡଙ୍ଗା ଠାରେ କିଛି ଲୋକେ ୪୦ ବର୍ଷିୟ ସମୀର ଥାଣ୍ଡରଙ୍କ ଉପରକୁ ଆକ୍ରମଣ କରିଥିଲେ। ସେ କଙ୍କାଳିତାଲା ପଞ୍ଚାୟତର ସଦସ୍ୟ ଥିଲେ। ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ କହିଛି।

# ଦାଢ଼ି କାଟିବାକୁ କଶ୍ମୀର ଛାତ୍ରଙ୍କୁ କଲେଜ ପ୍ରଶାସନର ଧମକ

**ଶ୍ରୀନଗର, ୧୦ା୧୧:** ଦାଢ଼ି କାଟ ନଚେତ ଆସିପାରିବନି କଲେଜ। କ୍ଲାସରେ ଯୋଗ ଦେବାକୁ ହେଲେ କାଟିବାକୁ ପଡିବ ଦାଢ଼ି। କ୍ଲିନ୍ ସେଭ୍ ହେଲେ ଯାଇ ଆସିପାରିବ କଲେଜ। କର୍ଣ୍ଣାଟକର ଏକ ନର୍ସିଂ କଲେଜରେ ପଢୁଥିବା ଜଣେ କଶ୍ମୀର ଛାତ୍ରଙ୍କୁ ମିଳିଛି ଏଭଳି କିଛି ଧମକ। କଲେଜ ପ୍ରଶାସନ କଲେଜରେ ସାମିଲ ହେବା ପାଇଁ ଦାଢ଼ି ଟ୍ରିମ ବା କ୍ଲିନ୍ ସେଭ କରି ଆସିବାକୁ ତାଙ୍କୁ କହିଥିବା ଛାତ୍ର ଜଣକ ଅଭିଯୋଗ ଆଣିଛନ୍ତି।

କର୍ଣ୍ଣାଟକ ହସନ ଜିଲ୍ଲାର ସରକାରୀ ନର୍ସିଂ କଲେଜର ଘଟଣା। ଏଠାକାର କିଛି ଛାତ୍ରାଛାତ୍ରୀ ଦାବି କରିଛନ୍ତି ଯେ ଯଦି ସେମାନେ କଲେଜ ପ୍ରଶାସନଙ୍କ ନିର୍ଦ୍ଦେଶ ପାଳନ ନକରନ୍ତି ତେବେ ସେମାନଙ୍କୁ କ୍ଲିନିକାଲ ଡ୍ୟୁଟିରେ ଅନୁପସ୍ଥିତ ରହିବାକୁ ଧମକ ଦିଆଯାଇଛି। ଅଭିଯୋଗ ମୁତାବକ, ପ୍ରାୟ ୨୪ କଶ୍ମୀରୀ ଛାତ୍ରଙ୍କୁ କୁହାଯାଇଛି ଯେ କଲେଜ କାର୍ଯ୍ୟକଳାପ ଏବଂ କ୍ଲିନିକାଲ ଡ୍ୟୁଟିରେ ଭାଗ ନେବାକୁ ହେଲେ ସେମାନଙ୍କୁ ଦାଢ଼ା କାଟିବାକୁ ପଡିବ କିମ୍ବା ଟ୍ରିମ୍ କରିବାକୁ ହେବ। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ଯେଉଁମାନଙ୍କ ଲମ୍ବା ଦାଢ଼ି ରହିଛି ସେମାନଙ୍କୁ କ୍ଲିନିକାଲ୍ ଆକ୍ଟିଭିଟିଜ୍ ଅନୁପସ୍ଥିତ ଥିବା ଦର୍ଶାଯାଇଛି। ଏହା ସେମାନଙ୍କର ଉପସ୍ଥାନ ଏବଂ ଏକାଡେମିକ୍ ରେକର୍ଡ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେବେ ଏଭଳି ଅଭିଯୋଗକୁ କଲେଜ ପ୍ରଶାସନ ଖଣ୍ଡନ କରିଛି। ଏହି ନିୟମ କେବଳ କଶ୍ମୀର ଛାତ୍ରଙ୍କ ପାଇଁ ନୁହେଁ କଲେଜର ସମସ୍ତ ଛାତ୍ରଙ୍କ ପାଇଁ ଥିବା କଲେଜ ପ୍ରଶାସନ କହିଛି। ତେବେ ପରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ଏକ ଚିଠି ଲେଖି ଜମ୍ମୁ କଶ୍ମୀର ଛାତ୍ର ସଂଘ ଏଥିରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲା। ଏହା ପରେ ଏହି ସମସ୍ୟାର ସମାଧାନ ହୋଇଛି। ଛାତ୍ର ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିବା ପରେ କଲେଜ ପ୍ରଶାସନ କଶ୍ମୀର ଛାତ୍ରଛାତ୍ରୀଙ୍କ ସହ ଏକ ବୈଠକ କରିଛନ୍ତି। ବିନା କୌଣସି ଅସୁବିଧାରେ ସେମାନଙ୍କ ଧାର୍ମିକ ରୀତିନୀତି କରିବାକୁ ଅନୁମତି ଦେବାକୁ ରାଜି ହୋଇଛନ୍ତି।

### ମହାରାଷ୍ଟ୍ର ବିଧାନସଭା ପାଇଁ ଏମଭିଏ ଇସ୍ତାହାର

# ଜାତି ଜନଗଣନା ସହ ମହିଳାଙ୍କୁ ମାସିକ ୩ ହଜାର ଟଙ୍କା



**ମୁମ୍ବାଇ,୧୦ା୧୧:** ମହାରାଷ୍ଟ୍ରରେ କଂଗ୍ରେସ-ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧିନ ଏନସିପିକୁ ନେଇ ଗଠିତ ମହାଅଗାଢ଼ି କ୍ଷମତାକୁ ଆସିଲେ ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯିବ ଏବଂ ଗରିବ ମହିଳାଙ୍କୁ ମାସିକ ୩ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ରବିବାର ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ମହାଅଗାଢ଼ିର ନିର୍ବାଚନ ଇସ୍ତାହାର ବା ସଙ୍କଳ୍ପପତ୍ରକୁ ଉନ୍ମୋଚିତ କରି କହିଛନ୍ତି ଯେ, କଂଗ୍ରେସ ଦଳିତ, ଆଦିବାସୀ , ସଂଖ୍ୟାଲଘୁ ଏବଂ ମହିଳାଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛି। ଦଳିତ, ଓବିସି, ଆଦିବାସୀଙ୍କ ସଠିକ ସଂଖ୍ୟା ଜାଣିବାକୁ ହେଲେ ଜାତିଗତ ଜନଗଣନା ଜରୁରୀ। ବିଜେପି ଏହାକୁ ବିରୋଧ କରୁଛି। କଂଗ୍ରେସ କ୍ଷମତାକୁ ଆସିଲେ ଦେଶରେ ଜାତିଭିତ୍ତିକ ଜନଗଣନା କରିବ ଏବଂ ବିଭିନ୍ନ ଜାତିର ସଂଖ୍ୟା ଅନୁପାତ ଆଧାରରେ ସେମାନଙ୍କୁ ସଂରକ୍ଷଣ ସୁବିଧା ଦିଆଯିବ। ଏଥିପାଇଁ ମୋଟ ସଂରକ୍ଷଣ ସୀମା ୫୦% ଭିତରେ ସୀମିତ ରହିବ ବୋଲି ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି ତାହାକୁ ହଟାଇବା ନିମନ୍ତେ ସମ୍ବିଧାନ ସଂଶୋଧନ କରାଯିବ। ମହାଅଗାଢ଼ି ପକ୍ଷରୁ ଜାରି ଇସ୍ତାହାରରେ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ବିକାଶ ନିମନ୍ତେ ୫ଟି ଗ୍ୟାରେଣ୍ଟି ଦିଆଯାଇଛି। ମହାରାଷ୍ଟ୍ର ବିକାଶର ଏହା ୫ଟି ସ୍ତମ୍ଭ ହେବ ବୋଲି ସେ କହିଥିଲେ। ଖାର୍ଗେ କହିଥିଲେ ଯେ, ମହାଅଗାଢ଼ି କ୍ଷମତାକୁ ଆସିଲେ ମହିଳାଙ୍କୁ ମାସିକ ୩ହଜାର ଟଙ୍କା, ଠିକ ସମୟରେ ଋଣ ପରିଶୋଧ କରିଥିବା ଚାଷୀଙ୍କୁ ଏକକାଳୀନ ୫୦ ହଜାର ଟଙ୍କାର ସହାୟତା, ଜାତିଗତ ଜନଗଣନା ଏବଂ ୫୦% ସଂରକ୍ଷଣ ସୀମା ହଟାଇବା, ୨୫ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ବେକାର ଯୁବକ ଯୁବତୀଙ୍କୁ ମାସିକ ୪ହଜାର ଟଙ୍କାର ଭତ୍ତା ଦିଆଯିବ ଏବଂ ରାଜସ୍ଥାନରେ ଅଶୋକ ଗେହଲଟ ଯେପରି ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିଥିଲେ, ତାହାକୁ ମହାରାଷ୍ଟ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ଖାର୍ଗେ ପ୍ରତିଶ୍ରୁତି ଦେଇଛନ୍ତି।




# ମହିଳାଙ୍କୁ ସହାୟତା ବୃଦ୍ଧି ଲାଗି ବିଜେପିର ପ୍ରତିଶ୍ରୁତି

**ମୁମ୍ବାଇ, ୧୦ା୧୧:** ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତି କ୍ଷମତାକୁ ଆସିଲେ ମହିଳାଙ୍କୁ ପ୍ରଦାନ କରାଯାଉଥିବା ମାସିକ ସହାୟତା ରାଶି ମାସିକ ୧୫୦୦ ଟଙ୍କାରୁ ୨୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ମହାରାଷ୍ଟ୍ରକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଏକ ହବରେ ପରିଣତ କରାଯିବ ବୋଲି ବିଜେପି ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।

ଗୃହମନ୍ତ୍ରୀ ଅମିତ ଶାହା ଏଠାରେ ଦଳର ନିର୍ବାଚନ ଇସ୍ତାହାରକୁ ଉନ୍ମୋଚନ କରି କହିଥିଲେ ଯେ, ବିଜେପି ନେତୃତ୍ୱାଧିନ ମହାୟୁତି ରାଜ୍ୟରେ ପୁନର୍ବାର କ୍ଷମତାକୁ ଆସିଲେ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରାଥମିକତା ଦିଆଯିବ। ଏହି ଘୋଷଣାପତ୍ର ଉନ୍ମୋଚନ ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶ, କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲ, ରାଜ୍ୟ ବିଜେପି ସଭାପତି ଚନ୍ଦ୍ରଶେକର ବାୱାନକୁଲେ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ୨୦ରେ ମହାରାଷ୍ଟ୍ର ବିଧାନସଭାର ସମସ୍ତ ୨୮୮ଟି ବିଧାନସଭା ଆସନ ନିମନ୍ତେ ଗୋଟିଏ ଦିନରେ ଭୋଟ ଗ୍ରହଣ କରାଯିବ। ୨୩ରେ ଭୋଟ ଗଣତି କରାଯିବ। ଏହି ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାୟୁତି ଏବଂ କଂଗ୍ରେସ ନେତୃତ୍ୱାଧିନ ମହାଅଗାଢ଼ି ମଧ୍ୟରେ ମୁକାବିଲା ହେଉଛି।

### ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

# ମାଷ୍ଟରମାଇଣ୍ଡ ଗିରଫ, ରହିଛି ପନ୍ନୁ ସହ ସମ୍ପର୍କ

**ଓଟାୱା, ୧୦ା୧୧:** ନିକଟରେ କାନାଡାରେ ଥିବା ହିନ୍ଦୁ ମନ୍ଦିର ଉପରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହି ମାମଲାରେ ଏବେ ପୁଲିସ ୪ର୍ଥ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବ୍ରାମ୍ପଟନ୍‌ର ଇନ୍ଦ୍ରଜିତ ଗୋଶାଲ। ମନ୍ଦିର ଉପରେ କରାଯାଇଥିବା ଆକ୍ରମଣ ସେ ହେଉଛନ୍ତି ମାଷ୍ଟରମାଇଣ୍ଡ। କେବଳ ସେତିକି ନୁହେଁ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତବନ୍ତ ସିଂହ ପନ୍ନୁର ସେ ନିକଟତର ମଧ୍ୟ। ଏକ ବିଜ୍ଞପ୍ତି ଜାରି କରି ପିଲ ଆଞ୍ଚଳିକ ପୁଲିସ (ପିଆରପି) ଘୋଷଣା କରିଛି ଯେ ବ୍ରମ୍ପଟନର ୩୫ ବର୍ଷିୟ ଇନ୍ଦ୍ରଜିତ ଗୋଶାଲଙ୍କୁ ଗିରଫ କରାଯାଇଛି। ଗ୍ରେଟର ଟରୋଣ୍ଟରେ ହିନ୍ଦୁ ମନ୍ଦିର ଉପରେ ଅକ୍ରମଣ ଯୋଜନା ଇନ୍ଦ୍ରଜିତ ଗୋଶାଲ ହିଁ କରିଥିଲେ। ତେବେ ଗିରଫ କରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇ କିଛି ସର୍ତ୍ତ ଅନୁଯାୟୀ ତାଙ୍କୁ ଛାଡ଼ି ଦିଆଯାଇଛି। ଏହାପୂର୍ବରୁ ଏହି ମାମଲରେ ପୁଲିସ ତିନି ଜଣଙ୍କୁ ଗିରଫ କରିଥିଲା। ଇନ୍ଦ୍ରଜିତ ଗୋଶାଲ ସିଖ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତବନ୍ତ ସିଂହ ପନ୍ନୁର ରାଇଟ୍ ହ୍ୟାଣ୍ଡ। ହରଦୀପ ସିଂହ ନିଜ୍ଜରର ହତ୍ୟା ପରେ ସେ ହିଁ ପନ୍ନୁର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମ କରୁଛନ୍ତି। ପୁଲିସ କହିବା ମୁତାବକ, ଗୋଶାଲଙ୍କୁ ନଭେମ୍ବର ୮ ତାରିଖରେ ଗିରଫ କରାଯାଇଥିଲା। କିନ୍ତୁ ପରେ ଜାମିନରେ ତାଙ୍କୁ ମୁକ୍ତ କରାଯାଇଛି।

### ଝାଡ଼ଖଣ୍ଡରେ ମୋଦିଙ୍କ ପ୍ରଚାର

# କଂଗ୍ରେସ ପଛୁଆ ବର୍ଗଙ୍କୁ ବିଭାଜିତ କରୁଛି

**ବୋକାରୋ, ୧୦ା୧୧:** କଂଗ୍ରେସ ସଂକୀର୍ଣ୍ଣ ରାଜନୈତିକ ଫାଇଦା ହାସଲ ନିମନ୍ତେ ଆଦିବାସୀ, ଦଳିତ ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ଭିତରେ ବିଭାଜନ ସୃଷ୍ଟି ପାଇଁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ରବିବାର ଏଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ବିଶାଳ ନିର୍ବାଚନ ରାଲିରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧିନ ସରକାର ବିଗତ ୫ ବର୍ଷ ଭିତରେ ବହୁ କୋଟି ଟଙ୍କାର ଦୁର୍ନୀତିରେ ସମ୍ପୃକ୍ତ ହୋଇଛନ୍ତି। କଂଗ୍ରେସକୁ ପେପର ଲିକ ମାଫିଆ, ରିକ୍ରୁଟମେରଣ୍ଟ ମାଫିଆ ଦଳ ଭାବେ ବର୍ଣ୍ଣନା କରି ସେ କହିଥିଲେ ଯେ, ଆଦିବାସୀ, ଦଳିତ, ଓବିସି ବର୍ଗର ଲୋକେ ଏକାଠି ରହିଲେ ହିଁ ସେମାନେଙ୍କର ବିକାଶ ହେବ ଏବଂ ସେମାନେ ଆଗକୁ ବଢ଼ିବେ। କଂଗ୍ରେସ ସେମାନଙ୍କ ଭିତରେ ସବକ୍ୟାଷ୍ଟ ବ୍ୟବସ୍ଥା କରି ସେମାନଙ୍କ ଭିତରେ ଥିବା ଏକତା ଭଙ୍ଗ କରିବାକୁ ପ୍ରୟାସ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ନବେ ଦଶକର ଆଦ୍ୟଭାଗରେ ଓବିସି ବର୍ଗଙ୍କ ନିମନ୍ତେ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେବା ପରେ କଂଗ୍ରେସ ଆଜି



ପର୍ଯ୍ୟନ୍ତ ଲୋକସଭାରେ କେବେ ୨୫୦ ଅଙ୍କ ଟପିନି। କଂଗ୍ରେସର ଜାତିଗତ ଜନଗଣନା ଦାବିକୁ ସମାଲୋଚନା କରି ସେ କହିଥିଲେ ଯେ, କଂଗ୍ରେସ ଦେଶକୁ ଜାତି ଭିତ୍ତିରେ ଭାଗ ଭାଗ କରିବାକୁ ଚାହୁଁଛି। ଏହା ଓବିସି ବର୍ଗରେ ବିଭାଜନ ଲାଗି ଉଦ୍ୟମ କରୁଛି।

ସେ କହିଥିଲେ ଯେ, ଝାଡ଼ଖଣ୍ଡରେ ବାଂଲାଦେଶୀ ଶରଣାର୍ଥୀମାନେ ବିଭିନ୍ନ ସରକାରୀ ଚାକିରୀ ଏବଂ ପଦପଦବୀ ଅକ୍ତିଆର କରୁଛନ୍ତି। ସ୍ଥାନୀୟ ଯୁବକ ନିଯୁକ୍ତିରୁ ବଂଚିତ ହେଉଛନ୍ତି। ଝାଡ଼ଖଣ୍ଡରୁ ଅନେକ ଯୁବକ ସେନାରେ ନିଯୁକ୍ତି ପାଇଛନ୍ତି। ଜାମ୍ମୁ-କାଶ୍ମୀରରେ ଅନେକ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇଛନ୍ତି। ସେଥିପାଇଁ ବିଜେପି ସରକାର ଧାରା ୩୭୦ ଉଚ୍ଛେଦ କଲେ। ଏବେ କଂଗ୍ରେସ ଏହାକୁ ପୁନର୍ବାର କାର୍ଯ୍ୟକାରୀ କରିବାକୁ ଚାହୁଁଛି। ଏହା ପରୋକ୍ଷରେ ଦେଶବିରୋଧୀ ଏବଂ ଆତଙ୍କବାଦୀଙ୍କୁ ସହାୟତା କରିବ। କଂଗ୍ରେସ ଆତଙ୍କବାଦ ପ୍ରତି ସବୁ ବେଳେ କୋହଳ ଆଭିମୁଖ୍ୟ ଏବଂ ସାଲିସ କରୁଛି ବୋଲି ମୋଦିଜୀ ଅଭିଯୋଗ କରିଥିଲେ। ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ବାବା ସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ଆଧାରରେ ଶପଥ ନେଲେ। ଝାଡ଼ଖଣ୍ଡରେ ବିଜେପି କ୍ଷମତାକୁ ଆସିଲେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବ। ରାଜ୍ୟରେ ଅନୁପ୍ରବେଶକୁ ରୋକାଯିବ ଏବଂ ଆଦିବାସୀଙ୍କ ଜମି ଅଧିକାରକୁ ସୁରକ୍ଷା ପ୍ରଦାନ କରିବ। ରାଜ୍ୟରେ ବିଜେପି ସହ ଜେଡିୟୁ, ଏଲଜେପି ଏବଂ ଏଜେଏସୟୁ ମେଣ୍ଟ ମିଳିତ ଭାବେ ଲଢ଼ୁଛନ୍ତି। ଏହି ମେଣ୍ଟକୁ ବିକାଶର ମେଣ୍ଟ ଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

# ବିଜେପିକୁ କୀଟନାଶକ ଆବଶ୍ୟକ: ଗଡ଼କରୀ

**ମୁମ୍ବାଇ, ୧୦ା୧୧:** 'ଯେମିତି ଯେମିତି ଫସଲ ବଢ଼ିଥାଏ, ରୋଗ ବି ବଢ଼ିଥାଏ। ବିଜେପିର ମଧ୍ୟ ଫସଲ ବଢ଼ି ଚାଲିଛି। ଆଉ ଫସଲ ବଢ଼ିବା ଯୋଗୁ ଏଥିରେ ପୋକ ମଧ୍ୟ ଲାଗିଗଲାଣି। ତେଣୁ କୀଟନାଶକ ସିଞ୍ଚନ କରିବାକୁ ପଡ଼ିବ।' ଆଗକୁ ମହାରାଷ୍ଟ୍ର ନିର୍ବାଚନ। ଏଥିପାଇଁ ସବୁ ଦଳ ଜୋର୍‌ସୋର୍‌ରେ ଲାଗି ପଡିଛନ୍ତି। ଚାଲିଛି ଜୋରଦାର ପ୍ରଚାର। ଏହାରି ଭିତରେ ନିଜ ଦଳକୁ ହିଁ ଏଭଳି କିଛି କଟାକ୍ଷ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଶନିବାର ବିଜେପିରେ ଦାଗୀ ନେତାଙ୍କ ପ୍ରବେଶକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଦଳ ଯେତିକି ସଦସ୍ୟ ବଢ଼ାଉଛି କିଛି ସମସ୍ୟା ଉପୁଜିଛି। ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦଳକୁ କିଛି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଏକ ଚ୍ୟାନେଲକୁ ସାକ୍ଷାତକାର ଦେଇ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ବିଜେପିର ରାଜନୈତିକ ସଫଳତାକୁ ଫସଲ ସହ ତୁଳନା କରିଛନ୍ତି। ବିଜେପିର ରାଜନୈତିକ ଫସଲ ବଢ଼ିଛି, ଫସଲ ବଡ଼ ହେଲେ ପୋକ ଲାଗିଥାଏ, ଏଭଳି ପରିସ୍ଥିତିରେ କୀଟନାଶକ ସିଞ୍ଚନ କରିବାର ଆବଶ୍ୟକତା ରହିଛି।



# କିସ୍ତୱାରରେ ଆତଙ୍କବାଦୀଙ୍କ ସହ ଏନକାଉଣ୍ଟର

**ଶ୍ରୀନଗର, ୧୦ା୧୧:** ଜାମ୍ମୁ-କାଶ୍ମୀରର କିସ୍ତୱାରା ଜିଲ୍ଲାରେ ଆତଙ୍କବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଏନକାଉଣ୍ଟର ଚାଲିଛି। ସେଠାରେ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇ ସୁରକ୍ଷା ବାହିନୀ କମ୍ବିଂ ଆରମ୍ଭ କରିଥିଲା। ଯେଉଁ ୪ଜଣ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିଛି ସେମାନଙ୍କ ମଧ୍ୟରେ ସେହି ଦୁଇଜଣ ଆତଙ୍କବାଦୀ ଅଛନ୍ତି ଯେଉଁମାନେ ଦୁଇଦିନ ତଳେ ଦୁଇଜଣ ଗ୍ରାମରକ୍ଷୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେମାନଙ୍କୁ ସୁରକ୍ଷା ବାହିନୀ ଘେରାବନ୍ଦୀରେ ରଖି ଗୁଳି ଚଳାଇଛି। ଗତ ୨୪ ଘଣ୍ଟା ଭିତରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏହା ତୃତୀୟ ଏନକାଉଣ୍ଟର ଘଟଣା।

ଜମ୍ମୁ କଶ୍ମୀରର ବାରାମୁଲ୍ଲା ଜିଲାର ସୋପୋରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ଜଣେ ଆତଙ୍କବାଦୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଚାଲିଛି। ଏହା ବ୍ୟତୀତ ଶ୍ରୀନଗରର କିସ୍ତବାଡ଼ା ଅଞ୍ଚଳ ପଛରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଣ୍ଟର ମଧ୍ୟ ଚାଲିଛି। ଏଥିରେ ଗୁଳିବିନିମୟରେ ତିନି ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି। ଅଧିକାରୀ କହିଛନ୍ତି ଯେ ଦୁଇରୁ ତିନି ଆତଙ୍କବାଦୀ ସେଠାରେ ଲୁଚି ରହିଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁପ୍ତଚର ସୂଚନା ପାଇବା ପରେ ସେନା, ସିଆରପିଏଫ ଏବଂ ପୁଲିସ ମିଳିତ ଆତଙ୍କବାଦ ବିରୋଧୀ ଅପରେସନ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ,ଏହାପୂର୍ବରୁ ଶୁକ୍ରବାର ସୋପୋରର ସାଗିପୋରା ଅଞ୍ଚଳରେ ସୁରକ୍ଷା ବାହିନୀ ସହ ହୋଇଥିବା ଏନକାଉଣ୍ଟରରେ ଦୁଇଜଣ ବିଦେଶୀ ଆତଙ୍କବାଦୀ ନିହତ ହୋଇଥିଲେ। ଗୁରୁବାର ରାତିରୁ ହିଁ ଏହି ଏନ୍‌କାଉଣ୍ଟର ଜାରି ରହିଥିଲା। ମୃତ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ପୁଲିସ କହିଛି।

# ଲେବାନନରେ ଇସ୍ରାଏଲର ବୋମାମାଡ଼, ୪୦ ମୃତ



**ବିରୁଟ, ୧୦ା୧୧:** ଗାଜା ଓ ହେଜବୁଲ୍ଲା ସହ ସଂଘର୍ଷ ଜାରି ରଖିଛି ଇସ୍ରାଏଲ । ଇତିମଧ୍ୟରେ ଇସ୍ରାଏଲ ପୁଣି ଥରେ ଏୟାର ଷ୍ଟ୍ରାଇକ୍ କରିଛି। ଲେବନାନର ରାଜଧାନୀ ବେରୁଟ ସହର ଉପରେ କରିଛି ବୋମା ବର୍ଷା। ଏଥିରେ ଶିଶୁଙ୍କ ସମେତ ୪୦ ଜଣ ପ୍ରାଣ ହରାଇଛନ୍ତି। ଏନେଇ ଲେବନାନ୍ ଅଧିକାରୀମାନେ କହିଛନ୍ତି। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୮ ତାରିଖ ଶୁକ୍ରବାର ଦିନ ସମୁଦ୍ର କୂଳରେ ଥିବା ସହର ଟାୟାରରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଆକ୍ରମଣ ପୂର୍ବରୁ ଇସ୍ରାଏଲ ସେନା ସହରର ଅନେକ ସ୍ଥାନକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ବେରୁଟ ସହର ଉପରେ ଆକ୍ରମଣ କରିବା ପୂର୍ବରୁ କିନ୍ତୁ ଇସ୍ରାଏଲ ସେନା କୌଣସି ଆଗୁଆ ସୂଚନା ଦେଇନଥିଲା। ସେପଟେ ହୁତି ବିଦ୍ରୋହୀମାନେ ଇସ୍ରାଏଲର ନେଭାଟିମ ଏୟାରବେସକୁ 'ବାଲିଷ୍ଟିକ୍ କ୍ଷେପଣାସ୍ତ୍ର' ସହିତ ଟାର୍ଗେଟ କରିଥିବା ଦାବି କରିଛନ୍ତି। ଇସ୍ରାଏଲ ଆକ୍ରମଣ ପରେ ଲେବାନନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି, ଆକ୍ରମଣ ପରେ ଉଦ୍ଧାର ହୋଇଥିବା ମୃତକଙ୍କ ଶରୀରର ଡିଏନଏ ପରୀକ୍ଷା କରାଯିବ। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶନିବାର କହିଛି ଯେ ନିକଟବର୍ତ୍ତୀ ସହରଗୁଡ଼ିକରେ ହୋଇଥିବା ଆକ୍ରମଣରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ କିଛି ଡାକ୍ତର ମଧ୍ୟ ସାମିଲ ଥିଲେ। ଏହାବ୍ୟତୀତ ବାଲବେକ୍ ନିକଟରେ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ମଧ୍ୟ ୨୦ ଜଣଙ୍କ ମୃତ୍ୟୁ ଘଟିଛି।

ସେପଟେ ଇସ୍ରାଏଲ ସେନା ଏକ ବିବୃତି ଜାରି କରି କହିଛି ଯେ ଟାୟାର ଓ ବାଲବେକରେ ହେଜବୁଲ୍ଲାର ଆଡ୍ଡାକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଛି। ଏହି ବେସ୍ ଗୁଡ଼ିକ ମଧ୍ୟରେ ଲଢୁଆ ବିମାନ, ଅପରେସନାଲ ଆପାର୍ଟମେଣ୍ଟ ଏବଂ ଅସ୍ତ୍ରଶସ୍ତ୍ର ଷ୍ଟୋର ଅନ୍ତର୍ଭୁକ୍ତ । ଲେବନାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଇସ୍ରାଏଲ ଗତ ବର୍ଷଠାରୁ ଲେବାନନରେ ଆକ୍ରମଣ କରୁଛି। ଯେଉଁଥିରେ ବର୍ତ୍ତମାନ ସୁଦ୍ଧା ୩ ହଜାର ୧୩୬ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬୧୯ ଜଣ ମହିଳା ଓ ୧୯୪ ଜଣ ଶିଶୁ ଅଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବରରୁ ଇସ୍ରାଏଲ ଲଗାତାର ଲେବାନନ ଉପରେ ଆକ୍ରମଣ କରୁଛି। ତେବେ ହିଜବୁଲ୍ଲା ସହ ଇସ୍ରାଏଲର ସଂଘର୍ଷ ଗତ ବର୍ଷ ଅକ୍ଟୋବର ମାସରୁ ଜାରି ରହିଛି। ସେପଟେ ହିଜବୁଲ୍ଲା ମଧ୍ୟ ରକେଟ୍ ଓ ଡ୍ରୋନ୍ ଜରିଆରେ ଲଗାତାର ଆକ୍ରମଣ କରୁଛି। ସୂଚନାଯୋଗ୍ୟ, ନଭେମ୍ବର ୯ ତାରିଖ ଶନିବାର ଦିନ ହିଜବୁଲ୍ଲା ତେଲ ଅବିଭର ଦକ୍ଷିଣରେ ଥିବା ଏକ ସାମରିକ କାରଖାନା ଉପରେ ଆକ୍ରମଣ କରିଥିଲା।

# ବିସ୍ଫୋରକ ଶତକ ସହ ବିଶ୍ୱ ରେକର୍ଡ କଲେ ଫିଲ ସଲ୍ଟ




**ମୁମ୍ବାଇ, ୧୦।୧୧:** ଇଂଲଣ୍ଡର ଓପନର ଫିଲ ସଲ୍ଟ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି-୨୦ରେ ବିସ୍ଫୋରକ ଶତକ ହାସଲ କରିଛନ୍ତି। ନିଜ ଟି-୨୦ କ୍ୟାରିୟରରେ ସଲ୍ଟ ତୃତୀୟ ଶତକ ହାସଲ କରିବାରୁ ଭ୍ରମଣକାରୀ ଇଂଲଣ୍ଡ ୮ ୱିକେଟରେ ୱେଷ୍ଟଇଣ୍ଡିଜକୁ ମାତ ଦେଇଛି।

୧୮୩ ରନକୁ ପିଛା କରୁଥିବା ଇଂଲଣ୍ଡ ପାଇଁ ସଲ୍ଟ ୫୪ ବଲରେ ଅପରାଜିତ ୧୦୩ ରନ କରିଛନ୍ତି। ଏହି ଇନିଂସରେ ସେ ୯ଟି ଚୌକା ଓ ୬ଟି ବିଶାଳ ଛକା ମାରିଛନ୍ତି। ଏହି ବିସ୍ଫୋରକ ଇନିଂସ ବଳରେ ଇଂଲଣ୍ଡ ୧୯ ବଲ ପୂର୍ବରୁ ପ୍ରଥମ ଟି-୨୦କୁ ଜିତି ନେଇଛି।

ଏହି ଇଂନିସ ପରେ ସଲ୍ଟ ଟି-୨୦ରେ ବିଶ୍ୱ ରେକର୍ଡ କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଗୋଟିଏ ଦଳ ବିପକ୍ଷରେ ଟି-୨୦ରେ ୩ଟି ଶତକ ହାସଲ କରିଛି। ଗତବର୍ଷ ସଲ୍ଟ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ୨ଟି ଟି-୨୦ରେ ୨ଟି ଶତକ ହାସଲ କରିଥିଲେ। ଏହାବାଦ ସେ ଜୋଶ ବଟଲରଙ୍କୁ ପଛରେ ପକାଇ ଇଂଲଣ୍ଡର ୱିକେଟ କିପର ବ୍ୟାଟର ଭାବେ ଟି-୨୦ରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ମଧ୍ୟ କରିଛନ୍ତି। ମ୍ୟାଚ କଥା ବିଚାରକୁ ନେଲେ ଇଂଲଣ୍ଡ ଟିମର ଅଧିନାୟକ ବଟଲର ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ରୋଭମନ ପାୱେଲଙ୍କ ଇଣ୍ଡିଜ ଟିମ ଏକଦା ୮ ୱିକେଟ ହରାଇ ୧୧୭ ରନ କରିଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ଦଳର ନିମ୍ନକ୍ରମ ବ୍ୟାଟର କମାଲ କରି ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନ କରିଥିଲେ। ଦଳ ପାଇଁ ନିକୋଲସ ପୂରନ ୨୯ ବଲରେ ୩୮ ରନ, ରୋମାରିଓ ଶେଫର୍ଡ ୨୨ ବଲରେ ଅପରାଜିତ ୩୫, ଗୁଡାକେଶ ମୋତି ୧୪ ବଲରେ ୩୩ ଓ ଆନ୍ଦ୍ରେ ରସେଲ ୧୭ ବଲରେ ୩୦ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡ ପାଇଁ ସାକିବ ମହମୁଦ ୪ଟି ୱିକେଟ ନେଇଥିବା ବେଳେ ଲେଗ ସ୍ପିନର ଆଦିଲ ରଶିଦଙ୍କ ଖାତାକୁ ୩ଟି ସଫଳତା ଯାଇଥିଲା। ଜାମି ଓଭରଟନ ଓ ଲିଆମ ଲିଭିଙ୍ଗଷ୍ଟୋନ ଗୋଟିଏ ଲେଖାଏ ସଫଳତା ପାଇଥିଲେ।

୧୮୩ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ ପାଇଁ ସଲ୍ଟ ଓ ୱିଲ ଜ୍ୟାକ୍ସ ଇଂନିସ ଆରମ୍ଭ କରିଥିଲେ। ଉଭୟ ଆଟାକିଂ କ୍ରିକେଟ ଖେଳି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ୪ ଓଭର ସୁଦ୍ଧା ଦଳୀୟ ସ୍କୋର ୫୦ ପାର କରିଥିଲା। ୬ଷ୍ଠ ଓଭରରେ ସଲ୍ଟ ଛକା ମାରି ୨୫ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ସମାନ ଓଭରରେ ଇଂଲଣ୍ଡ ୭୩ ରନରେ ଜ୍ୟାକ୍ସଙ୍କୁ ହରାଇଥିଲା। ସେ ୧୦ ବଲରେ ୧୭ ରନ କରି ଆଉଟ ହୋଇଥିଲେ। ଅଧିନାୟକ ଜୋଶ ବଟଲର ନିଜର କମବ୍ୟାକ ମ୍ୟାଚ୍‌ରେ ପ୍ରଥମ ବଲରେ ହିଁ ଆଉଟ ହୋଇଯାଇଥିଲେ।

ତେବେ ଡେବ୍ୟୁଟାଣ୍ଟ ଜ୍ୟାକବ ବେଥେଲ ଓ ସଲ୍ଟ ଦମଦାର ବ୍ୟାଟିଂ କରିଥିଲେ। ୧୦ ଓଭର ସୁଦ୍ଧା ଦଳୀୟ ସ୍କୋର ୧୦୦ ପାର କରି ଯାଇଥିଲା। ୧୩ତମ ଓଭରରେ ସଲ୍ଟ ଓ ବେଥେଲଙ୍କ ମଧ୍ୟରେ ୫୦ ରନ ଭାଗିଦାରୀ ପୂରଣ ହୋଇଥିଲେ। ୧୫ତମ ଓଭରରେ ଇଂଲଣ୍ଡ ୧୫୦ ମାର୍କ ଛୁଇଁ ଥିଲା। ପରବର୍ତ୍ତୀ ଓଭରରେ ବେଥେଲ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ୧୭ତମ ଓଭରରେ ଭାଗିଦାରୀ ୧୦୦ ରନ ପୂରଣ ହେବା ସହ ସଲ୍ଟ ମଧ୍ୟ ନିଜର ଶତକ ହାସଲ କରିଥିଲେ। ଇଂଲଣ୍ଡ ୩.୫ ଓଭର ପୂର୍ବରୁ ମ୍ୟାଚ୍ କବାଜ କରିଥିବା ବେଳେ ସଲ୍ଟ ଓ ବେଥେଲ ତୃତୀୟ ୱିକେଟ ପାଇଁ ୬୧ ବଲରେ ୧୦୭ ରନ ଯୋଡ଼ିଥିଲେ। ସଲ୍ଟ ଶେଷ ଯାଏ ୫୪ ବଲରେ ୧୦୩ ଓ ବେଥେଲ ୩୬ ବଲରେ ୫୮ ରନ କରି ଅପରାଜିତ ରହିଥିଲେ। ଦମଦାର ଶତକ ପାଇଁ ସଲ୍ଟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# 'ଆମେ ଏବେ ବି ପରିବାର'



୫ ମାସ ହେବ ହାର୍ଦ୍ଦିକଙ୍କଠାରୁ ଅଲଗା ହେବା ପରେ ନତାଶା ନେଲେ ୟୁଟର୍ଣ୍ଣ

**ନୂଆଦିଲ୍ଲୀ,୧୦।୧୧:** ଅଭିନେତ୍ରୀ ନତାଶା ଷ୍ଟାନକୋଭିକ ଏବଂ ଭାରତୀୟ କ୍ରିକେଟ ଦଳର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ଅତୀତରେ ଅନେକ ଚର୍ଚ୍ଚାରେ ଥିଲା। ପ୍ରାୟ ୫ମାସ ପୂର୍ବେ, ଏହି ଦମ୍ପତି ଛାଡପତ୍ର ମାଧ୍ୟମରେ ସେମାନଙ୍କର ୪ବର୍ଷର ବିବାହ ସମାପ୍ତ କରିଥିଲେ। ଏହା ପରେ ନତାଶା ତାଙ୍କ ପୁଅ ଅଗସ୍ତ୍ୟଙ୍କ ସହିତ ନିଜ ଦେଶ ସର୍ବିଆକୁ ଫେରିଥିଲେ। ତେବେ ବର୍ତ୍ତମାନ ସେ ଭାରତ ଫେରି ଇଣ୍ଡଷ୍ଟ୍ରିରେ ସକ୍ରିୟ ହୋଇପାରିଛନ୍ତି। ଏହି ସମୟରେ ନତାଶା ତାଙ୍କର ଏବଂ ହାର୍ଦ୍ଦିକଙ୍କ ସମ୍ପର୍କ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି। ସେ ଏକ ବିବୃତ୍ତି ଦେଇଛନ୍ତି ଯାହା ନିଶ୍ଚିତ ଭାବରେ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିବ। ସର୍ବିଆରୁ ଫେରିବା ପରେ ନତାଶା ଷ୍ଟାନକୋଭିକ ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ସକ୍ରିୟ ହୋଇପାରିଛନ୍ତି ଏବଂ ତାଙ୍କର ଅନେକ ନୂତନ ଗୀତ ମଧ୍ୟ ମୁକ୍ତିଲାଭ କରିଛି । ନିକଟରେ ସେ ଇ ଟାଇମ୍ସକୁ ଏକ ନୂଆ ସାକ୍ଷାତକାର ଦେଇଛନ୍ତି ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଛାଡପତ୍ର ପରେ ପରିସ୍ଥିତି ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି। ଅଭିନେତ୍ରୀ କହିଛନ୍ତି- କଥାବାର୍ତ୍ତା ହେଉଛି ଯେ ମୁଁ ସର୍ବିଆକୁ ଫେରିଯାଉଛି, କିନ୍ତୁ ଏହା ସମ୍ଭବ ନୁହେଁ କାରଣ ମୋର ଏକ ଛୋଟ ପିଲା ଅଛି ଯିଏ ଏଠାରୁ ଆସିଛନ୍ତି। ତାଙ୍କ ବିଦ୍ୟାଳୟ ଏଠାରେ ଅଛି, ତେବେ ମୁଁ ତାଙ୍କୁ କିପରି ସବୁକିଛିରୁ ମୁକ୍ତ କରି ଫେରିବି? ଆମେ ଏପର୍ଯ୍ୟନ୍ତ ଏକ ପରିବାର, ଯାହାର ମୁଖ୍ୟ ସୂତ୍ର ହେଉଛି ଆମ ପୁଅ। ମୋର ଜୀବନରେ ଶାନ୍ତି ଦରକାର ଏବଂ ମୁଁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରେ। ମା'ର ଭଲପାଇବା ସହିତ, ମୁଁ ମଧ୍ୟ ମୋ ପୁଅକୁ ଏହି ସବୁ ଶିକ୍ଷା ଦିଏ। ଏହିପରି ଭାବରେ ନତାଶା ଷ୍ଟାନକୋଭିକ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ତାଙ୍କ ପୁଅ ଅଗସ୍ତ୍ୟଙ୍କ ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ବିବୃତ୍ତିରୁ ଏହା ସ୍ପଷ୍ଟ ହୋଇଛି ଯେ ନିଃସନ୍ଦେହରେ ଏହି ଦମ୍ପତି ଛାଡପତ୍ର ପାଇଛନ୍ତି। କିନ୍ତୁ ପୁଅ ପାଇଁ, ଦୁହେଁ ତଥାପି ପରସ୍ପରକୁ ନିଜ ପରିବାର ବୋଲି ଭାବନ୍ତି।

### ଇତିହାସ ରଚିଲେ କବିର

# ପ୍ରଥମ ଓଡ଼ିଆ ଭାବେ ଆଇଟିଏଫ୍ ଉପବିଜେତା

**ଭୁବନେଶ୍ୱର, ୧୦।୧୧:** ଓଡ଼ିଶା ଟେନିସ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି ଓଡ଼ିଆ ପୁଅ କବିର ହଂସ। ନିଜ ଖେଳ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ ସହ ପ୍ରଥମ ଓଡ଼ିଶା ଖେଳାଳି ଭାବେ ଜିତିଛନ୍ତି ବରିଷ୍ଠ ବର୍ଗର ଆଇଟିଏଫ୍ ଉପବିଜେତା ଟ୍ରଫି। କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କଂପ୍ଲେକ୍ସରେ ଚାଲିଥିବା ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ଅନ୍ତର୍ଗତ ମେନ୍ସ୨୫ ପ୍ରତିଯୋଗିତାର ପୁରୁଷ ଯୁଗଳ ବର୍ଗରେ କବିର ଓ ତାଙ୍କ ଭାରତୀୟ ସାଥୀ ଋଷଭ ଅଗ୍ରୱାଲ ଫାଇନାଲ୍‌ରେ ଭଲ ଲଢ଼େଇ କରିଥିଲେ ମଧ୍ୟ ଶୀର୍ଷମାନ୍ୟତାପ୍ରାପ୍ତ




ରୁଷୀୟ ଯୋଡ଼ି ଆଇଗର ଆଗାଫୋନଭ ଓ ବୋଗଡାନ ବୋବ୍ରୋଭଙ୍କଠାରୁ ୪-୬, ୩-୬ରେ ହାରିଯାଇଥିଲେ। ଶୁକ୍ରବାର ସେମିଫାଇନାଲ୍‌ରେ କବିର-ଋଷଭ ୬-୨, ୭-୬ ସେଟ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ବିଷ୍ଣୁ ବର୍ଦ୍ଧନ ଓ ସିଦ୍ଧାନ୍ତ ବନ୍ଥିଆଙ୍କୁ ପରାସ୍ତ କରି ଫାଇନାଲ୍ ଆସିଥିଲେ। କଳିଙ୍ଗ ଷ୍ଟାଡିୟମ୍ ସେଣ୍ଟର୍ କୋର୍ଟରେ ଏହି ଫାଇନାଲ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ପିଏମ୍ ପ୍ରସାଦ, ଟାଇଟଲ୍ ପ୍ରାୟୋଜକ ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଏ କାଓଲେ, ନିର୍ଦ୍ଦେଶକ (ଅର୍ଥ) ଅଜିତ ବେହୁରା ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଟେନିସ୍ ସଂଘ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଂଜୀବ ପଣ୍ଡା, ଆଇଟିଏଫ୍ ପର୍ଯ୍ୟବେକ୍ଷକ ଅଭିଷେକ ମୁଖାର୍ଜୀ, ଓଟିଏ ପରିଚାଳକ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଏକକ ଫାଇନାଲ୍ ପ୍ରତିଯୋଗିତା ସହ ଏହା ଉଦ୍‌ଯାପିତ ହେବ। ଶୀର୍ଷ ମାନ୍ୟତାପ୍ରାପ୍ତ ଚେକ୍ ରିପବ୍ଲିକ୍ ଖେଳାଳି ଡାଲିବର୍ ସର୍ଭିନା ଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ଆମେରିକାର ନିକ୍ ଚାପେଲଙ୍କୁ ଭେଟିବେ। ସେମିଫାଇନାଲ୍‌ରେ ଡାଲିବର୍ ଭାରତର ଆର୍ଯ୍ୟନ୍ ସାହାଙ୍କୁ ୬-୦, ୬-୪ରେ ଏବଂ ନିକ୍ ୬-୨, ୬-୩ରେ ବଗଡନ୍ ବୋବ୍ରଭଙ୍କୁ ପରାସ୍ତ କରିଥିଲେ।

ଘରୋଇ ପରିବେଶରେ ଆଇଟିଏଫ୍ ମେନ୍ସ୨୫ ଉପବିଜେତା ଟ୍ରଫି ଜିତିବା ପରେ ଅତ୍ୟନ୍ତ ଖୁସି ହୋଇଯାଇଛନ୍ତି କବିର ହଂସ। ନିଜ ପରିବାର ସମ୍ମୁଖରେ ଏହି ସଫଳତା ପାଇଥିବାରୁ ନିଜକୁ ଧନ୍ୟ ମଣିଛନ୍ତି ୨୩ ବର୍ଷୀୟ ଏହି ରାଜ୍ୟର ଏକ ନମ୍ବର ଟେନିସ୍ ଖେଳାଳି। 'ଏହି ପ୍ରତିଯୋଗିତା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଯୁଗଳ ବର୍ଗରେ ମୋତେ ୧୬ ଏଟିପି ପଏଣ୍ଟ ମିଳିଛି, ଫଳରେ ମୋଟ ପଏଣ୍ଟ ୪୦ ଟପିଯିବ। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ଏହି ସଫଳତା ପାଇଥିବାରୁ ନିଜକୁ ଗୌରବାନ୍ୱିତ ମଣୁଛି' ବୋଲି ପ୍ରକାଶ କରିଛନ୍ତି କବିର। ପ୍ରାୟ ୨୦ ପାଖାପାଖି ଆଇଟିଏଫ୍ ପ୍ରମୁଖ ପ୍ରତିଯୋଗିତା ଖେଳିବା ପରେ କବିରଙ୍କୁ ଏହି ସଫଳତା ମିଳିଛି। ତଥାପି ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ନାହାନ୍ତି କବିର। ପରବର୍ତ୍ତୀ ୨ ସପ୍ତାହ ମୁମ୍ବାଇ ଓ କର୍ଣ୍ଣାଟକରେ ଆଉ ଦୁଇଟି ମେନ୍ସ୨୫ ଆଇଟିଏଫ୍‌ରେ ଖେଳିବାକୁ କବିର ତୁରନ୍ତ ବାହାରିଯାଇଛନ୍ତି। 'ପ୍ରତି ସପ୍ତାହରେ ମୁଁ ଫାଇନାଲ୍ ଖେଳିବା ସହ ଟ୍ରଫି ଜିତିବାକୁ ଚାହେଁ। ଖେଳ ଜୀବନରେ ଅଷ୍ଟ୍ରେଲିଆନ୍ ଓପନ୍ ସେଣ୍ଟର୍ କୋର୍ଟରେ ଖେଳିବାକୁ ଆଶା ରଖିଛି।

ଏଥି ପାଇଁ ମୁଁ କୌଣସି ବର୍ଷକୁ ଧାର୍ଯ୍ୟ କରିନାହିଁ। କିନ୍ତୁ ୫/୬ ବର୍ଷ ଭିତରେ ଏହି ଲକ୍ଷ୍ୟରେ ପହଞ୍ଚିବାକୁ ଯୋଜନା କରିଛି। ପରିବାର, ପ୍ରଶିକ୍ଷକ, ଫିଜିଓ ଓ ଫିଟନେସ୍ ଟ୍ରେନର୍‌ଙ୍କ ସହ ତଦନୁଯାୟୀ କାମ କରୁଛି। ଓଡ଼ିଶା ସରକାର ଓ ଓଟିଏ ବି ସହଯୋଗ କରୁଛନ୍ତି। କିଟ୍‌ର ଛାତ୍ର ଭାବେ ବି ମୁଁ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ନିକଟରେ କୃତଜ୍ଞ' ବୋଲି କହିଥିଲେ ପ୍ରଥମ ଓଡ଼ିଶା ଖେଳାଳି ଭାବେ ୨୦୧୮ରେ ଆଇଟିଏଫ୍ ଜୁନିୟର୍ ଏକକ ଫାଇନାଲ୍ ଏବଂ ଯୁଗଳ ଟ୍ରଫି ଜିତିଥିବା କବିର୍। ଓଡ଼ିଶା ଟେନିସ୍‌ର ବିକାଶ ନେଇ କବିର କିଛି ଉପାଦେୟ ପ୍ରସ୍ତାବ ରଖିଛନ୍ତି। 'ବିଦେଶୀ ପ୍ରଶିକ୍ଷକଙ୍କ ସହ ଏକାଧିକ ପ୍ରତିଯୋଗିତାରେ ଖେଳିବା ଏବଂ ଓଡ଼ିଶା ଖେଳାଳି ମିଳିତ ଭାବେ ନିରଂତର ଅଭ୍ୟାସ କରିବା ଫାଇଦା ଦେଇପାରିବ' କହିଥିଲେ ଏହି କିଟ୍ ବିବିଏ ଛାତ୍ର।

# ପାକିସ୍ତାନର ଐତିହାସିକ ବିଜୟ




**ମୁମ୍ବାଇ, ୧୦।୧୧:** ପାଟ କମିନ୍ସ, ଟ୍ରାଭିଡ ହେଡ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାକ, ଜୋଶ ହେଜେଲଉଡ ଓ ମାର୍ନସ ଲାବୁଶେନଙ୍କ ଭଳି ଖେଳାଳି ନଥିବା ଅଷ୍ଟ୍ରେଲିଆକୁ ହରାଇ ଇତିହାସ ରଚିଛି ପାକିସ୍ତାନ। ଦୀର୍ଘ ୨୨ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ପାକିସ୍ତାନ ଦ୍ୱିପାକ୍ଷିକ ଦିନିକିଆ ସିରିଜ ଜିତିବାକୁ ସକ୍ଷମ ହୋଇଛି।

**ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ୍**

ଶେଷଥର ପାଇଁ ଦଳ ୨୦୦୨ ମସିହାରେ ଅଷ୍ଟ୍ରେଲିଆକୁ ତା'ରି ମାଟିରେ ହରାଇ ଦିନିକିଆ ସିରିଜ ଜିତିଥିଲା। ଏବେ ମହମ୍ମଦ ରିଜୱାନଙ୍କ ପାକିସ୍ତାନ ୨୨ ବର୍ଷ ପରେ ପାକିସ୍ତାନକୁ ୨-୧ରେ ହରାଇ ଦିନିକିଆ ସିରିଜ କବଜା କରିଛି। ଦିନିକିଆ ବିଶ୍ୱକପ ପରେ ବାବର ଆଜାମ କ୍ୟାପ୍ଟେନ ପଦ ଛାଡ଼ିଥିଲେ। ଏହାପରେ ନିକଟରେ ମହମ୍ମଦ ରିଜୱାନଙ୍କୁ ପାକିସ୍ତାନର କମାଣ ଦିଆଯାଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ସେ କ୍ୟାପ୍ଟେନ୍ସି ଆରମ୍ଭ କରିଥିଲେ। ଏବେ ପ୍ରଥମ ସିରିଜରେ ହିଁ ସେ ପାକିସ୍ତାନକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି।

ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ଜିତି ନେଇଥିଲା। କିନ୍ତୁ ଦ୍ୱିତୀୟ ଦିନିକିଆରେ ପାକିସ୍ତାନ କମବ୍ୟାକ କରିଥିଲା। ସିରିଜ ୧-୧ ସ୍ଥିତିରେ ଥିବା ବେଳେ ଆଜି ପର୍ଥରେ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଟିମର ୫ ଷ୍ଟାର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ଅଧିନାୟକ ପାଟ କମିନ୍ସ ମଧ୍ୟ ରହିଥିଲେ। ତାଙ୍କ ବ୍ୟତୀତ ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ଜୋଶ ହେଜେଲଉଡ ଓ ମାର୍ନସ ଲାବୁଶେନ ମଧ୍ୟ ନଜର ଆସିଥିଲେ। ଅଷ୍ଟ୍ରେଲିଆର କମାଣ ଜୋଶ ଇଙ୍ଗଲିସ ସମ୍ଭାଳିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୧.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୪୦ ରନ କରିଥିଲା। ଏହି ଟାର୍ଗେଟକୁ ପାକିସ୍ତାନ ଦୁଇ ୱିକେଟ ହରାଇ ୨୬.୫ ଓଭରରେ ହାସଲ କରି ନେଇଛି। ଏଥିସହ ଦିନିକିଆ ସିରିଜକୁ ୨-୧ରେ କବଜା କରିଛି।

ପାକିସ୍ତାନ ପକ୍ଷରୁ ଦୁଇ ଓପନର ସୈମ ଆୟୁବ ୪୨ ଓ ଅବଦୁଲ୍ଲା ଶଫିକ ୩୭ ରନ କରି ବିଜୟକୁ ଏକପ୍ରକାରର ପକ୍କା କରିଥିଲେ। ବାକି କାମ ଦୁଇ ଅଭିଜ୍ଞ ବ୍ୟାଟର ବାବର ଆଜମ ଓ ମହମ୍ମଦ ରିଜୱାନ ପୂରା କରିଥିଲେ। ପାକିସ୍ତାନକୁ ଜିତିବା ପାଇଁ ୨ ରନ ଦରକାର ଥିବା ବେଳେ ବାବର ଚୌକା ମାରି ମ୍ୟାଚ୍ ଶେଷ କରିଥିଲେ। ସେ ଶେଷ ଯାଏ ୨୮ ରନ ଓ ଅଧିନାୟକ ରିଜୱାନ ୩୦ ରନ କରି ଅପରାଜିତ ରହିଥିଲେ। ତେବେ ବୋଲିଂରେ କମାଲ କରିଥିବା ହରିଶ ରୌଫଙ୍କୁ ଉଭୟ ମ୍ୟାନ ଅଫ ଦି ମ୍ୟାଚ୍ ଓ ସିରିଜ ପୁରସ୍କାର ମିଳିଛି। ସେ ଦ୍ୱିତୀୟ ଦିନିକିଆରେ ୫ ୱିକେଟ ନେଇଥିଲେ। ଆଜି ରୌଫ ୭ ଓଭରରେ ମାତ୍ର ୨୪ ରନ ଦେଇ ୨ ୱିକେଟ ଦଖଲ କରିଛନ୍ତି। ତାଙ୍କ ବ୍ୟତୀତ ପର୍ଥ ଦିନିକିଆରେ ଶାହୀନ ଶାହ ଆଫ୍ରିଦି ଓ ନସୀମ ଶାହ ୩ଟି ଲେଖାଏ ସଫଳତା ପାଇଛନ୍ତି। ହସନୈନଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାଣବସାରେ...

କରିଛନ୍ତି। ଓଡ଼ିଶା ମାଣ୍ଡିଆ ଆନ୍ଦୋଳନର ଦୁଇ ପ୍ରମୁଖ ମହିଳା ଚାଷୀ ହେଉଛନ୍ତି, କୋରାପୁଟ ଜିଲ୍ଲାର ରାଇମତୀ ଘୁରିଆ ଏବଂ ମୟୁରଭଞ୍ଜ ଜିଲ୍ଲାର ସୁବାଷା ମହନ୍ତ। ପ୍ରଧାନମନ୍ତ୍ରୀ ଏହି ଦୁଇ ମହିଳାଙ୍କୁ ଜି-୨୦ ସମ୍ମିଳନୀରେ ଶ୍ରୀଅନ୍ନ ଚାଷର ବ୍ରାଣ୍ଡ ଆମ୍ବାସଡର କରିଥିଲେ।

କାର୍ଯ୍ୟକ୍ରମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହେବା ସହିତ ମିଲେଟ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା କୋରାପୁଟ, ସୁନ୍ଦରଗଡ଼ ଏବଂ ରାୟଗଡ଼ା ଜିଲ୍ଲାପାଳଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ମିଲେଟ୍ ଚାଷୀ କଳାହାଣ୍ଡିର ସିତାରାମ କରକର୍ଲା, ଗଜପତିର ସାରଙ୍ଗ ସବର, ବଲାଙ୍ଗୀରର ଗୋଲାପ ବିଶି, ନୂଆପଡାର ଲିଳାମ୍ବର ମାଝୀ, ସୁନ୍ଦରଗଡ଼ର ଜାକ୍ରିଆସ କଣ୍ଡୁଲନା ଓ ସମ୍ବଲପୁରର ଦେବବ୍ରତ ପ୍ରଧାନ, କଳାହାଣ୍ଡିର କୌଶଲ୍ୟା ଗୌଡ, ବରଗଡ଼ର ରେଣୁକା ଦଂଶନ, ମୟୁରଭଞ୍ଜର ମଞ୍ଜୁଲତା ମହନ୍ତ ଏବଂ କୋରାପୁଟର ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଲୁପ୍ତ ପ୍ରାୟ ଖାଦ୍ୟ ଶସ୍ୟ ଓ ବିଭିନ୍ନ ପ୍ରକାର ପୁଷ୍ଟି ଶସ୍ୟ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମିଲେଟ ଜାତୀୟ ଶସ୍ୟର ପୁନରୁଦ୍ଧାର ହୋଇଛି। ଆମ ସମସ୍ତଙ୍କୁ ଏହି ପୋଷକଯୁକ୍ତ ଖାଦ୍ୟକୁ ଆମ ଖାଦ୍ୟ ଶୃଙ୍ଖଳରେ ସାମିଲ କରିବାକୁ ପଡ଼ିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ଆଗାମୀ ଦିନରେ ଏହାର ବହୁଳ ବ୍ୟବହାର ଦୃଷ୍ଟିରୁ ପାରମ୍ପରିକ ପଦ୍ଧତି ସହ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରିବା ଆବଶ୍ୟକ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ତଥା ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ କହିଥିଲେ , ବହୁ ଖାଦ୍ୟଗୁଣ, ଭିଟାମିନଯୁକ୍ତ ଏହି କ୍ଷୁଦ୍ର ଶସ୍ୟଗୁଡିକର ପ୍ରଚାର ପ୍ରସାର ଏବଂ ବହୁଳ ବ୍ୟବହାର ପାଇଁ ସମସ୍ତେ ଶ୍ରୀଅନ୍ନ ଅଭିଯାନରେ ଏକାଠି ହେବା ଉଚିତ।

ନୀତି ଆୟୋଗର ସଦସ୍ୟ ପ୍ରଫେସର ରମେଶ ଚାନ୍ଦ କହିଥିଲେ, ମିଲେଟ ଜାତୀୟ ଫସଲ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଆମକୁ ଏହି ଚାଷକୁ ଆଗେଇ ନେବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଓ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଥିଲେ।

## ସନ୍ୟାସୀ...

ସେତେବେଳେ ଆଉ ଓଡିଶା ମୋ ପରିବାରରକୁ ଗୁରୁତ୍ୱ ଦେଲେ ନାହିଁ। ଏହାର ସଦସ୍ୟମାନଙ୍କୁ କୋଣଠେସା କରାଗଲା। ପରିବାର ଚଳାଇବାର ଦାୟିତ୍ୱ ନେଇଥିବା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ ବି ନିଜକୁ ଏଠାରେ ସହଜ ଅନୁଭବ କଲେ ନାହିଁ। ସାଢେ ୪କୋଟି ଲୋକ ସଦସ୍ୟ ଥିବା ପରିବାର ଭାଙ୍ଗିବାକୁ ଲାଗିଥିବାବେଳେ ପରିବାରର ମୁଖିଆ ନବୀନ ପଟ୍ଟନାୟକ ଏକ ପ୍ରକାର ମୂକ ଦର୍ଶକ ସାଜିଥିଲେ। ଏହାର ଫଳ ହେଲା ଏଇଆ ଯେ ପରିବାରର ସଦସ୍ୟମାନେ ସନ୍ୟାସୀଙ୍କ କାର୍ଯ୍ୟକୁ ନାପସନ୍ଦ କରି ବିଜେପି ଘରକୁ ଜଣକ ପରେ ଜଣେ ଚାଲିଗଲେ।

ନିର୍ବାଚନରେ ହାରିବାପରେ ଓଡିଶା ମୋ ପରିବାର ଥିଲା ବିଜେଡିର ସବୁଠାରୁ ବଡ ଆଶ୍ରା। ଏହାରି ଛତା ତଳେ ବିଜେଡି ପୂର୍ବଭଳି ଲୋକଙ୍କ ନିକଟତର ହୋଇପାରିଥାନ୍ତା। ହେଲେ ପରିବାରର ମୁଖ୍ୟ ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ପରିବାର ଉଜୁଡିଗଲା। ପରିବାରର ଦାୟିତ୍ୱ ନେଇଥିବା ଅରୂପ ପଟ୍ଟନାୟକ ବି ଦୂରେଇ ଗଲେ। ଏବେ ବିଜେଡି ସଭ୍ୟ ସଂଗ୍ରହ ପାଇଁ ରାଜ୍ୟରେ ପଦଯାତ୍ରା ଚଳାଇଥିବା ବେଳେ ନିଜ ପରିବାର ସଦସ୍ୟଙ୍କୁ ଖୋଜିଥିଲା। ହେଲେ ବହୁ ବିଳମ୍ବ ଯୋଗୁଁ ବିଜେଡି ପରିବାରର ସଦସ୍ୟ ଏବେ ବିଜେପି ପରିବାରରେ ତାଲିକାଭୁକ୍ତ ହୋଇ ସାରିଥିବା ଲକ୍ଷ୍ୟ କରାଯାଇଛି।

ଏବେ ବି ମୋ ପରିବାରକୁ ଭଲପାଉଥିବା କିଛି ବିଜେଡ ସଦସ୍ୟ କହିଛନ୍ତି ଯେ ପରିବାର ଚଳାଇବାପାଇଁ ଯେତିକି ଅର୍ଥ ଆବଶ୍ୟକ ହେଉଥିଲା ତାହା ବିଜେଡି ପାଇଁ କିଛି ବଡକଥା ନଥିଲା। ଲୋକଙ୍କ ସହିତ ରହିବାପାଇଁ ଏହାଠାରୁ ଆଉ ଭଲ ପ୍ଲାଟଫର୍ମ ବି ନଥିଲା। ହେଲେ ନିର୍ବାଚନ ପୂର୍ବରୁ ଯେଭଳି ପରିବେଶ ସୃଷ୍ଟି କରାଯାଇ ବିଜେଡିକୁ ହରାଇ ଦିଆଗଲା ବର୍ତ୍ତମାନ ଠିକ୍ ସେଇ ଢାଞ୍ଚାରେ ଓଡିଶା ମୋ ପରିବାରକୁ ବି ଭାଙ୍ଗି ଦିଆଗଲା। ସେତେବେଳେ ସନ୍ୟାସୀ ଖୋଲା ମଞ୍ଚରେ ରହି ଗୋଟି ଚଳାଉଥିବାବେଳେ ଏବେ ପରଦା ପଛରେ ରହି ଅନୁରୂପ ଗୋଟି ଚଳାଇ ପରିବାରକୁ ଭାଙ୍ଗିଦେଲେ। ତେବେ ଆଉ କିଛି ବିଜେଡି ନେତାଙ୍କ କହିବାକଥା ଯେ ପରିବାରରେ ହୋଇଥିବା ବଡ ଘୋଟାଲା ଯେଭଳି ପଦାକୁ ନଆସିବ ସେଥିପାଇଁ ସନ୍ୟାସୀ ସୁଚିନ୍ତିତ ରଣନୀତି କରି ଏହାକୁ ଭାଙ୍ଗି ଦେଇଥିବାବେଳେ ସବୁ ଜାଣିଥିବାରୁ ଓଡିଶାର ସାଢେ ଚାରି କୋଟି ଲୋକଙ୍କୁ ପରିବାରର ସଦସ୍ୟ କହୁଥିବା ନବୀନ ବି ଚୁପ୍ ରହିଲେ।

## ଧର୍ମଶାଳାର ...

ସେମାନେ ଏବେ ମହରଗରୁ ଆସି କାନ୍ତାରରେ ପଡ଼ିଲେଣି ବୋଲି କହିବା ଆରମ୍ଭ କରିଛନ୍ତି। ଗତକାଲି ବାଜବାଟୀ ଖଣି ଅଞ୍ଚଳରେ ଫୁଟିଛି ବୋମା। ଖଣି ଲୁଟ୍ ପଇସା ଭାଗବଣ୍ଟାକୁ ନେଇ ଗୋଟିଏ ଗୋଷ୍ଠି ବୋମାମାଡ କରିଛନ୍ତି। ଡଙ୍କାରୀ ଅଞ୍ଚଳରେ ଏହା ପ୍ରଥମ ବୋମାମାଡ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ବାଜବାଟୀରେ ରହିଛି ଏକ ନମ୍ବର କ୍ୱାରୀ। ଏଠାରେ ଥିବା କାନପୁର, କଣ୍ଟାମାଳିଆ, ଖୁଣ୍ଟା ଆଦି ଅଞ୍ଚଳର ଲୋକେ ଖଣିରୁ ପଇସା ଆଦାୟ କରନ୍ତି। ଏହି ପଇସା ବିଭିନ୍ନ ଭାଗବଣ୍ଟା ପରେ ବିଭିନ୍ନ ବାଟ ଦେଇ ନେତାଙ୍କ ଠାରୁ ଆରମ୍ଭକରି ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖକୁ ଯାଏ।

ତେବେ ଗତକାଲି ଏହି ପଇସାର ଭାଗବଣ୍ଟାକୁ ନେଇ ମହାଜନ ସାହି ଓ ହରିଜନ ସାହି ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। କାନପୁର ମହାଜନ ସାହି ଲୋକେ ଏହି ଘଟଣାରେ ବାଜବାଟୀରେ ବୋମାମାଡ କରିଥିବା ଅଭିଯୋଗ ହୋଇଛି। ବୋମାମାଡ କରିଥିବା ଲୋକେ ଗାଡି ସହିତ ଉକ୍ତ ସ୍ଥାନରୁ ଫେରାର ହୋଇଥିବାବେଳେ ସେଠାରେ କିନ୍ତୁ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଉଭୟ ପକ୍ଷ ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ଏହା ଆଗକୁ ଉଗ୍ରରୂପ ନେବାର ସମ୍ଭାବନା ରହିଛି।

ସେହିଭଳି ଡଙ୍କାରୀରେ ଯେଭଳି ଖଣି ଲୁଟ୍ ହେଉଥିଲା ଏବେ ବରଡାରେ ସେଭଳି ଲୁଟ୍ ଚାଲିଛି। ସରକାରୀ ନିର୍ଦ୍ଦେଶକୁ ଏଠାରେ କେହି ଖାତିର କରୁନାହାନ୍ତି। ଏଠାରେ ୧୫ଟି ସଇରାତରେ ବି ବେଆଇନ୍ ଖୋଳା ଚାଲିଛି। ଚୁକ୍ତି ଅନୁଯାୟୀ ଲିଜ୍‌ଧାରୀମାନେ ଏହିସବୁ ଖଣି ପାଇଁ ଖଣି ପରିଚାଳକ ବା ମାଇନିଂ ମ୍ୟାନେଜର ନିଯୁକ୍ତ କରିବେ। ଯଦି ନିଯୁକ୍ତ ନକରିବେ ତେବେ ଖଣି ଖୋଳିପାରିବେ ନାହିଁ। ଖଣି ଉପନିର୍ଦ୍ଦେଶକ ଚିଠି ଲେଖି ଏଭଳି ନିଯୁକ୍ତି ପାଇଁ ୨ମାସ ସମୟ ଦେଇଥିଲେ ଯାହା ଚଳିତମାସ ୧ତାରିଖରେ ପୂରି ଯାଇଛି। ହେଲେ ଅଧିକାଂଶ ଖଣି ମାଇନିଂ ମ୍ୟାନେଜର ନିଯୁକ୍ତ କରିନାହାନ୍ତି। ତେଣୁ ବେଆଇନ୍ ଭାବେ ଏଠାରେ ବି କଳାପଥରର ଖନନ ଜାରି ରହିଛି।

ବାଜବାଟୀରୁ ବରଡା ପର୍ଯ୍ୟନ୍ତ ଖଣି ଲୁଟ୍ ଓ ବୋମାମାଡ ଦେଖିବାବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ଆଫ୍ରିକା ବାଘ ଦେଖା ଚର୍ଚ୍ଚା ଜୋର ଧରିଛି। କିଛି ପର୍ଯ୍ୟଟକ ବ୍ୟାପକ ଅର୍ଥ ଖର୍ଚ୍ଚକରି ଆଫ୍ରିକା ଯାଇ ସେଠାରେ ଯାହାକୁ ମହାବଳ ବାଘ ବୋଲି ଭାବିଥିଲେ ତାହା ପରବର୍ତ୍ତୀ ସମୟରେ ପରିସ୍ଥିତିରେ ପଡ଼ି ବିଲେଇ ଥିଲା ବୋଲି ଜାଣି ହତାଶ ହୋଇଥିଲେ। ଏବେ ଧର୍ମଶାଳାରେ ଜିତୁଙ୍କ ପରେ ଲିକୁଙ୍କ କାର୍ଯ୍ୟ ଦେଖିଲା ପରେ ସେମାନଙ୍କର ବାଘ ଉପାଖ୍ୟାନ ମନେ ପଡ଼ିଯାଉଛି।

## ଖଣି ପଇସା...

ତେବେ ଗତକାଲି ଏହି ପଇସାର ଭାଗବଣ୍ଟାକୁ ନେଇ ମହାଜନ ସାହି ଓ ହରିଜନ ସାହି ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ଏହା ଆଜି ସକାଳୁ ଉଗ୍ରରୂପ ନେଇଥିଲା। କାନପୁର ମହାଜନ ସାହି ଲୋକେ ଏହି ଘଟଣାରେ ବାଜବାଟୀରେ ବୋମାମାଡ କରିଥିବା ଅଭିଯୋଗ ହୋଇଛି। ବୋମାମାଡ କରିଥିବା ଲୋକେ ଗାଡି ସହିତ ଉକ୍ତ ସ୍ଥାନରୁ ଫେରାର ହୋଇଥିବାବେଳେ ସେଠାରେ କିନ୍ତୁ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଉଭୟ ପକ୍ଷ ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ଏହା ଆଗକୁ ଉଗ୍ରରୂପ ନେବାର ସମ୍ଭାବନା ରହିଛି। ତେବେ ଡଙ୍କାରୀ ଅଞ୍ଚଳରେ ହୋଇଥିବା ଏହି ପ୍ରଥମ ବୋମାମାଡ ପରେ ପୁଲିସ୍ କି ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଜେନାପୁର ...

ହାଇକୋର୍ଟଙ୍କ ରୋକ୍ ସତ୍ତ୍ୱେ ଏଭଳି ଖଣି ଖୋଳାକୁ ସ୍ଥାନୀୟ ଲୋକଙ୍କ ସହିତ ଆଖପାଖର ଖଣି ଲିଜଧାରୀମାନେ ବିରୋଧ କରୁଥିଲେ। ସେମାନେ ଏ ସଂକ୍ରାନ୍ତରେ ଲିଖିତ ଭାବେ ସ୍ଥାନୀୟ ଖଣି ଉପନିର୍ଦ୍ଦେଶକୁ ଜଣାଇଥିଲେ। ଏପରିକି ବେଆଇନ୍ ଖଣି ଖୋଳୁଥିବା ଟିକିଆ ବଳ ସ୍ଥାନୀୟ ବିଧାୟକ ଲିକୁ ସାହୁଙ୍କ ସମ୍ପର୍କ ନେଇ ହୋଇଥିଲା। ଏ ସଂକ୍ରାନ୍ତରେ ସୂଚନା ପାଇବାପରେ ଜେନାପୁର ଥାନା ପକ୍ଷରୁ ସଦଳବଳ ଡଙ୍କାରୀର ଏହି ଲୁଟ୍ ଅଞ୍ଚଳର ଚଢଉ ହୋଇଥିଲା। ଦୀର୍ଘଦିନ ପରେ ପୁଲିସ୍‌ର ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଥିବାବେଳେ ତୁରନ୍ତ ଲୁଟେରାମାନଙ୍କୁ ବାନ୍ଧିବାକୁ ଦାବି ହେଉଛି।

## ଗଜପତି...

ସୂଚନାଯୋଗ୍ୟ, ଅଦିନିଆ ରଥଯାତ୍ରାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ନଭେମ୍ବର ୩ରେ ସ୍ନାନ ଯାତ୍ର ଓ ୯ ତାରିଖରେ ରଥଯାତ୍ରା ଆୟୋଜନ ପାଇଁ ସ୍ଥିର ହୋଇଥିଲା। ତେବେ ଗଜପତି ମହାରାଜାଙ୍କ କ୍ଷୋଭ ପରେ ସ୍ନାନ ଯାତ୍ରା ବାତିଲ ହୋଇଥିଲା। ପରେ ଅଦିନ ରଥଯାତ୍ରା ବି ବାତିଲ ହୋଇଛି ବୋଲି ଇସ୍କନ ପକ୍ଷରୁ କୁହାଯାଇଥିଲା। ଅନ୍ୟପଟେ ଅଦିନିଆ ରଥଯାତ୍ରାକୁ ନେଇ ହ୍ୟୁଷ୍ଟନ ସହରରୁ ବି ଶୁଭିଥିଲା ଇସ୍କନ ବିରୋଧୀ ସ୍ୱର। ହ୍ୟୁଷ୍ଟନରୁ ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟମାନେ ଜଗନ୍ନାଥ ସଂସ୍କୃତିର ରକ୍ଷା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ସହ ନଖେଳିବାକୁ ସେମାନେ ତାଗିଦ୍ ବି କରିଥିଲେ । ଏବେ ଅଦିନିଆ ରଥଯାତ୍ର କରି ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି ଇସ୍କନ।

## ଗୋଟିଏ ସ୍ଥାନରେ...

ଭଳି ଅନେକ ପ୍ରଜାତି । ୨ଟି କିସମର ଧାନ ବିହନ ଗଛକୁ ନେଇ ଗୋଟିଏ ଧାନ ବିହନ କରାଯାଉଛି । ସେଥିରୁ ଅନେକ ପରୀକ୍ଷାମୁଳକ ପରେ ଗୋଟିଏ କିସମର ବିହନ ବାହାରୁଛି ।

ଚଳିତ ବର୍ଷ ଏହି ଅନୁଷ୍ଠାନ ୬ଟି ନୂତନ ଦେଶୀ ବିହନ ଧାନ ଆବିଷ୍କାର କରିଛି। ସେଗୁଡ଼ିକ ହେଲା କଳିଙ୍ଗ ୧୨୦୩, କଳିଙ୍ଗ ୧୨୦୫, ସରିଆ, ଚନ୍ଦ୍ରଗିରି, ମହେନ୍ଦ୍ରଗିରି, କୋଲାବ। ଏହି ବିହନ ଭିତରୁ ୪ଟି ରାଜ୍ୟବାସୀଙ୍କ ପାଇଁ ରହିଥିବା ବେଳେ ଆଉ ୨ଟି କୋଲାବ ଓ କଳିଙ୍ଗ ୧୨୦୫ ପଡ଼ୋଶୀ ରାଜ୍ୟ ପାଇଁ ରହିଛି । ଗୋଟିଏ ବିହନ ଆବିଷ୍କାର କରି ଚାଷୀଙ୍କ ପାଖରେ ପହଚିଂବା ପାଇଁ ୮ ବର୍ଷ ସମୟ ଲାଗିଥାଏ ।

ପ୍ରତିଦିନ ୩୦ ରୁ ୪୦ଜଣ ମହିଳା ଓ ପୁରୁଷ ଶ୍ରମିକ ଏସବୁ ବିହନର ଦେଖାଶୁଣା କରିବା ସହିତ ବିହନକୁ ସଂଗ୍ରହ କରି ଭାଗ ଭାଗ କରି ରଖନ୍ତି । ପରେ ଏହି ସବୁ ବିହନକୁ ନେଇ ବୈଜ୍ଞାନିକ ମାନେ ନୁଆ ବିହନ ଆବିଷ୍କାର କରି ରାଜ୍ୟ ତଥା ଦେଶର ଚାଷୀଙ୍କୁ ଯୋଗାଇଥାଆନ୍ତି।

## ବଜାରରୁ ...

ଅଂଚଳରେ କଫି ଗଛର ବନୀକରଣ କରାଯାଇଥିଲା। ସେତେବେଳେ କେହି ଚିନ୍ତା କରିନଥିଲେ ଯେ ନବେ ଦଶକ ବେଳକୁ କଫି ଏକ ଲାଭଦାୟକ ଚାଷ ହେବ। ସମୁଦ୍ର ପତନ ଠାରୁ ପ୍ରାୟ ହଜାରେ ଫୁଟ ଉପରେ ଉତ୍ପାଦିତ ହେଉଥିବା କୋରାପୁଟ କଫିର ସ୍ୱାଦ ଓ ବାସ୍ନା ଭିନ୍ନ । ଯେଉଁଥିପାଇଁ ଏହାର ଚାଷ ଓ ବ୍ୟବସାୟକରଣକୁ ପ୍ରୋତ୍ସାହିତ କରାଯାଉଥିଲା । ଏବେ କିନ୍ତୁ କିଛି ଅଫିସରଙ୍କ ମନମୁଖୀ କାମ ଓ ଅପାରଗତା ପାଇଁ କୋରାପୁଟ କଫି ତାର ଲୋକପ୍ରିୟତା ହରାଇବାକୁ ବସିଲାଣି।



## ଶିମିଳିପାଳରେ ମେଲାନଷ୍ଟିକ୍ ବାଘ

**ବାରିପଦା, ୧୦।୧୧(ସଂଚାର ବ୍ୟୁରୋ):** ଶିମିଳିପାଳ ଅଭୟାରଣ୍ୟରେ ଦେଖିବାକୁ ମିଳିଛି ବିରଳ ମେଲାନିଷ୍ଟିକ ବାଘ। ପର୍ଯ୍ୟଟକମାନେ ସଫାରିରେ ବୁଲିବା ସମୟରେ ଏହି ବାଘକୁ ଦେଖିଛନ୍ତି। ଏହାର ଏକ ଭିଡିଓ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ତାଙ୍କ ଏକ୍ସ ଆକାଉଣ୍ଟରେ ଶେୟାର କରିଛନ୍ତି। ପ୍ରଥମ ଥର ଲାଗି ଶିମିଳିପାଳରେ ଏହି ବାଘ ଦେଖାଯାଇଛି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ଲାଗି ପଦକ୍ଷେପ ନିଆଯାଇଛି। ନିକଟରେ ମହାରାଷ୍ଟ୍ରରୁ ଏକ ବାଘୁଣୀକୁ ଆଣି ଅଭୟାରଣ୍ୟରେ ଛଡ଼ାଯାଇଛି।

# କାର୍ତ୍ତିକ ମାସର ନିଆରା ପରମ୍ପରା ‘ଆକାଶ ଦୀପ’



**କାକଟପୁର/ଅସ୍ତରଙ୍ଗ,୧୦।୧୧(ସଂଚାର ବ୍ୟୁରୋ):** ଧର୍ମ ମାସ କାର୍ତ୍ତିକରେ ଚାଲିଛି ବ୍ରତଧାରୀ ଓ ହବିଷ୍ୟାଳିଙ୍କ ପୂଜାର୍ଚ୍ଚନା । କୋଟି ଜନ୍ମର ପୁଣ୍ୟ ଅର୍ଜନ କରିବା ଲାଗି ଆଧ୍ୟାତ୍ମିକ ପ୍ରେମୀ ମହିଳାମାନେ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳିଛି । କାର୍ତ୍ତିକ ମାସରେ ଏବେବି ଅତୁଟ ରହିଛି ଆକାଶ ଦୀପ ପରମ୍ପରା। ଏହା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଏକ ନିଆରା ଅନୁଭୂତି ଆଣି ଦେଇଛି।

ଗ୍ରାମାଞ୍ଚଳ, ସହରାଞ୍ଚଳର ତୁଳସୀ ଚଉଁରାର ମୂଳ ହେଉ, ଅବା ଦେବାଳୟରେ ଏକ ଲମ୍ବା ବାଉଁଶ ପୋତା ଯାଇଥାଏ । ସେଥିରେ ଦଉଡ଼ି ସଂଲଗ୍ନ କରାଯାଇ ଏକ ମାଟି ହାଣ୍ଡିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆକାଶ ଦୀପ ଚଢ଼ା ଯାଇଥାଏ । ସଞ୍ଜରୁ ବିଳମ୍ବିତ ରାତ୍ରୀ ଯାଏ କାର୍ତ୍ତିକ ମାସ ସାରା ଆକାଶ ଦୀପ ଦାନ କରିବାର ବିଧି ରହି ଆସିଛି । ଅନେକ ସ୍ଥାନରେ ପଞ୍ଚୁକ ଠାରୁ ମଧ୍ୟ ଚଉରା ମୂଳରେ ପୂଜାର୍ଚ୍ଚନା କରାଯାଇ ଆକାଶ ଦୀପ ବନ୍ଧା ହୋଇଥାଏ।ଆକାଶ ଦୀପର ମିଂଜି ମିଂଜି ଆଲୋକ କାର୍ତ୍ତିକ ମାହାତ୍ମ୍ୟକୁ ଶ୍ରଦ୍ଧାଳୁଙ୍କ ମନ ଓ ହୃଦୟରେ ଉଜ୍ଜୀବିତ କରିଥାଏ । କେଉଁ ଆବାହନ କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଥିଲେ ହେଁ, ଏହାର ରହସ୍ୟ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ହୋଇ ରହିଯାଇଛି।

ଆକାଶ ଦୀପକୁ ଲକ୍ଷ୍ମୀ- ନାରାୟଣ ଓ ରାଧା-ଦାମୋଦରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଲୋକ ଲୋଚନରୁ ଶୁଣିବାକୁ ମିଳୁଛି । ସେହିପରି ସାଧାରଣ ଦୀପ ମନ୍ଦିରର ଗର୍ଭ ଗୃହ କିମ୍ବା ଦୀପସ୍ଥଳୀରେ ପ୍ରଦାନ କରାଯାଉଛି । ଉକ୍ତ ଆକାଶ ଦୀପ ଅନନ୍ତ ଆକାଶର ଚାରି ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଏ ବୋଲି କୁହାଯାଉଛି । ଏହି ଦୀପ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଏକ ସଙ୍କେତ ପ୍ରଦାନ କରି ଏକ ମୁକସାକ୍ଷୀ ପାଲଟି ଯାଇଛି । ଅତୀତରେ ସାଧବପୁଅ ମାନେ ବୋଇତରେ ଜାଭା, ସୁମିତ୍ରା ଦେଶକୁ ବେପାର ବଣିଜ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ସମୟରେ ଆକାଶ ଦୀପ ସାହାଯ୍ୟରେ ଦିଗ ଚିହ୍ନଟ ସହଜରେ ଜାଣି ପାରୁଥିଲେ । ଯାହା ଫଳରେ ସମୁଦ୍ର କୂଳକୁ ସହଜରେ ଫେରି ଆସି ପାରୁଥିଲେ । ସେହିପରି କାର୍ତ୍ତିକ ମାସରେ ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଆକାଶ ଦୀପକୁ ଲକ୍ଷ୍ୟ କରି ନିଜର ଲକ୍ଷ୍ୟସ୍ଥଳରେ ସୁବିଧାରେ ପହଞ୍ଚି ପାରୁଥିଲେ ।

କାର୍ତ୍ତିକ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଭିନ୍ନ ପଂଚାୟତରେ ଥିବା ଦେବାଳୟ ଅବା ଭକ୍ତଙ୍କ ଚଉରା ମୂଳରେ ଆକାଶ ଦୀପର ଜ୍ୟୋତି ଦୃଶ୍ୟମାନ ହେଉଛି।

# ରାଧାପାଦ ଦର୍ଶନ କରିବାକୁ ମନ୍ଦିରରେ ଭିଡ଼

## ଅଁଳା ବୃକ୍ଷକୁ ମାତୃଭକ୍ତ ପୂଜାର୍ଚ୍ଚନା ସହ ବାନ୍ଧିଲେ ମାନସିକ ରକ୍ଷା କବଚ

**କାକଟପୁର/ଅସ୍ତରଙ୍ଗ, ୧୦।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଏ। ଏହା ଅକ୍ଷୟ ନବମୀ ନାଁରେ ମଧ୍ୟ ଜଣାଯାଏ। ଏହି ଦିନ ଶ୍ରଦ୍ଧାଳୁ ଶ୍ରୀରାଧାପାଦ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥାନ୍ତି। ହିନ୍ଦୁ ଧର୍ମରେ ଅଁଳା ନବମୀର ବିଶେଷ ମହତ୍ୱ ରହିଛି। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। ଅଁଳା ଶ୍ରୀହରି ବିଷ୍ଣୁଙ୍କ ପ୍ରିୟ ଫଳ। ଏହି ବୃକ୍ଷରେ ସମସ୍ତ ଦେବା ଦେବୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ଅଁଳା ଗଛର ପୂଜାର୍ଚ୍ଚନା କରି ଅଖଣ୍ଡ ଆରୋଗ୍ୟ ଓ ପରିବାର ସୁଖ ସମୃଦ୍ଧି କାମନା କରାଯାଇଥାଏ।



ପବିତ୍ର ରାଧା ପାଦ ଦର୍ଶନ ଅବସରରେ ଓଡ଼ିଆଣି ବେଶରେ ରାଧାରାଣୀ। ନଟବର ବେଶରେ ଶ୍ରୀକୃଷ୍ଣ। ଏଭଳି ସୁନ୍ଦର ବେଶ ଦେଖିବାକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ରବିବାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଲାଗିଥିଲା। ରାଧାଙ୍କ ପାଦ ଦର୍ଶନ ପାଇ ସୌଭାଗ୍ୟ ପ୍ରାପ୍ତି କରିବା ସହ ଭକ୍ତ ମନ୍ଦିର ନିକଟରେ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ଧାର୍ଯ୍ୟ ନିତୀ ନିର୍ଘଣ୍ଟ ଅନୁଯାୟୀ ରାତି ୪ରୁ ଦ୍ୱାରଫିଟା ନିତୀ, ପାଳନ ହୋଇଥିଲା। ପରେ ମଙ୍ଗଳଆଳତୀ, ମଇଲମ୍, ଅବକାଶ ନିତୀ ସହ ବିଭିନ୍ନ ନୀତିକାନ୍ତି ପରେ ସକାଳୁ ଭକ୍ତ ଧାଡିରେ ଯାଇ ରାଧାଙ୍କ ପାଦ ଦର୍ଶନ କରିଥିଲେ। ପବିତ୍ର ଅଁଳା ନବମୀ ପାଇଁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଅଁଳା ବୃକ୍ଷକୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଛନ୍ତି। ବ୍ରତଧାରୀ ବୃକ୍ଷରେ ଶଙ୍ଖା, ଚୁଡ଼ି ବାନ୍ଧି ନିଜର ମଙ୍ଗଳ ମନାସିଛନ୍ତି। ଅଁଳା ବୃକ୍ଷମୂଳରେ ପୂଜାର୍ଚ୍ଚନା ସହ ରାଧା ପାଦ ଦର୍ଶନ କଲେ ଅନେକ ପୁର୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଅନ୍ୟ ପଟେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।ବିଭିନ୍ନ ଗ୍ରାମରେ ଥିବା ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା ସହ ଅଁଳା ବୃକ୍ଷ ମୂଳରେ ପ୍ରସ୍ତୁତ ପ୍ରସାଦକୁ ବୃକ୍ଷ ତଳେ ବସି ଭୋଜନ କରିଥିଲେ ଶ୍ରଦ୍ଧାଳୁ। କୁହାଯାଏ ସମଗ୍ର କାର୍ତ୍ତିକ ମାସର ପୁଣ୍ୟ ଏହି ଗୋଟିଏ ଦିନରେ ପ୍ରାପ୍ତ ହୋଇଥାଏ।

# ସ୍ୱାସ୍ଥ୍ୟରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଉପରେ ଆଲୋଚନାଚକ୍ର



**କୋରାପୁଟ, ୧୦।୧୧ (ସଂଚାର ବ୍ୟୁରୋ):** କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରସ୍ଥ ମନ୍ଦିର ପରିସରରେ ସ୍ୱାସ୍ଥ୍ୟରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଜଗବନ୍ଧୁ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଓ ବକ୍ତା ଭାବେ ଏମ୍ସର ପ୍ରକ୍ତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦାନ କରି କହିଲେ ଯେ ପ୍ରତ୍ୟେକ ମଣିଷ ଦୈନିକ ଯୋଗ ସହ ପୁରାଣ ଓ ଆଧ୍ୟାତ୍ମିକ ପୁସ୍ତକ ପଠନ ଓ ସତସଙ୍ଗ ଆଦିରେ ଯୋଗଦାନ ଆହାର ବିହାରରେ ସଂଯମତା ଆଦି ପାଳନ କରିବା ଉଚିତ। ଅଧ୍ୟାପିକା ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କହିଲେ ଭାବ ଭକ୍ତି ସମର୍ପଣରେ ମହାପ୍ରଭୁଙ୍କୁ ଅନୁଭବ କରିହୁଏ। ଏହି ଅବସରରେ ବାଇଧର ନାୟକଙ୍କ ରଚିତ ଶିଶୁ ମହାଭାରତ ଉନ୍ମୋଚିତ ହୋଇଥିଲା। ରବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟ କ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ

**କେନ୍ଦ୍ରାପଡା, ୧୦।୧୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଣ୍ଡିଆ ଦିବସ ପାଳନ ପରିପେକ୍ଷୀରେ କେନ୍ଦ୍ରାପଡ଼ା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜି ମଧ୍ୟାହ୍ନ ସମୟରେ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଅୟୋଜିତ ହୋଇଯାଇଛି । ଓଡିଶାର ପାରମ୍ପରିକ ଖାଦ୍ୟ ଐତିହ୍ୟ ସହିତ ଜଡିତ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଓ ଖାଦ୍ୟ ସଂସ୍କୃତିରେ ପାରମ୍ପରିକ ଖାଦ୍ୟକୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମହାକାଳପଡ଼ାର ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି ।

ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କଲ୍ୟାଣ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଶ୍ରୀ ଅରବିନ୍ଦ ଦାସ, ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ, ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅଧିକାରୀ, କେନ୍ଦ୍ରାପଡ଼ା କୃଷି ଜିଲ୍ଲା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ଓ ବଳଦେବଜୀଉଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।




ସୂଚନାଯୋଗ୍ୟ ଯେ ଗତ ୧ ନଭେମ୍ବର ଠାରୁ ଏକ ସଚେତନତା ରଥ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ପରିକ୍ରମା କରି ପାରମ୍ପରିକ ଖାଦ୍ୟକୁ ଆମ ଖାଦ୍ୟ ସଂସ୍କୃତିରେ ସାମିଲ କରିବା ନିମନ୍ତେ ସଚେତନ କରାଉଥିଲା। ମାଣ୍ଡିଆରେ ଲୌହସାର, ପୁଷ୍ଟିସାର ଅଧିକ ଥିବାରୁ ଏହାକୁ ଆମେ ବ୍ୟବହାର କଲେ ଶରୀରର ପୌଷ୍ଟିକ ତତ୍ତ୍ୱର ଅଭାବ ରହିବ ନାହିଁ । ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟ ସମ୍ପର୍କରେ କେନ୍ଦ୍ରାପଡାର ଇଚ୍ଛାପୁର ସରକାରୀ ହାଇସ୍କୁଲ ଓ ଡେରାବିଶି ବ୍ଲକର ସୁଦର୍ଶନ ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ) ପ୍ରତିଯୋଗୀତା କରାଯାଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ୨୨ ଜଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆମେ ଯେଉଁ ପୁରାତନ ଖାଦ୍ୟକୁ ଆମ ଖାଦ୍ୟ ସଂସ୍କୃତି ଠାରୁ ଦୂରେଇ ଦେଇଛୁ, ତାକୁ ପୁଣି ଥରେ ଖାଦ୍ୟରେ ସାମିଲ କଲେ ଆମ ଶରୀର ପୌଷ୍ଟିକତତ୍ତ୍ୱରେ ଭରପୁର ହେବ ଏବଂ କୃଷି ଓ କୃଷକ ସଶକ୍ତିକରଣରେ ସାହାର୍ଯ୍ୟ କରିବା ତା ଉପରେ ଏକ ହୃଦୟସ୍ପର୍ଶୀ ଆଲୋଚନା ବରିଷ୍ଠ ତଥା ଅଭିଜ୍ଞ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ଜିଲ୍ଲାର ୬ଜଣ ଶ୍ରେଷ୍ଠ ବିବଚିତା କୃଷକଙ୍କୁ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶେଷରେ ହେମନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜିଲ୍ଲା ଓ ବ୍ଲକ କୃଷି ଅଧିକାରୀ ଓ କର୍ମକର୍ତ୍ତା, ଛାତ୍ରଛାତ୍ରୀ, କୃଷକ,ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ ।

# ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୧୦।୧୧ (ସଂଚାର ବ୍ୟୁରୋ):** କଇଁଛ ଏନ୍ତୁଡିଶାଳ ଗହୀରମଥା ନୀଳ ଜଳରାଶିରେ ଏବେ ଅଲିଭରିଡଲେ କଇଁଛ ମାନଙ୍କର ଆଗମନ ହୋଇଛି। ଆଉ ଦିନ କେଇଟା ପରେ ପୁରୁଷ ଓ ମାଆ କଇଁଛ ମିଳନ ପର୍ବରେ ସାମିଲ ହେବେ। ଚଳିତମାସ ୧ ତାରିଖ ଠାରୁ ବନବିଭାଗ ପକ୍ଷରୁ ଆଗନ୍ତୁକ ଅଲିଭରିଡଲେ କଇଁଛ ମାନଙ୍କର ସୁରକ୍ଷା ପାଇଁ ମାଛଧରିବା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କଟକଣା ସତ୍ତ୍ୱେ ଟ୍ରଲର ଗୁଡିକ ଆଇନକୁ ବେଖାତିର କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି। ବାବୁବାଲି ରୁ ମାଦଳିମାଉଥି ଯାଏଁ ଶହ ଶହ ଟ୍ରଲର ବେଧଡକ ଭାବେ ମାଛ ମାରୁଛନ୍ତି। ଆଜି




ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାସୁଦ-୧ ନାମକ ଟ୍ରଲର ମାଦଳିମାଉଥ୍ ଠାରୁ ୧୮ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ପାଟ୍ରୋଲିଂ ଟିମ୍ ଏହି ଟ୍ରଲରକୁ କାବୁ କରିବା ସହ ଏଥିରେ ଥିବା ଭରତ ସିଂ, ଏସକେ ରାଜା, ହରିଆ ସିଂ, ରମେଶ ସିଂ, ସାଜୱାତ ଅଲ୍ଲୀ ସାହା, ସୁକଦେବ ସିଂ, ଦୌତାରୀ ମାଝି ପ୍ରମୁଖ ୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଟ୍ରଲରରେ ଥିବା ଗୋଟିଏ ଭିଏଚଏଫ ସହିତ ଜର୍ମାନୀ ମଡେଲର ଗୋଟିଏ ଜିପିଏସ ଓ ଗୋଟିଏ ଫିସ ଫାଇଣ୍ଡର ଜବତ କରାଯାଇଛି। ୧୦ଟି ଟ୍ରଲିଂ ନେଟ ସହ ୩ କୁଇଂଟାଲ ମାଛ ଜବତ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ‘ଦାନା’ ପରବର୍ତ୍ତୀ ବିକଳ ଚିତ୍ର

# ସାଗର ତଟରେ ଶହ ଶହ ଗୋରୁ ଅନାହାରରେ

**ରାଜନଗର, ୧୦।୧୧ (ସଂଚାର ବ୍ୟୁରୋ):** ବାତ୍ୟା ‘ଦାନା’ ଯିବାର ୧୬ଦିନ ବିତିଗଲାଣି। ବାତ୍ୟା ଦାନାର ତାଣ୍ଡବ ଛାଡିଯାଇଛି ଅନେକ ଯନ୍ତ୍ରଣା। ବିଶେଷକରି ବଂଗୋପସାଗର ତଟବର୍ତ୍ତୀ ଗାଈ ଗୋରୁ ଖାଦ୍ୟ ଅଭାବରୁ ଏବେ ଅନାହାରରେ।



ବାତ୍ୟା ପରବର୍ତ୍ତୀ ସମୟରେ ସାତଭାୟାର ପୁରୁଣା ସ୍ଥାନ ମାନଙ୍କରେ ସମୁଦ୍ର ଜୁଆର ମାଡି ଯାଇଥିବା ଚାରିଆଡେ କେବଳ ଲୁଣା ପାଣି। ଗାଈ ଗୋରୁମାନେ ପାଣି ଟୋପେ ପିଇ ବଞ୍ଚିବା ବି ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଲାଣି। ସମୁଦ୍ର କୂଳରେ ଆସନ୍ନ ମୃତ୍ୟୁ ମୁଖରେ ଥିବା ୮ଶହରୁ ଅଧିକ ଗାଈ, ବାଛୁରୀ ଓ ଷଣ୍ଢ ଅନାହାରରେ ଅଛନ୍ତି। ଏହି ନିରୀହ ଗାଈ ଗୋରୁ ଖାଇବାକୁ ପାଉନଥିବା ବେଳେ ପିଇବାକୁ ଟୋପେ ପାଣିବି ପାଉନାହାଁନ୍ତି।

ଏଠାରେ ସୂଚନାଯୋଗ୍ୟ ବଂଗୋପସାଗର କରାଳ ଗ୍ରାସରୁ ସାତଭାୟାବାସୀଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ସେମାନେ ମୁଣ୍ଡ ଗୁଂଜିବା ପାଇଁ ଘର ଖଣ୍ଡିଏ ପାଇଲେ ସତ, ଜୀବିକା ପାଇଁ ସେମାନଙ୍କୁ ପୁରୁଣା ସାତଭାୟାର ଭିଟାମାଟି ଉପରେ ନିର୍ଭର କରିବାକୁ ପଡୁଛି। ସେଠାରେ ଥିବା ଚାଷଜମିରେ ଚାଷ କରି ବର୍ଷକର ଫସଲ ଅମଳ କରିବା ପାଇଁ ସେମାନେ ବାଧ୍ୟ ହେଉଛନ୍ତି। ଯାହାଫଳରେ ସେମାନଙ୍କ ଗାଈ ଗୋରୁ ଓ ବୁଲା ଷଣ୍ଢ ଗୁଡିକ ବାଉଁଶଗଡ଼ି ନଦୀ ପାର ହୋଇ ପୁରୁଣା ସାତଭାୟାରେ ଚରାବୁଲା କରୁଛନ୍ତି। ବାତ୍ୟା ପରେ ସେଠାରେ ଲୁଣାପାଣି ମାଡିବା ଯୋଗୁଁ ଗାଈ ଗୋରୁ ଓ ଷଣ୍ଢଙ୍କ ପାଇଁ ଖାଦ୍ୟ ଏବଂ ପାଣିର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି।

ଶନିବାର ପୂର୍ବାହ୍ନ ପଶୁ ଚିକିତ୍ସାଳୟର ସହକାରୀ ପଶୁ ଚିକିତ୍ସାଧିକାରୀ ଡାଃ. ପ୍ରକାଶ ଚନ୍ଦ୍ର ଜେନା ତାଙ୍କ ମୋବାଇଲ ଟିମ୍ ସହ ବାଉଁଶଗଡ଼ି ନଦୀ ପାର ହୋଇ ପୁରୁଣା ସାତଭାୟା ଅଞ୍ଚଳରେ ପହଁଛି ସେଠାରେ ୨୦୦ ଛେଳି ଓ ୫୦ଟି ଗାଈଙ୍କୁ ପ୍ରତିଶେଧକ ଟୀକା ଦେଇ ଫେରିଛନ୍ତି। ଫେରିବା ପରେ ଡାଃ. ଜେନାଙ୍କ କହିବା ଅନୁଯାୟୀ ସେଠାରେ ଶତାଧିକ ଗାଈ, ବାଛୁରୀ ଓ ଷଣ୍ଢ ଅଛନ୍ତି। ସେମାନଙ୍କୁ ପରବର୍ତ୍ତୀ ସମୟରେ ପ୍ରତିଷେଧକ ଦିଆଯିବ। ଯେହେତୁ ଲୁଣାପାଣି ଚାରିଆଡେ ମାଡି ଯାଇଛି, ତେଣୁ ସେମାନଙ୍କ ଖାଇବା ପିଇବାରେ ସମସ୍ୟା ଦେଖାଦେଇଛି।




# ଶିଶୁ ଦିବସ ଉପଲକ୍ଷେ କୋର୍ଟରେ ଚିତ୍ରାଙ୍କନ ପ୍ରତିଯୋଗିତା

**କେନ୍ଦ୍ରାପଡା, ୧୦।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେରେ ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ୍ ମହାନ୍ତିଙ୍କ ତତ୍ୱାବଧାନ ରେ ଆୟୋଜିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରେ ୧୦୦ ଜଣ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ କୋର୍ଟ ତରଫରୁ କାଗଜ, ପେନସିଲ, ରବର, କଟର ଓ ରଙ୍ଗ, ତୁଳୀ, ସ୍କେଚପେନ ପ୍ରଦାନ କରାଯାଇ ଥିଲା। ଜିଲ୍ଲାର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ (ହାଇସ୍କୁଲ) ରୁ ଛାତ୍ରଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିବାଶିଷ ଦାଶ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଯଜ୍ଞସିନୀ ମାନଦାତା ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ନିଶିକାନ୍ତ ରାଉତଙ୍କୁ ପୁରସ୍କୃତ କରାଯାଇ ସମ୍ମାନିତ କରାଯାଇ ଥିଲା । ଏଥି ସହିତ ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇ ଥିଲା । ମାନ୍ୟବର ଜିଲ୍ଲା ଜଜ ଶ୍ରୀ ମହାନ୍ତି ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରି ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଜିଲ୍ଲାର ନାମକୁ ଟେକ ରଖିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । କୋର୍ଟ ରେଜିଷ୍ଟାର ରମାଦେବୀ ସୋରେନ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ମାନ୍ୟବର ବିଚାରପତି ପ୍ରଜ୍ଞାପରମିତା ରାଉଳ, ସରିତା ମହାନ୍ତି, ଅନ୍ନପୂର୍ଣ୍ଣା ନାୟକ, ଶ୍ରୀମତୀ ଋତୁପର୍ଣ୍ଣା ମିଶ୍ର, କୁମାର ସ୍ୱନ୍ଦନ, ସନ୍ଦିପ କୁମାର ମହାନ୍ତି, ଇପ୍‌ସିତା ପ୍ରିୟାଇକା ବିଚାରପତି ପ୍ରମୁଖ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ରାଜନଗର, ୧୦।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ଗୁଲୁଦିଆ ଅବସରପ୍ରାପ୍ତ ସରକାରୀ ଶିକ୍ଷକ ଦୁଃଶାସନ ନାୟକ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ନାୟକ ଜଣେ କର୍ତବ୍ୟନିଷ୍ଠ, ସମୟାନୁବର୍ତୀ, ଛାତ୍ରବତ୍ସଳ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସ୍ୱର୍ଗତ ନାୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଭିନ୍ନ ପଦ ପଦବୀରେ ରହି ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁରେ ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବଳ, ଉପଦେଷ୍ଟା ସତ୍ୟବାଦୀ ଜେନା, ସର୍ବେଶ୍ୱର ମହାନ୍ତି, କ୍ଷୀରୋଦ କୁମାର ମଲିକ, ମହେଶ୍ୱର ରାଉତ, ବ୍ରହ୍ମାନନ୍ଦ ରାଉତ, ଗଣେଶ୍ୱର ନାୟକ, ଦାଶରଥି ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଅତିରିକ୍ତ ନିର୍ବାଚନ ସଚିବଙ୍କ ବିଭିନ୍ନ ବୁଥ ପରିଦର୍ଶନ



**କେନ୍ଦ୍ରାପଡା, ୧୦।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ଅତିରିକ୍ତ ନିର୍ବାଚନ ସଚିବ ତ୍ରିନାଥ ମହାରଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତ କରିଛନ୍ତି । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଭୋଟର ତାଲିକା ୨୦୨୫ ଉପଲକ୍ଷେ ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ, ପଟ୍ଟାମୁଣ୍ଡାଇ ପୌରାଂଚଳ, କେନ୍ଦ୍ରାପଡା ପୌରାଂଚଳ ର ବୁଥ ଗୁଡିକ ପରିଦର୍ଶନ କରିଛନ୍ତି । ସଚିବ ଶ୍ରୀ ମହାରଣା ରବିବାର କେନ୍ଦ୍ରାପଡା ରେ ପହଁଚି ନିର୍ବାଚନ ଦାୟିତ୍ୱ ରେ ଥିବା ଜିଲ୍ଲା ଅଧିକାରିଙ୍କ ସହିତ କେନ୍ଦ୍ରାପଡା ପୌରାଂଚଳ ର କେନ୍ଦ୍ରାପଡା ହାଇସ୍କୁଲ, କାକଟ ୟୁପି ସ୍କୁଲ, ମହିପାଳ ମୁନିସିପାଲିଟି ହାଇସ୍କୁଲ, ପଟ୍ଟାମୁଣ୍ଡାଇର ବଡ ମୂଳବସନ୍ତ ହାଇସ୍କୁଲ, ଗମେଣ୍ଟ ହାଇସ୍କୁଲ, ବାଲିପଡା ପ୍ରାଇମେରୀ ସ୍କୁଲ, କସଣ୍ଡା ୟୁଜିୟୁପି ସ୍କୁଲ, କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍କୁଲ ଗୁଡିକରେ ହେଉଥିବା ବୁଥ୍ ଗୁଡିକୁ ପରିଦର୍ଶନ କରି ସେଠାରେ ନୂତନ ଭୋଟରଙ୍କୁ ପଞ୍ଜିକରଣ କରିବା, ନାମ ସଂଶୋଧନ କରିବା, ଦୁଇ ଜାଗାରେ ଥିବା ନାମକୁ ଗୋଟିଏ ସ୍ଥାନରୁ ବାଦ ଦେବା, ଭୋଟର ତାଲିକାରେ ଥିବା ଭୁଲ ତଥ୍ୟର ସଂଶୋଧନ କରିବା, ଏକାଧିକ ଜାଗାରେ ଥିବା ଭୋଟରଙ୍କ ନାମକୁ ଗୋଟିଏ ଜାଗାରେ ରଖିବା, ମୃତ ଭୋଟରଙ୍କ ନାମ କାଟିବା, ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେବା, ଯୋଗ୍ୟ ହେଉଥିବା ସମ୍ଭାବିତ ଭୋଟର ୧ ଜାନୁଆରୀ ୨୦୨୫ ସୁଦ୍ଧା ଯୋଗ୍ୟ ସମ୍ଭାବିତ ଭୋଟର (ପରବର୍ତ୍ତୀ ୩ଟି ତାରିଖରେ ପଞ୍ଜିକରଣ କରିପାରିବେ) ଯୋଗ୍ୟ ବ୍ୟକ୍ତି ମାନଙ୍କର ବୁଥ ସ୍ତରୀୟ ଅଧିକାରୀ ମାନେ ତଥ୍ୟ ସଂଗ୍ରହ କରୁଥିବା କର୍ମଚାରୀଙ୍କ ସହିତ ସଚିବ ଶ୍ରୀ ମହାରଣା ଆଲୋଚନା କରିଥିଲେ । ଏଥି ସହିତ ବିଭିନ୍ନ ତଥ୍ୟ ସଂଗ୍ରହ ବେଳେ ଯେପରି ଭାବରେ କୌଣସିଭୁଲ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଥ ରେ ତଥ୍ୟ ସଂଗ୍ରହ କରୁଥିବା କର୍ମଚାରୀ (ବିଏଲଓ) ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବୀଣାଭାରତୀ ବିଦ୍ୟାମନ୍ଦିରରେ ୨୪ତମ ବାର୍ଷିକ ବିଜ୍ଞାନ ମେଳା

**ଭୁବନେଶ୍ୱର, ୧୦।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠସ୍ଥ ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବ ନଗର (ଶ୍ୟାମପୁର ମୌଜା)ରେ ଅବସ୍ଥିତ ବୀଣାଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା ତା.୦୯.୧୧.୨୦୨୪ରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ସଭାପତି ଇଂ ସୁବାସ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉତ୍ସବର ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗ ଦେଇ ତାଙ୍କର ସାରଗର୍ଭକ ଅଭିଭାଷଣରେ ଆଜିର ଜୀବନରେ ବଞ୍ଚିବା ପାଇଁ ବିଜ୍ଞାନ ଆବଶ୍ୟକତା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରି ବିଦ୍ୟାମନ୍ଦିରର କୁନି କୁନି ବୈଜ୍ଞାନିକ ତଥା ଗୁରୁଜୀ ଗୁରୁମାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ।



ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ଭୁବନେଶ୍ୱର ଶାଖା ପରିଚାଳକ ଶ୍ରୀ ଶ୍ରୀ ବିଶ୍ୱେଶ ଚୈତନ୍ୟ ଯୋଗଦେଇ ବିଜ୍ଞାନ ପ୍ରାଚ୍ୟ ସଂସ୍କୃତିରୁ ସୃଷ୍ଟି ଯାହାର ପ୍ରମାଣ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ କଟାମୁଣ୍ଡ ରୋପଣ ଯାହା ଆଜିର ପ୍ଲାଷ୍ଟିକ ସର୍ଜରୀ ବୋଲି ତାଙ୍କ ସାରଗର୍ଭକ ଅଭିଭାଷଣରେ ଅଭିବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ତଥା ବିଚାରକ ଭାବେ ୟୁନିଟ୍-୮ ସରାକରୀ ବାଳକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନରେଶକାନ୍ତି ଦାସ ଏବଂ ଟାଇମ୍ ଗୁରୁକୂଳର ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଦୁଲି ଯୋଗ ଦେଇ ବିଜ୍ଞାନ ମେଳାରେ ପ୍ରଦର୍ଶିତ ୧୮୪ଟି ପ୍ରକଳ୍ପ ବୁଲି ମୂଲ୍ୟାଙ୍କନ କରିଥିଲେ। ଏହି ବିଜ୍ଞାନ ପ୍ରକଳ୍ପଗୁଡିକ ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ ମିଥୁନ ଦାସ, ଯଦୁନାଥ ବଳିୟାରସିଂହ, ଆଲୋକ କୁମାର ଦାଶ, ଧନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶିତ ହୋଇଥିଲା।

ବିଜ୍ଞାନ ମେଳାର ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ଉପସଭାପତି ସ୍ୱରୂପଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଇସ୍ରୋର ଅବସରପ୍ରାପ୍ତ ମହାକଶ ବିଜ୍ଞାନୀ ତଥା ସାହିତ୍ୟିକ ଡଃ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମହାକାଶ ସଂସ୍ଥା ଇସ୍ରୋର ଇତିହାସ, ତାଙ୍କର ସୁନ୍ଦର ଅଭିଜ୍ଞତା ଏବଂ ବାଲ୍ୟକାଳର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରି ଥିଲେ।

ମୁଖ୍ୟ ବକ୍ତା ଭାବେ ଭାରତୀୟ ଶିକ୍ଷା ପରିଷଦର ଟ୍ରଷ୍ଟି ବାବାଜୀ କୁମାର ଯୋଗ ଦେଇ ବିଜ୍ଞାନ ପ୍ରକଳ୍ପଗୁଡିକୁ ଦେଖି ଅଭିଭୂତ ହୋଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ ଗୁରୁଜୀ, ଗୁରୁମାନଙ୍କ ସହିତ ଅଭିଭାବକମାନଙ୍କର ସହଯୋଗ ନିତାନ୍ତ ଆବଶ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜେପି ରାଜ୍ୟ ଗଣମାଧ୍ୟମ ସହସଂଯୋଜିକା ମାନସୀ ମଞ୍ଜରୀ ରାୟ ଯୋଗ ଦେଇ ସମୟର ସଦୁପଯୋଗ କରି ଜୀବନରେ ସବୁବେଳେ ନୂଆ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ହରିବନ୍ଧୁ ସାମନ୍ତରାୟ ସମସ୍ତ କାର୍ଯ୍ୟ ତଦାରଖ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ଦୀପ୍ତିମୟୀ ହରିଚନ୍ଦନ ଧନ୍ୟବାଦ ଅର୍ପଣ ଏବଂ ପ୍ରାତଃ ଅଧିବେଶନର ମୁଖ୍ୟ ବିଜୟଲକ୍ଷ୍ମୀ ମଙ୍ଗରାଜଙ୍କ ଶାନ୍ତି ପାଠ ପରେ ସଭାସାଙ୍ଗ ହୋଇଥିଲା।

ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଗଙ୍ଗାସୁନନ୍ଦିନୀ ରୂପମା ଗୁରୁ, ବଦ୍ୟାମନ୍ଦିରର ଉପଦେଷ୍ଟା ଶତ୍ରୁଘ୍ନ ପଣ୍ଡା, ଲକ୍ଷ୍ମଣ ଦାସ, ରାମଚନ୍ଦ୍ର ଦାସ, ମାଧବଚନ୍ଦ୍ର ସାହୁ, ପ୍ରହଲ୍ଲାଦ ପଣ୍ଡା, ବେଣୁଧର ସ୍ୱାଇ, ଅକ୍ରୁର ସେଠ୍, ନିହାରିକା ମହାନ୍ତି ପ୍ରମୁଖ ଯୋଗ ଦେଇ ବିଜ୍ଞାନ ପ୍ରକଳ୍ପ, ଶିଶୁ ଉଦ୍ୟାନ, ଆମ ପର୍ବପର୍ବାଣୀ, ଆଦି ବୁଲି ଦେଖି କୁନି ବୈଜ୍ଞାନିକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ଥାନୀୟ ଭରତପୁର, ଦୁର୍ଗାମାଧବନଗର, ହନୁମନ୍ତପ୍ରସାଦ, ଜ୍ଞାନଦେବୀ କଲୋନୀ, ଶ୍ୟାମପୁର, ନୂଆଗାଁ, ମଳିପଡ଼ା, ଅନ୍ଧାରୁଆ ଅଞ୍ଚଳରୁ ବହୁ ସଂଖ୍ୟାରେ ଅଭିଭାବକମାନଙ୍କର ସମାଗମ ହୋଇଥିଲେ।




## ଟିଭି କିଣି ବାବୁ ହରଡଘଣାରେ

ରାଜଧାନୀର ଗୋଟିଏ ଦୋକାନରୁ ବାବୁ ଯାଇ ବଡ କାନ୍ଥ ଭଳି ଟିଭି ଓ ଦୁଇ କବାଟ ବାଲା ଫ୍ରିଜ୍ କିଣିଲେ। ବିଲ୍ ପଛରେ ପଇଠ ହେବ କହି ସାମଗ୍ରୀ ଗାଡିରେ ଲଦି ନେଇ ଆସିଲେ।



ହେଲେ ସାମଗ୍ରୀ ବାବୁଙ୍କ ଘରେ ପହଞ୍ଚିଲା ନାହିଁ। ଖବର କିନ୍ତୁ ଘରଣୀ ପାଇଗଲେ। ବାବୁଙ୍କ ଘରେ ଜେରା ହେଲା ଟିଭି, ଫ୍ରିଜ୍ କିଣିଥିଲ କୁଆଡେ ଗଲା ? ପ୍ରଶ୍ନ ଶୁଣି ବାବୁଙ୍କ ଅକଲ ଗୁଡୁମ୍। ଯେତେ ବୁଝାଇଲେ ଘରଣି ବୁଝିଲେନି। କାହାଘରେ ଟିଭି ଫ୍ରିଜ୍ ଦେଲ କହିବାକୁ ଜିଦ୍ ଧରିଲେ। ଏତକ ଶୁଣିବା ପରେ ଶକ୍ତି ଉତ୍ତୋଳନ ସଂସ୍ଥାର ବାବୁ ନିଜକୁ ଶକ୍ତିହୀନ ଅନୁଭବ କଲେ। ଘରଣୀଙ୍କୁ କ'ଣ କହି ବୁଝାଇବେ ସ୍ଥିର କରିପାରିଲେ ନାହିଁ। ତଥାପି ଘର ଭାଙ୍ଗିଯିବା ଭୟରେ ସତ କହିବାକୁ ସ୍ଥିର କଲେ। କହିଲେ ଟିଭିଟି ଓ ଫ୍ରିଜ୍ ଜଣେ ରାଜନେତାଙ୍କୁ ଉପହାର ଦିଆଯାଇଛି। ହେଲେ ଘରଣୀଙ୍କ ମନ ବୁଝିଲା ନାହିଁ। ବାବୁଙ୍କ ଅଜଣାତରେ ସେହି ଦୋକାନକୁ ଯାଇ ସରଜମିନ ତଦନ୍ତ କଲେ। ଜାଣିଲେ ବାବୁଙ୍କ ସୂଚନା ଠିକ୍। ପଇସା ପଇଠ ହୋଇନାହିଁ। ଅଫିସ ବାଲା ପଇସ ଦେବେ। ସାମଗ୍ରୀ ଦୁଇଟି ରାଜଭବନ ଏରିଆରେ ଜଣେ ନେତାଙ୍କ ଘରକୁ ଯାଇଛି। ଏହା ଶୁଣିଲା ପରେ ଘରଣୀ ତୁନି ପଡିଲେ। ଘର ଭାଙ୍ଗୁ ଭାଙ୍ଗୁ ରହିଗଲା। ହେଲେ ଟିଭି ଫ୍ରିଜ୍ କିଣା କଥାଟି କିନ୍ତୁ ଲିକ୍ ହୋଇଗଲା।

## ବବିଙ୍କ ଚଉକିରେ ଦେବୀ

ଓଡ଼ିଶା ରାଜନୀତିର ଧିର ପାଣି ମିଶ୍ର ତଥା ଦେବୀ ମିଶ୍ର ଏବେ ବବିଙ୍କ ଚଉକିରେ। ବୟସ ଅଧିକ ହେଲେ ବି କେତେକ ତାଙ୍କୁ ବବିଙ୍କ ଉତ୍ତରାଧିକାରୀ ବୋଲି କହିଲେଣି। ବିଜେଡି ରାଜନୀତିର ଏଭଳି ପଟ୍ଟପରିବର୍ତ୍ତନ ସଂକ୍ରାନ୍ତରେ ଖୋଦ ବିଜେଡି କର୍ମୀମାନେ ଆଲୋଚନା କରୁଛନ୍ତି। ସେଦିନ ବିମାନବନ୍ଦର ପଟୁ ଆସିଲାବେଳେ ଆମେ ଟିକେ ଶଙ୍ଖଭବନ ନିକଟରେ କର୍ମୀଙ୍କ ମେଳି ଦେଖି ଅଟକି ଗଲୁ। ସେଠାରେ କିଛି କର୍ମୀଙ୍କ ଆଲୋଚନା କାନରେ ପଡିଲା। ଜଣେ କହୁଥିଲେ ଭବନରେ ଏବେ ଦେବୀ ବାବୁ ପାୱାରଫୁଲ୍। ପୂର୍ବରୁ ବବି ବାବୁ ଯେଉଁ ଦାୟିତ୍ୱରେ ଥିଲେ ଏବେ ତାହା ଦେବୀଙ୍କ ହାତରେ। କର୍ମୀମାନେ ଏବେ ଆଉ ବବିଙ୍କୁ ଖୋଜୁ ନାହାନ୍ତି। ସେମାନଙ୍କୁ ଦେବୀ ବାବୁଙ୍କ ସହିତ ଦେଖା କରିବାକୁ କୁହାଯାଉଛି। ନିର୍ବାଚନ ହାରିବାପରେ ଶଙ୍ଖଭବନରେ ବବିଙ୍କୁ କିଛି କର୍ମୀ ହଲାପଟା କରିବା ପରେ ଏବେ ତାଙ୍କୁ ସଗଠନରୁ ଧିରେ ଧିରେ ଦୂରେଇ ଦିଆଯାଇଛି। ସେହି ଦାୟିତ୍ୱ କୁଆଡେ ଦେବୀଙ୍କ ହାତରେ ସନ୍ୟାସୀ ଦେଇଛନ୍ତି। ଦଳରେ ବରିଷ୍ଠ ହୋଇଥିବାରୁ ଦେବୀଙ୍କୁ ବି ସମସ୍ତେ ମାନୁଛନ୍ତି। ଦେବୀ ଏକାଧାରାରେ ନିବାସ ଓ ଭବନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ଗଣମାଧ୍ୟମ ଉପରେ ମଧ୍ୟ ପ୍ରଭାବ ବିସ୍ତାର କରୁଛନ୍ତି। ତାଙ୍କ ହାତରେ ଏବେ ଉଭୟ ସରସ୍ୱତୀ ଓ ଲକ୍ଷ୍ମୀ। କର୍ମୀ ଜଣଙ୍କ ଏକା ନିଶ୍ୱାସରେ ଏକଥା କହୁଥିବାବେଳେ ଶୁଣୁଥିବା ଆଉଜଣେ କର୍ମୀ କହିଲେ ସବୁ ଠିକ୍ ଯେ ରିମୋଟ୍ କିନ୍ତୁ ସନ୍ୟାସୀଙ୍କ ହାତରେ। ଏହି କଥା ପଦକ ଶୁଣିବା ପରେ ଆମେ ସେଠରେ ରହିବାକୁ ଆଉ ଉଚିତ୍ ମନେକଲୁ ନାହିଁ।



## ଅଷ୍ଟ୍ରେଲିଆରେ ପୋଖରୀ ଖୋଳା ତାଲିମ




ପୋଖରୀ ଖୋଳା ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଅଷ୍ଟ୍ରେଲିଆରେ ପୋଖରୀ ଖୋଳା ତାଲିମ ନେଇଛନ୍ତି। ଏହି ତାଲିମ ପାଇଁ ପୋଖରୀ ପରାମର୍ଶଦାତା ଥିବା ଗୋଟିଏ ସଂସ୍ଥା କୁଆଡେ ତାଙ୍କୁ ଅଷ୍ଟ୍ରେଲିଆ ନେଇଥିଲା। ଏ ସଂକ୍ରାନ୍ତରେ ଲୋକସେବା ଭବନରେ ହେଉଥିବା ଆଲୋଚନାରୁ ଜଣାଯାଇଛି ଯେ ପୋଖରୀ ଦାୟିତ୍ୱରେ ଥିବା ଅଧିକାରୀ କିଛିଦିନ ତଳେ ବିଦେଶ ଗସ୍ତରେ ଯାଇଥିଲେ। ତାଙ୍କ ସହିତ ଗୋଟିଏ ହାଇଦ୍ରାବାସୀ ସଂସ୍ଥାର ବାବୁ ମଧ୍ୟ ଯାଇଥିଲେ। ସେହି ହାଇଦ୍ରାବାଦୀ ସଂସ୍ଥା ରାଜ୍ୟ ସରକାରଙ୍କୁ ପୋଖରୀ ଖୋଳା ଜ୍ଞାନ ଦେଇଥାଏ। ତେବେ ଅଧିକ ଜ୍ଞାନ ଆହରଣ ପାଇଁ ସେହି ସଂସ୍ଥା କୁଆଡେ ଏହି ବିଦେଶ ଗସ୍ତର ଆୟୋଜନ କରିଥିଲା। ବିଦେଶରେ ପୋଖରୀ ଖୋଳା ଜ୍ଞାନ ନେଇ ମନଖୁସିରେ ଫେରିଥିବା ଅଧିକାରୀ ଜଣଙ୍କ କିନ୍ତୁ ଏବେ ବହୁ ବିବାଦରେ ଫସି ଯାଇଛନ୍ତି। ତାଙ୍କରି ବିଭାଗର କିଛି ଲୋକେ ଏବେ ବିଦେଶ ବୁଲାରେ ଅତିଷ୍ଠ ହୋଇ ଅଧିକାରୀଙ୍କର ଯେତେସବୁ ଅଳିଆ ଥିଲା ତାହାର ପର୍ଦ୍ଦାଫାସ କରିଦେଇଛନ୍ତି। ତେବେ ଏହି ଅଧିକାରୀଣି ଜଣଙ୍କ ଓଡ଼ିଶାର ମୂଳ ବାସିନ୍ଦା ହୋଇନଥିବାରୁ ସବୁ ଜାଣୁଥିଲେ ମଧ୍ୟ ମୁହଁଖୋଲି କାହାକୁ କିଛି କହିପାରୁ ନାହାନ୍ତି। ହେଲେ ବିଦେଶରେ ପୋଖରୀ ଖୋଳା ତାଲିମ ଓ ବୁଲାବୁଲି ପାଇଁ ସରକାରୀ ଅର୍ଥ ଖର୍ଚ୍ଚ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ଏବେ କିଛି ବାବୁ ଖୋଳତାଡ ଆରମ୍ଭ କରିଛନ୍ତି।

## ପାଉଁଶ ପଛରେ ମୁରୁଗସେନ



ପାଉଁଶ ପଛରେ ଏବେ ପଡିଛନ୍ତି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ବାବୁ ମୁରୁଗେସନ। ପୂର୍ବ ସଚିବଙ୍କ ଭଳି ବାବୁ ଅଫିସରେ ନବସି ଶିଳ୍ପାଞ୍ଚଳ ବୁଲୁଥିବାରୁ ଏବେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକ ଛାନିଆ ହୋଇଛନ୍ତି। ନିକଟରେ ବାବୁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ତାପଜ କେନ୍ଦ୍ର ବୁଲି ପାଉଁଶ କିଭଳି ପରଚାଳନା ହେଉଛି ତାହାର ତହାର ତଦାରଖ କରିଛନ୍ତି। କାହାକୁ ଉପଦେଶ ତ କାହାକୁ ତାଗିଦା କରିଛନ୍ତି। ତେବେ ବାବୁଙ୍କର ହଠାତ୍ ଏଭଳି ଗତିକୁ ସାଧାରଣରେ ପ୍ରଶଂସା କରାଯିବା ସହିତ ଏହାର ଡବଲ ଇଞ୍ଜିନର କରାମତି ବୋଲି କହିଛନ୍ତି। ପୂର୍ବରୁ ପରିବେଶ ବାବୁମାନେ ସିଙ୍ଗଲ ଇଞ୍ଜିନ ବ୍ୟବସ୍ଥାରେ ହାତବାନ୍ଧି ବସି ବର୍ଜ୍ୟରୁ ସମ୍ପଦ ପାଇଲା ଭଳି ପାଉଁଶରୁ ପକେଟ ଗରମ କରୁଥିବାବେଳେ ମୁରୁଗେସନ ବାବୁମାନେ ଏବେ ପାଉଁଶ ବେପାରୀଙ୍କ ମୁଣ୍ଡ ଗରମ କଲେଣି। ଖାଲି ପାଉଁଶ ଗଦା ନୁହେଁ ବାବୁ ପାଉଁଶ ପୋଖରୀ କୂଳରେ ବି ପହଞ୍ଚି ଯାଉଛନ୍ତି। ବାବୁଙ୍କ ହାତ ଏବେ ଖୋଲା ହୋଇଯାଇଥିବାବେଳେ କିଛି ପାଉଁଶ ପରିଚାଳନାକାରୀଙ୍କ ହାତ ନିଶ୍ଚିତ ବନ୍ଧା ହେବ ବୋଲି ଶିଳ୍ପାଞ୍ଚଳରେ ଆଲୋଚନା ଜୋର ଧରିଛି।

## ମନ୍ତ୍ରୀ, ସଚିବଙ୍କ ନାଁ ଶୁଣିଲେ ବାବୁ ପଇତା ଦେଖାଉଛନ୍ତି



ସରକାରରେ ଥିବା ଜଣେ ବରିଷ୍ଠ ବାବୁ ନିଜ ବିଭାଗର ମନ୍ତ୍ରୀ ଓ ସଚିବଙ୍କ ନାଁ ଶୁଣିଲେ ଲୋକଙ୍କୁ ନିଜର ପଇତା କାଢି ଦେଖାଉଛନ୍ତି। ପଇତାର ପାୱାର କ'ଣ ବୋଲି ବୁଝାଉଛନ୍ତି। ଏହା ଫଳରେ ଯେଉଁମାନେ ମନ୍ତ୍ରୀ ଓ ସଚିବଙ୍କ ସୁପାରିଶ୍ ଧରି ସେଠାରେ ପହଞ୍ଚୁଛନ୍ତି ସେମାନେ ପଇତା ଦର୍ଶନ ଫେରୁଥିବା ଆଲୋଚନା ହେଉଛି। ଏଭଳି ସମସ୍ୟା ସଂକ୍ରାନ୍ତରେ କିଛି ଗବେଷକ ଜୟଦେବଭବନ ନିକଟରେ ଆଲୋଚନା କରୁଥିଲେ। ଜଣେ ଗବେଷକ କହୁଥିଲେ, ଏହି ସରକାରୀ ବାବୁଙ୍କର ପୁରୁଣା ରୋଗ ଯାଇନାହିଁ। ସିଏ ଏବେ ବି ନିଜକୁ ସର୍ବେସର୍ବା ଭାବୁଛନ୍ତି। ଏ ସରକାରରେ ମନ୍ତ୍ରୀ ଓ ସଚିବଙ୍କ କ୍ଷମତା ସଂକ୍ରାନ୍ତରେ ଜାଣି ନାହାନ୍ତି ବା ଜାଣି ଅଜଣା ହେଉଛନ୍ତି। ଓଡିଆ ସଂସ୍କୃତିକୁ ଭୁଲି ଯାଉଛନ୍ତି। ନହେଲେ ବିଭାଗୀୟ ସଚିବଙ୍କ ନାଁ ଶୁଣିଲେ ଲୋକଙ୍କୁ ପଇତା ଦେଖାଉ ନଥାନ୍ତେ କି ହେଲା କାମକୁ ଅଟକାଇ ଦେଉ ନଥାନ୍ତେ। ଯେଉଁମାନେ ମନ୍ତ୍ରୀଙ୍କ ସୁପାରିଶ୍ ଧରି ଯାଉଛନ୍ତି ସେମାନଙ୍କ ଅବସ୍ଥା ଆହୁରି ଖରାପ। ତାଙ୍କୁ ଦି ଥର ପଇତା ଦେଖାଉଛନ୍ତି। ସେଠାରେ କେବଳ ଭାଗ୍ୟକୁ ନିନ୍ଦି ଫେରିବା ଛଡା ଅନ୍ୟ ପଥ ନାହିଁ ବୋଲି ଉପସ୍ଥିତ ଜଣେ ସାହିତ୍ୟିକ ମତ ଦେଉଥିଲେ।

# ଜୟୀ ରାଜଗୁରୁଙ୍କ ଉପରେ ଗବେଷଣା ନୂଆ ଅଧ୍ୟାୟ ହେବ

**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ଏ ଜାତି ହେଉଛି ବୀର ଜାତି, ଏହି ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି । ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏ ମାଟିର ବୀର ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ରଣହୁଙ୍କାର ଦେଇଥିଲେ ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ଓଡ଼ିଶା ଇତିହାସକୁ ନେଇ ଏପର୍ଯ୍ୟନ୍ତ କୌଣସି ଗବେଷଣା ହୋଇନାହିଁ, ଯାହାକି ଦୁର୍ଭାଗ୍ୟଜନକ । ଆଗକୁ ଓଡିଶାର ପ୍ରକୃତ ଇତିହାସ ଏବଂ ଓଡିଆ ବରପୁତ୍ରଙ୍କ ଇତିହାସ ବିଷୟରେ ଗବେଷଣା ହେବ । ଏଥିପାଇଁ ବିଶ୍ୱବିଦ୍ୟାଳୟର

**ଜୟୀ ରାଜଗୁରୁଙ୍କ ନାଁରେ ନାମିତ ହେବ ଏକ ପ୍ରମୁଖ ରାସ୍ତା**



ଏକ ଚେୟାର ବରପୁତ୍ରଙ୍କ ନାଁରେ ପ୍ରତିଷ୍ଠା କରାଯାଇ ଗବେଷଣା କରାଯିବ । ଏଥିସହିତ ଓଡ଼ିଶାର ଏକ ପ୍ରମୁଖ ରାସ୍ତାକୁ ବରପୁତ୍ର ଜୟୀ ରାଜଗୁରୁଙ୍କ ନାଁରେ ନାମିତ କରାଯିବ। କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷା ପ୍ରଶାସକ ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ତାଙ୍କଠାରେ ତ୍ୟାଗୀ ଓ ଯୋଗୀର ଅପୂର୍ବ ସମନ୍ୱୟ ଘଟିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜୟୀ ରାଜଗୁରୁଙ୍କ ସମୟରେ ଯେଉଁ ସଂଗ୍ରାମ ଆରମ୍ଭ ହୋଇଥିଲା ତାହା ହିଁ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ 'ଜୟୀ ରାଜଗୁରୁଙ୍କ ଜୀବନୀ' ସଂପର୍କିତ ଏକ ଆଲୋଚନା ଚକ୍ରକୁ ହାଇକୋର୍ଟ ଜଷ୍ଟିସ ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିବାବେଳେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ପ୍ରାକ୍ତନ ପ୍ରଶାସକ ଦିଗମ୍ବର ମହାନ୍ତି, ଐତିହାସିକ ଡ. ବିନୋଦିନୀ ଦାଶ, ଶିକ୍ଷାବିତ୍ ପ୍ରଫେସର ପ୍ରସନ୍ନ କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୈଷୟିକ ନିର୍ଦ୍ଦେଶକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପୂର୍ବତନ ସରପଞ୍ଚଙ୍କ ଘରେ ବିଷ ପିଇଲେ ମହିଳା ସରପଞ୍ଚ



**ବରଗଡ, ୧୦।୧୧ (ସଂଚାର ବ୍ୟୁରୋ) :** ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ ତାଳପାଲି ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଏହି ପଞ୍ଚାୟତ ମହିଳା ସରପଞ୍ଚ ଉର୍ମିଳା ସେଠ ପୂର୍ବତନ ସରପଞ୍ଚଙ୍କ ଘରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ସରପଞ୍ଚଙ୍କ ପୁଅ କହିବାନୁସାରେ, ପୂର୍ବତନ ସରପଞ୍ଚ ଚୈତନ୍ୟ ସାହୁ ବେନିୟମ ଭାବେ ବିଭିନ୍ନ ପଞ୍ଚାୟତସ୍ତରୀୟ କାମ କରାଇବାକୁ ମହିଳା ସରପଞ୍ଚଙ୍କୁ ଧମକ ଚମକ୍ ଦେଇଆସୁଥିଲେ। ଅନ୍ୟଥା ଅନାସ୍ଥା ଆଣି ହଟାଯିବ ବୋଲି କିଛି ୱାର୍ଡ ସଭ୍ୟଙ୍କୁ ହାତରେ ରଖି ଧମକ ଚମକ ଦେଉଥିଲେ।। ମହିଳା ସରପଞ୍ଚଙ୍କୁ ଚୈତନ୍ୟ ସାହୁ ଘରକୁ ଡ଼ାକି ମାନସିକ ନିର୍ଯାତନା ଦେବା ସାଙ୍ଗକୁ ତତେ ସରପଞ୍ଚ ପଦରୁ ହଟାଇ ଦିଆଯିବ ତୁ ଯାହା କରିବାର ଅଛି କରିବୁ ବୋଲି କହିଥିଲେ। ଫଳରେ ଅତିଷ୍ଠ ହୋଇ ଚୈତନ୍ୟଙ୍କ ଘରେ ଉର୍ମିଳା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହିହା ପରିବାର ଲୋକେ ଜାଣିବା ପରେ ତାଙ୍କୁ ତୁରନ୍ତ ଗାଇସିଲେଟ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମହିଳା ସରପଞ୍ଚ ଚିକିତ୍ସାଧିନ ଥିବା ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। ଏ ଘଟଣା ଗାଇସିଲେଟ ଥାନାରେ ମୌଖିକ ଭାବରେ ଜଣାଇଥିବା ମହିଳା ସରପଞ୍ଚ ପୁଅ ସୂଚନା ଦେବା ସହିତ ପୂର୍ବତନ ସରପଞ୍ଚ ଚୈତନ୍ୟ ସାହୁଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

● ଲଭ୍ ଜିହାଦ ମାମଲା

## ଅଭିଯୁକ୍ତର ରେକର୍ଡ ହିଷ୍ଟ୍ରି ମାଗିଲା କମିଶନରେଟ୍ ପୋଲିସ



**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ରାଜଧାନୀରେ ଲଭ୍ ଜିହାଦ ଅଭିଯୋଗ ମାମଲା । ତଦନ୍ତକୁ ଆହୁରି ଜୋରଦାର କରିଛି କମିଶନରେଟ ପୋଲିସ । କାଶ୍ମୀର ପୋଲିସ ସହ ଯୋଗାଯୋଗ କରିଛି କମିସନରେଟ ପୋଲିସ । ସେପଟେ ବିହାର ପୋଲିସ ଜରିଆରେ ଅଭିଯୁକ୍ତ ସମୀର ମନସୁରର ସମସ୍ତ ରେକର୍ଡ ହିଷ୍ଟ୍ରି ମାଗିଛି ପୋଲିସ। କେଉଁ ଗ୍ରୁପ୍ ସହ ସମୀର ମନସୁରର ସମ୍ପର୍କ ରହିଛି ତାକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ସମୀର ମନସୁର୍ ସମ୍ପର୍କରେ ଜାତୀୟ ତଦନ୍ତକାରୀ ସଂସ୍ଥାକୁ ମଧ୍ୟ ଦିଆଯାଇଛି ସୂଚନା। କୌଣସି ପ୍ରକାର ଆତଙ୍କବାଦୀ ସଂଗଠନ ସହ ସମ୍ପର୍କ ଅଛି ନା ନାହିଁ ସେ ଦିଗରେ ମଧ୍ୟ ତଦନ୍ତ କରାଯାଉଛି । ଏନେଇ ପୋଲିସ କମିଶନର ଏସ ଦେବଦତ୍ତ ସିଂଙ୍କ ସୂଚନା ଦେଇଛନ୍ତି । କାଶ୍ମୀରରେ ରହୁଥିବା ବିହାରର ଯୁବକ ସମୀର ମନସୁର ଓଡ଼ିଆ ଯୁବତୀଙ୍କୁ ଅନଲାଇନ ଗେମରୁ ପ୍ରେମ, ଶାରୀରିକ ସମ୍ପର୍କ ଓ ପରେ ବିବାହ ପାଇଁ ଯୋଜନା କରିଥିଲା। ହେଲେ ପ୍ରକୃତ ପରିଚୟ ଲୁଚାଇ ଠକିବାକୁ ଉଦ୍ୟମ କରିଥିବା ବେଳେ ଯୁବତୀ ଜାଣି ପାରି ତା'ଠାରୁ ଦୂରେଇବାକୁ ଚାହିଁଥିଲେ । କିନ୍ତୁ ସମୀର ଧମକ ଚମକ ଦେଇ ବିବାହ ପାଇଁ ଧର୍ମ ପରିବର୍ତ୍ତନ ସାଙ୍ଗକୁ ହତ୍ୟା ଧମକ ଦେଇଥିଲା। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ୍ କରିବା ପରେ ଭୁବନେଶ୍ୱର ମହିଳା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ। ଭୁବନେଶ୍ୱର ଆସୁଥିବା ବେଳେ ବାଟରେ ପୋଲିସ ସମୀରକୁ ଧରିଥିଲା।

## ଡମ୍ଫର ମଡ଼ାଇ ୨ ଜଣଙ୍କୁ ହତ୍ୟା




**କେନ୍ଦୁଝର, ୧୦।୧୧(ସଂଚାର ବ୍ୟୁରୋ):** ଘଷିପୁରା ଥାନା ନଦୁଆଁ ଗାଁରେ ଜଣେ ଯୁବକ ଡମ୍ଫର ମଡ଼ାଇ ଜଣେ ମହିଳା ସମେତ ଦୁଇ ଜଣଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଦ୍ୱୟ ହେଉଛନ୍ତି ଗାଁର ସଞ୍ଜୁଲତା ପଲେଇ ଓ ପାଣୁ ପୁଷ୍ଟି। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତର ନାଁ ଭଞ୍ଜ ପୃଷ୍ଟି। ପୂର୍ବ ଶତ୍ରୁତାରୁ ଭଞ୍ଜ ପୃଷ୍ଟି ଏଭଳି ଏକ ଘଟଣା ଘଟାଇଥିବା କୁହାଯାଉଛି। ସଞ୍ଜୁଲତାଙ୍କ ଦେଢ଼ଶୁର ବାବାଜୀ ପଲେଇ କହିଛନ୍ତି, ଭଞ୍ଜ ପୃଷ୍ଟି ଆମ ସଂପର୍କୀୟ। ସେ ଆମ ସାନ ମାମୁଙ୍କ ପୁଅ। ଆମେ ଛକରେ ଛିଡ଼ା ହୋଇଥିବା ବେଳେ ସେ ଗାଡ଼ି ଧରି ଆସିଥିଲା। ଗାଡ଼ିକୁ ଖଳାରେ ରଖିବା ପରେ ସେ ପାଟି କରି କହିଥିଲା ଯେ ଆଜି ସମସ୍ତଙ୍କୁ ମାରି ଦେବି। ତା'ପରେ ସେ ଗାଡ଼ିକୁ ଚଢ଼ି ଯାଇଥିଲା। ପ୍ରଥମେ ସେ ମୋର ଏକ ସ୍କୁଟି ଉପରେ ଡମ୍ଫର ଚଢ଼ାଇ ଦେଇଥିଲା। ତା'ପରେ ଆମ ମଝିଆଁ ମାମୁ ଭାଲୁ ପୃଷ୍ଟିଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ତା' ପରେ ସେ ମୋ ଭାଇବୋହୂ ସଞ୍ଜୁଲତା ପଲେଇଙ୍କ ଉପରେ ଡମ୍ଫର ଚଢ଼ାଇ ଦେଇଥିଲେ। ଏତିକିରେ ସେ ଅଟକି ନ ଥିଲେ। ଘର ଉପରେ ବି ଗାଡ଼ି ଚଢ଼ାଇ ଦେଇଥିଲେ। କିଛି ଶତ୍ରୁତା ନାହିଁ। ସେ କାହିଁକି ମାରିଲା ଜଣାନାହିଁ। ଆଗରୁ ସେ କହିଆସୁଥିଲା ଯେ ସମସ୍ତଙ୍କୁ ମାରିଦେବି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହିତ ଯାଞ୍ଚ କରିଛି। ଅଭିଯୁକ୍ତ ଭଞ୍ଜ ପୃଷ୍ଟିକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଗାଁରେ ପୁଲିସ ମଧ୍ୟ ଉପସ୍ଥିତ ରହିଛି।

## ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ଶ୍ରୀରାଧା

**ପୁରୀ, ୧୦।୧୧ (ସଂଚାର ବ୍ୟୁରୋ):** ପବିତ୍ର ଅଁଳା ନବମୀରେ ଓଡ଼ିଆଣୀ ବୋରେ ଦର୍ଶନ ଦେଲେ ଶ୍ରୀରାଧା। ଏହି ଅବସରରେ ରାଧା ପାଦ ଦର୍ଶନ ପାଇଁ ସାକ୍ଷୀଗୋପାଳର ଗୋପାଳଜୀଉ ମନ୍ଦିରରେ ପ୍ରବଳ ଭିଡ଼ ହୋଇଛି। ପାରମ୍ପରିକ ସୁବର୍ଣ୍ଣ ଗହଣାଗୁଡିକ ମାଆଙ୍କ ପାଖରେ ଲାଗି କରାଯାଇଛି। ଏଥିସହିତ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ସଜ୍ଜିତ ହୋଇ ଛନ୍ଦାଚରଣରେ ନୃତ୍ୟରତ ଭଙ୍ଗିରେ ଶୋଭାପାଉଛନ୍ତି । ହଜାର ହଜାର ଭକ୍ତ ଲମ୍ବା ଧାଡିରେ ଛିଡା ହୋଇ ମା'ଙ୍କ ଦର୍ଶନ ଲାଭ କରିଛନ୍ତି । କାର୍ତ୍ତିକ ମାସ ଶୁକ୍ଳ ନବମୀରେ ରାଧା ପାଦ ଦର୍ଶନ କଲେ ପରିବାର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ଆସନ୍ତାକାଲି ଠାରୁ କାର୍ତ୍ତିକ ପଞ୍ଚୁକ ଆରମ୍ଭ ହେବ ।

# ବିନା ଟେଣ୍ଡରରେ ଖଣି ନିଲାମ: ସୁପ୍ରିମ୍‌କୋର୍ଟ ବିସ୍ମିତ

**ଭୁବନେଶ୍ୱର, ୧୦।୧୧(ସଂଚାର ବ୍ୟୁରୋ):** ବିନା ଟେଣ୍ଡରରେ ଓଡ଼ିଶାରେ କିଭଳି ଖଣି ନିଲାମ ହୁଏ ସେଥିନେଇ ଏକ ମାମଲାରେ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଏହି ନିଲାମକୁ ବାତିଲକରି ସରକାର ଚାହିଁଲେ ନୂଆ ବିଜ୍ଞାପନ ଆଧାରରେ ଆଇନାନୁଯାୟୀ ପୁର୍ନବାର ଖଣି ନିଲାମ କରିବାକୁ ଆଦେଶ ଦେଇଛନ୍ତି। ଏଥି ସହ ପୂର୍ବରୁ ଯେଉଁମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅମାନତରାଶି ଜମା କରିଥିଲେ ସେମାନଙ୍କୁ ଏହି ଅର୍ଥ ୬ସପ୍ତାହ ମଧ୍ୟରେ ଫେରାଇ ଦେବାପାଇଁ ସୁପ୍ରିମ୍‌କୋର୍ଟ ଗତ ଜୁଲାଇ ମାସରେ କହିଥିଲେ ମଧ୍ୟ ଏଯାବତ୍ ଏହି ଅର୍ଥ ଫେରାଯାଇ ନାହିଁ ବୋଲି କେତେକ ଜମାକାରୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ ନିହାଲ ପ୍ରସାଦରେ ଏକ ମୋରମ ଖଣି ନିଲାମ ପାଇଁ ୨୦୨୦ ଜୁନ୍ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଅମିତ କୁମାର ସାହୁ ନାମକ ଜଣେ ବ୍ୟକ୍ତି ସର୍ବାଧିକ ଅର୍ଥ ଦେବାପାଇଁ ଉଲ୍ଲେଖ କରିଥିବାବେଳେ ତାଙ୍କ ଟେଣ୍ଡର ଦରଖାସ୍ତକୁ ଅସମ୍ପୂର୍ଣ୍ଣ ଦର୍ଶାଇ ବାତିଲ କରିଦିଆଯାଇଥିଲା ଏବଂ ଦ୍ୱିତୀୟ ସ୍ଥାନରେ ଥିବା ସଂସ୍ଥାକୁ ନିଲାମ




ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପ୍ରତିବାଦ କରି ଅମିତ କୁମାର ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ୨୦୨୨ ସେପ୍ଟେମ୍ବର ୨୭ରେ ହାଇକୋର୍ଟ ପୁର୍ନବାର ବିଜ୍ଞପ୍ତି ପ୍ରକାଶ କରି ସାନି ଟେଣ୍ଡର ଡାକିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ତେବେ ପ୍ରଥମ ଥରର ଟେଣ୍ଡର ତୁଳନାରେ ଦ୍ୱିତୀୟଥର ଟେଣ୍ଡରରେ ଅଂଶଗ୍ରହଣ କରିଥିବା ସଂସ୍ଥାମାନେ ଢେର କମ୍ ଦର ଦର୍ଶାଇଥିଲେ। ପ୍ରଥମ ଥରର ଟେଣ୍ଡର ବାତିଲ ହୋଇଯାଇଥିଲେ ମଧ୍ୟ ୨୦୨୨ ନଭେମ୍ବର ୩୦ତାରିଖରେ ଡକାଯାଇଥିବା ଦ୍ୱିତୀୟ ଟେଣ୍ଡରକୁ ଗ୍ରହଣ ନକରି ପ୍ରଥମ ଟେଣ୍ଡରର ଦ୍ୱିତୀୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ମୋରମ ଖଣି ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ବିରୋଧକରି ଅଜିତ କୁମାର ସାହୁ ନାମକ ଜଣେ ଟେଣ୍ଡର ଆବେଦନକାରୀ ପୁଣି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସୁପ୍ରିମ୍‌କୋର୍ଟର ଅନ୍ୟତମ ବିଚାରପତି ସଞ୍ଜୀବ ଖାନ୍ନା ଓ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ମାମଲାର ଶୁଣାଣିକରି ଯେଭଳି ଭାବେ ବାତିଲ ହୋଇଥିବା ଟେଣ୍ଡରର ଆବେଦନକାରୀଙ୍କୁ ଖଣି ଲିଜ୍ ପାଇଁ ବଛାଗଲା ସେଥିନେଇ ଉଦବେଗ ପ୍ରକାଶ କରିବା ସହ ୬ସପ୍ତାହ ମଧ୍ୟରେ ପୂର୍ବରୁ ଯେତେସବୁ ଆବେଦନକାରୀ ଖଣି ନିଲାମ ପାଇଁ ଟେଣ୍ଡର ଦରଖାସ୍ତ ମାଧ୍ୟମରେ ଅମାନତ ଜମା ଦେଇଥିଲେ ସେମାନଙ୍କୁ ସେହି ଅର୍ଥ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଯାବତ୍ ଏହା ଫେରସ୍ତ ହୋଇନଥିବା ସେନି କେତେକ ଜମାକାରୀ ଖୋଲା ଅଭିଯୋଗ କରୁଛନ୍ତି। ଏଭଳି ସ୍ଥିତିରେ ପୂର୍ବରୁ ଖଣି ନିଲାମ ପ୍ରକ୍ରିୟାରେ କିଭଳି ବ୍ୟାପକ ତ୍ରୁଟି ବିଚ୍ୟୁତି ହେଉଥିଲା ସେ ସମ୍ପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ତେବେ ଖଣି ନିଲାମ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବାଲାଗି ଏବେ ଜୋରଦାର ପ୍ରସ୍ତୁତି ଚାଲିଛି। ଇତି ମଧ୍ୟରେ ରାଜ୍ୟ ସରକାର ବାଲି, ମୋରମ, ପଥର ଭଳି ଲଘୁ ଖଣିଜ ପଦାର୍ଥର ପରିଚାଳନା ଓ ନିଲାମ ଦାୟିତ୍ୱ ରାଜସ୍ୱ ପ୍ରଶାସନରୁ କାଢିନେଇ ଖଣି ବିଭାଗ ହାତରେ ନ୍ୟସ୍ତ କରିଛନ୍ତି। ତେବେ ଏଥିଯୋଗୁଁ ଅଧିକ ସମସ୍ୟା ଉପୁଜୁଥିବା ପରିପ୍ରେକ୍ଷୀରେ ଲଘୁ ଖଣିଜ ପଦାର୍ଥର ନିଲାମ ସଂକ୍ରାନ୍ତୀୟ ଦାୟିତ୍ୱ ପୁଣିଥରେ ରାଜସ୍ୱ ପ୍ରଶାସନ ହାତକୁ ଫେରାଇଦେବା ଉଚିତ୍ ହେବବୋଲି ମତପ୍ରକାଶ ପାଉଛି। (ତଥ୍ୟ)

# ବାଲିଯାତ୍ରା ବୁଲିବେ ୧୫ ଦେଶର ପ୍ରତିନିଧି: ଜଳପଥରେ ସ୍ୱାଗତ କରିବ ପ୍ରଶାସନ

**କଟକ, ୧୦।୧୧ (ସଂଚାର ବ୍ୟୁରୋ):** ଚଳିତମାସ ୧୫ରୁ ଆରମ୍ଭ ହେଉଛି ଓଡିଶା ନୌବାଣିଜ୍ୟ ଐତିହ୍ୟର ଗାରିମାମୟ ପର୍ବ ଐତିହାସିକ କଟକ ବାଲିଯାତ୍ରା। ପ୍ରସ୍ତୁତି ସମୀକ୍ଷା କରିଛନ୍ତି କଟକ କଟକ ଜିଲ୍ଲାପାଳ, ଡ଼ିସିପି ଓ ଅନ୍ୟାନ୍ୟ ଅଧିକାରୀ। ଏଥର ବାଲିଯାତ୍ରା ଉଦଘାଟନ ଉତ୍ସବରେ ଯୋଗଦେବା ପାଇଁ ୧୫ ଦେଶର ପ୍ରତିନିଧି ଆସିପାରନ୍ତି । ବିଶିଷ୍ଟ ଅତିଥିଙ୍କୁ ଭାବ୍ୟ ଢଙ୍ଗରେ ମହାନଦୀ ଜଳ ପଥରେ ବାଲିଯାତ୍ରା ପଡ଼ିଆକୁ ଆଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ କେଉଁମାନେ ନିମନ୍ତ୍ରିତ ବିଦେଶୀ ଅତିଥି ଆସୁଛନ୍ତି, ସେନେଇ ପ୍ରଶାସନ କିଛି ସ୍ପଷ୍ଟ କରିନି । ରାଜ୍ୟ ସରକାରଙ୍କ ପକ୍ଷରୁ ତଥ୍ୟ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।ସେପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ରାସ୍ତାକଡ଼ରେ ଅବରୋଧ ହଟାଇବା ପାଇଁ ଯୋଜନା ପ୍ରସ୍ତୁତ କରିଛି ପ୍ରଶାସନ । ଏଥର



ରାସ୍ତାକଡ଼ରେ କୌଣସି ଉଠା ଦୋକାନୀ ବସିବେ ନାହିଁ । ତଳ ପଡ଼ିଆରେ ୮୦ ହଜାର ବର୍ଗଫୁଟ ଓ ଉପର ପଡ଼ିଆରେ ୧୫ ହଜାର ବର୍ଗଫୁଟ ଅଞ୍ଚଳ ଫୁଟପାଥ ବ୍ୟବସାୟୀଙ୍କ ପାଇଁ ଛଡ଼ା ଯିବ। ଫଳରେ ଟ୍ରାଫିକ୍ ସମସ୍ୟା ରହିବ ନାହିଁ। ବାଲିଯାତ୍ରା ପାଇଁ ୭୦ ପ୍ରତିଶତ କାମ ସରିଗଲାଣି, ବାକି କାମ ମଧ୍ୟ ୧୩ ତାରିଖ ସୁଦ୍ଧା ଶେଷ ହେବ ବୋଲି କହିଛନ୍ତି ଜିଲ୍ଲାପାଳ। ପ୍ରଥମ ଥର କରି ସାଉଥ୍-ଇଷ୍ଟ ପାଭିଲିୟନ୍, ଭାରତୀୟ ନୌସେନାର ଭାଗିଦାରୀ, ଡ୍ରୋନ୍ ଶୋ' ଆଦି ଦେଖିବାକୁ ପାଇବେ ଦର୍ଶକ । ଭିନ୍ନ ଭିନ୍ନ ଦିବସରେ ଅନ୍ତର୍ଜାତୀୟ କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିବେ। ଉଦ୍‌ଘାଟନ ଦିନ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି କହିଛନ୍ତି କଟକ ଜିଲ୍ଲାପାଳ।

ସୁରକ୍ଷାରେ ନିୟୋଜିତ ହେବେ ୭୦ ପ୍ଲାଟୁନ ପୋଲିସ ଫୋର୍ସ । ୨୦ ପୋଲିସ ସହାୟତା ପୋଷ୍ଟ ପାଇଁ ବ୍ୟବସ୍ଥା କରାଯାଉଛି। ସହରର ୧୫ଟି ସ୍ଥାନରେ ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି। ତଳ ପଡିଆ ପଛପଟ ନଦୀକୂଳ ରାସ୍ତାଟିକୁ ଗ୍ରୀନ କରିଡ଼ର ଭାବରେ ବ୍ୟବହାର କରାଯିବ।

# ଚମକିବ ପିପିଲି ଚାନ୍ଦୁଆ



**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** ସାରା ଦେଶରେ ଚମକିବ ପିପିଲି ଚାନ୍ଦୁଆ। ପିପିଲି ଚାନ୍ଦୁଆକୁ ନେଇ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବରେ ପିପିଲି ଚାନ୍ଦୁଆ ସ୍ଥାନ ପାଇବ। ଦେଶର ସାତ ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର ଚାନ୍ଦୁଆର ପ୍ରସାର ପାଇଁ କାମ କରିବେ। ରବିବାର ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ। ମନ୍ତ୍ରୀ କହିଛନ୍ତି, ସାତଟିଯାକ ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର ଚାନ୍ଦୁଆ ଶିଳ୍ପର ସଂରକ୍ଷଣରେ ସକ୍ରିୟ ଭୂମିକା ନେବେ। ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବରେ ଚାନ୍ଦୁଆ ଶିଳ୍ପୀମାନଙ୍କୁ ବିଶେଷ ସ୍ଥାନ ପ୍ରଦାନ କରାଯିବ। ଚାନ୍ଦୁଆ ଶିଳ୍ପୀମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ସେମାନଙ୍କ ପାଇଁ ନୂତନ ବଜାର ସୁଯୋଗ ସୃଷ୍ଟି ହେବ। ଯୁବ ପିଢ଼ିଙ୍କୁ ଏହି ପାରମ୍ପରିକ ଶିଳ୍ପରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମ ଓ ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସେଖାୱତ କହିଛନ୍ତି। ୧୨ ଶତାବ୍ଦୀରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ ଏହି ଐତିହାସିକ ଶିଳ୍ପକଳା ତା'ର ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ଜୀବନ୍ତ ରଙ୍ଗ ପାଇଁ ବିଶ୍ୱ ପ୍ରସିଦ୍ଧ। ଏବେ କେନ୍ଦ୍ର ସରକାର ଏହି ଶିଳ୍ପର ସଂରକ୍ଷଣ ପାଇଁ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାରଙ୍କର ଏହି ପଦକ୍ଷେପ ଯୁଗାନ୍ତକାରୀ ବୋଲି ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ୧୫ ହଜାରରୁ କମ୍ ମୂଲ୍ୟରେ ପାୱାରଫୁଲ୍ ଟାବଲେଟ୍




**ନୂଆଦିଲ୍ଲୀ, ୧୦।୧୧ :** ଯଦି ଆପଣ ଏକ ବଡ ସ୍କ୍ରିନ୍ ଟାବଲେଟ୍ କିଣିବାକୁ ପ୍ଲାନ କରୁଛନ୍ତି ତେବେ ଆପଣଙ୍କ ପାଇଁ ଖୁସି ଖବର । ଭାରତୀୟ ବଜାରରେ ଏକକାଳୀନ ଦୁଇଟି ନୂଆ ଟାବଲେଟ୍ ଲଞ୍ଚ କରାଯାଇଛି । ଆସର କମ୍ପାନୀ ଦ୍ୱାରା ଦୁଇଟି ଟାବଲେଟ୍ ଲଞ୍ଚ କରାଯାଇଛି । ଆସର ଦ୍ୱାରା ଉପସ୍ଥାପିତ ଟାବଲେଟ୍ ଗୁଡିକ ହେଉଛି ଆସର ଆଇକନିକ ୮.୭ ଏବଂ ଆସର ଆଇକନିଆ ୧୦.୩୬ । ଉଭୟ ଟାବଲେଟ୍ ଆଉଟ୍ ଅଫ ଦି ବକ୍ସ ଆଣ୍ଡ୍ରଏଡ୍ ୧୪ କୁ ସପୋର୍ଟ କରେ ।

ଯଦି ଆପଣ ଓଟିଟି ଷ୍ଟ୍ରିମିଂ କିମ୍ବା ପ୍ରତିଦିନର କାର୍ଯ୍ୟ ପାଇଁ ଏକ ଶସ୍ତା ଟ୍ୟାବଲେଟ୍ ଖୋଜୁଛନ୍ତି, ତେବେ ଏସର୍‌ର ଏହି ନୂଆ ମଡେଲଗୁଡ଼ିକ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରେ। ତେବେ ଆସନ୍ତୁ ଆସର ଆଇକୋନିଆ ୮.୭ ଏବଂ ଆସର ଆଇକୋନିଆ ୧୦.୩୬ ବିଷୟରେ ଜାଣିବା ।


କମ୍ ମୂଲ୍ୟରେ ଆସର ଆଇକୋନିଆ ୮.୭ ଅନେକ ବଢ଼ିଆ ଫିଚର୍ସ ପ୍ରଦାନ କରେ । ଏଥିରେ ଆପଣଙ୍କୁ ୮. ୭ ଇଞ୍ଚ ଡିସପ୍ଲେ ଦିଆଯାଇଛି । ଏଥିରେ ଆପଣ ୧୩୪୦ x ୮୦୦ ପିକ୍ସେଲର ରେଜୋଲ୍ୟୁସନ ପାଇପାରିବେ । ଏଥିରେ କମ୍ପାନୀ ମଲ୍ଟି ଟଚ୍ ସ୍କ୍ରିନ୍ ର ଫିଚର୍ସ ଦେଇଛି। ଏଥିରେ ଆପଣଙ୍କୁ ୪୦୦ ନିଟ୍ସର ପିକ୍ ବ୍ରାଇଟନେସ୍ ର ସପୋର୍ଟ ଦିଆଯାଇଛି । ପରଫରମାନ୍ସପାଇଁ, ଏହାକୁ ଆସରର ପି୨୨ଟୁ ପ୍ରୋସେସର ସହିତ ପ୍ରଦାନ କରାଯାଇଛି ।

ଏହି ଟ୍ୟାବଲେଟରେ ଉଭୟ ଭିଡିଓ କଲିଂ ଏବଂ ଫଟୋଗ୍ରାଫି ପାଇଁ ଏକ କ୍ୟାମେରା ଅଛି । ସେଲଫି ଏବଂ ଭିଡିଓ କଲିଂ ପାଇଁ ୫ ମେଗାପିକ୍ସେଲର ଫ୍ରଣ୍ଟ କ୍ୟାମେରା ଯୋଗାଇ ଦିଆଯାଇଛି। ଏହାର ପଛ ପ୍ୟାନେଲରେ ୮ ମେଗାପିକ୍ସେଲ କ୍ୟାମେରା ଅଛି । ଆସନରରୁ ଏହି ଟାବଲେଟ୍ ଡୁଆଲ୍ ଷ୍ଟେରିଓ ସ୍ପିକର ସହିତ ଆସିଥାଏ । ଏଥିରେ କମ୍ପାନୀ ୫୧୦୦ଏମଏଏଚ ବ୍ୟାଟେରୀ ପ୍ରଦାନ କରିଛି ଯାହା ୧୦ୱାଟ ଚାର୍ଜିଂକୁ ସପୋର୍ଟ କରେ ।

ଆସର ଆଇକୋନିଆ ୧୦.୩୬ ରେ ୧୦.୩୬ ଇଞ୍ଚର ଡିସପ୍ଲେ ଅଛି । ଏଥିରେ ଆପଣଙ୍କୁ ୨କେ ରିଜୋଲ୍ୟୁସନ୍ ସହିତ ଏକ ଆଇପିଏସ୍ ପ୍ୟାନେଲ୍ ଡିସପ୍ଲେ ଦିଆଯାଇଛି । ଏହି ଟାବଲେଟର ଡିସପ୍ଲେରେ ୪୮୦ ନିଟ୍ସର ପିକ୍ ବ୍ରାଇଟନେସ୍ ଅଛି । ପରଫରମାନ୍ସ ପାଇଁ, କମ୍ପାନୀ ଏସର ଆଇକୋନିଆ ୧୦.୩୬ ରେ ମିଡିଆଟେକ ହେଲିଓ ଜି୯୯ ଅକ୍ଟା-କୋର ପ୍ରୋସେସରକୁ ସପୋର୍ଟ କରିଛି । ଏହି ଚିପସେଟ୍ ଆସର ଆଇକୋନିଆ ୮.୭ ଅପେକ୍ଷା ଏହି ଟାବଲେଟକୁ ଅଧିକ ପାୱାରଫୁଲ୍ କରିଥାଏ ।

ଯଦି ଆପଣ ଏହି ଟାବଲେଟ୍ କିଣିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ କହି ରଖୁଛୁ ଯେ କମ୍ପାନୀ ୧୧,୯୯୦ ଟଙ୍କା ମୂଲ୍ୟରେ ଏସର ଆଇକନ୍ ଆସର ଆଇକୋନିଆ ୮.୭ ଲଞ୍ଚ କରିଛି, ଯେତେବେଳେ କି ଆସର ୧୪,୯୯୦ ଟଙ୍କା ମୂଲ୍ୟରେ ଆସର ଆଇକୋନିଆ ୧୦.୩୬ ଲଞ୍ଚ କରିଛି । ଆପଣ ଉଭୟ ଟାବଲେଟରେ ଗୋଲଡ୍ କଲର୍ ଅପ୍ସନ ପାଇପାରିବେ । ଆପଣ ସେଗୁଡିକୁ କମ୍ପାନୀର ଅଫିସିଆଲ୍ ୱେବସାଇଟ୍ ତଥା ଇ-କମର୍ସ ୱେବସାଇଟ୍ ଆମାଜନରୁ କିଣି ପାରିବେ ।

# କ୍ରେଡିଟ କାର୍ଡ ବ୍ୟବହାର କରୁଥିଲେ ସାବଧାନ



**ଭୁବନେଶ୍ୱର, ୧୦।୧୧ (ସଂଜାର ବ୍ୟୁରୋ) :** ଆଜିକାଲି ପ୍ରାୟ ସମସ୍ତେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି। ଯୁବପିଢି ନିଜର ଖର୍ଚ୍ଚ ପାଇଁ କ୍ରେଡିଟ୍ କାର୍ଡର ବହୁଳ ବ୍ୟବହାର କରୁଛନ୍ତି । ଯାହାକୁ ଦୃଷ୍ଟିରେ ରଖି କ୍ରେଡିଟ୍ କମ୍ପାନୀ ଗୁଡିକ ମଧ୍ୟ ଗ୍ରହକଙ୍କୁ ଆକର୍ଷଣ କଲାଭଳି ବିଭିନ୍ନ ଯୋଜନା ଆଣୁଛନ୍ତି । ହେଲେ ଆପଣ ଜାଣନ୍ତିକି, ଆପଣମାନେ ଯଦି ଏହି କାର୍ଡକୁ ଠିକ୍ ଉପାୟରେ କାର୍ଯ୍ୟକାରୀ ନକରନ୍ତି ତାହାଲେ ଏହା ଆପଣଙ୍କୁ ବଡ କ୍ଷତି ଦେଇପାରେ । କ୍ରେଡିଟ୍ କାର୍ଡ ବ୍ୟବହାରକାରୀଙ୍କୁ ଅନେକ ଜିନିଷ ପ୍ରତି ସାବଧାନ ରହିବାକୁ ପଡ଼େ। ନଚେତ୍ ଏହାର ସିଧା ପ୍ରଭାବ ଆପଣଙ୍କ ସିବିଲ ସ୍କୋର ଉପରେ ପଡିବାରେ । ତେବେ ଜାଣନ୍ତୁ କ୍ରେଡିଟ୍ କାର୍ଡ ବ୍ୟବହାର ସମ୍ବନ୍ଧରେ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସ, ଆଉ ଭଲ ସିବିଲ ସ୍କୋର ପାଇଁ ଆଜିଠୁ ହିଁ ଏହାକୁ ଅଭ୍ୟାସରେ ପରିଣତ କରନ୍ତୁ ।

ତେବେ ଯଦି କଥା କ୍ରେଡିଟ୍ କାର୍ଡର ଆସେ ତେବେ ସେଠି ସିବିଲ ସ୍କୋରକୁ ବା କେମିତି ଭୁଲିବା । ସିବିଲ ସ୍କୋର ବା କ୍ରେଡିଟ୍ ଇନଫରମେସନ୍ ବ୍ୟୁରୋ ଲିମିଟେଡ୍, ଯେଉଁଥିରେ ସିବିଲ୍ ସ୍କୋର ୩ ଡିଜିଟ୍ ନମ୍ବର ଦ୍ୱାରା ମୂଲ୍ୟାଙ୍କନ କରାଯାଏ। ଯାହା କ୍ରେଡିଟ୍ ବ୍ୟବହାରକାରୀଙ୍କ ଖର୍ଚ୍ଚ ଅଭ୍ୟାସ, ଇତିହାସ ଏବଂ ରିପୋର୍ଟ ବିଷୟରେ ତଥ୍ୟ ପ୍ରଦାନ କରିଥାଏ । ୩୦୦ ରୁ ୯୦୦ ଭିତରେ ଏହି ରେଟିଂ କରାଯାଏ। ଯଦି କ୍ରେଡିଟ୍ ସ୍କୋର୍ ୭୫୦ରୁ ଅଧିକ, ତା'ହେଲେ ଆର୍ଥିକ ସଂସ୍ଥାଗୁଡିକ ଆପଣଙ୍କୁ ବିଶ୍ୱାସଯୋଗ୍ୟ ଋଣକର୍ତ୍ତା ଭାବେ ବିବେଚିତ କରନ୍ତି । କିନ୍ତୁ ଯଦି ଆପଣଙ୍କ କ୍ରେଡିଟ୍ ସ୍କୋର୍ ମାର୍କ ୭୦୦ରୁ କମ୍, ଏ କ୍ଷେତ୍ରରେ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନଗୁଡିକ ଆପଣଙ୍କ ଲୋନ୍ ଆବେଦନ ନାମଞ୍ଜୁର କରିବାର ସମ୍ଭାବନା ଅଧିକ । ଆପଣଙ୍କ ସିବିଲ ସ୍କୋର ଯେତେ ଭଲ ହେବ, ଆପଣଙ୍କ କ୍ରେଡିଟ୍ ହିଷ୍ଟ୍ରି ମଧ୍ୟ ସେତେ ଭଲ ରହିବ । ଯାହା ଆପଣଙ୍କୁ ଭବିଷ୍ୟତରେ ବ୍ୟାଙ୍କ କିମ୍ବା କୌଣସି କମ୍ପାନୀରୁ ଲୋନ୍ ନେବାରେ ସାହାର୍ଯ୍ୟ କରିବ । ତେବେ ଯଦି ଆପଣଙ୍କ କ୍ରେଡିଟ୍ ସ୍କୋର ଖବ୍ କମ୍ ରହିଛି, ତାହାଲେ ଆଜିଠୁ ହିଁ ଏଥିରୁ ସୁଧାର ଆଣନ୍ତୁ । କ୍ରେଡିଟ ରେଟିଂରେ ସୁଧାର ପାଇଁ ଅଯଥା ଲୋନ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିୟମିତ ଭାବେ ଲୋନ ଓ କ୍ରେଡିଟ ବିଲ୍ ପୈଠ କରନ୍ତୁ । ବିଶେଷକରି ଅଧିକ ସୁଧ ବିଶିଷ୍ଟ ଲୋନଗୁଡିକୁ ଯଥାସମ୍ଭବ ଏଡାନ୍ତୁ।

# ନିୟମ ମାନୁନାହାନ୍ତି ସ୍ୱିଗି, ଜୋମାଟୋ ବଡ଼ ସଂସ୍ଥାକୁ ଦେଉଛନ୍ତି ପ୍ରାଥମିକତା




**ନୂଆଦିଲ୍ଲୀ, ୧୦।୧୧ :** ଲୋକଙ୍କ ନିକଟରେ ଭୋଜନ ପହଞ୍ଚାଉଥିବା ଦେଶର ଦୁଇ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ସ୍ୱିଗି ଓ ଜୋମାଟୋ ବିରୋଧରେ ଗମ୍ଭୀର ଅଭିଯୋଗ ଆସିଛି। ଏହି ଦୁଇ ସଂସ୍ଥା ଦେଶର ପ୍ରତିଯୋଗିତା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି କାରବାର କରୁଛନ୍ତି। ସେମାନେ ବଡ଼ ବଡ଼ ସଂସ୍ଥାକୁ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କ ସହିତ ସ୍ୱତନ୍ତ୍ର ରାଜିନାମା କରି ନିଜ ଆପ୍ ଓ ୱେବସାଇଟ୍‌ରେ ସେହି ସଂସ୍ଥାଗୁଡ଼ିକ ଯେଭଳି ଅଧିକ ବରାଦ ପାଇବେ ତାହାର ବ୍ୟବସ୍ଥା କରୁଥିବା ଭାରତୀୟ ପ୍ରତିଯୋଗିତା କମିସନ (ସିସିଆଇ) କରିଥିବା ଏକ ତଦନ୍ତରୁ ଜଣାପଡ଼ିଛି।

ତଦନ୍ତରୁ ସାମ୍ନାକୁ ଆସିଥିବା ତଥ୍ୟ କହୁଛି ଯେ ଜୋମାଟୋ କିଛି ରେସ୍ତୋରାଁଠାରୁ କମିସନ ନେଇ ସେମାନଙ୍କୁ ଅଗ୍ରାଧିକାର ଦେଉଛି। ସେହି ସମୟରେ ସ୍ୱିଗି କିଛି ରେସ୍ତୋରାଁ ସହ ସ୍ୱତନ୍ତ୍ର ରାଜିନାମା କରି ସେମାନଙ୍କ ବ୍ୟବସାୟ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରତିଶ୍ରୁତି ଦେଇଛି। ସେମାନେ ବଡ଼ ରେସ୍ତୋରାଁଗୁଡ଼ିକ ସହ ସ୍ୱତନ୍ତ୍ର ବୁଝାମଣା କରି ସେମାନଙ୍କୁ ସାହାଯ୍ୟ କରୁଥିବାରୁ ଅନ୍ୟ ଛୋଟ ଛୋଟ ରେସ୍ତୋରାଁ ଲାଗି ବ୍ୟବସାୟର କୌଣସି ସୁଯୋଗ ରହୁନାହିଁ। ଭାରତୀୟ ଜାତୀୟ ରେସ୍ତୋରାଁ ସଂଘ ପକ୍ଷରୁ ଅଭିଯୋଗ କରାଯିବା ପରେ ସିସିଆଇ ପକ୍ଷରୁ ୨୦୨୨ରେ ଏହି ତଦନ୍ତ ଆରମ୍ଭ କରାଯାଇଥିଲା।


# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପାଳିବ କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍ୟମିତା ଦିବସ

ENTREPRENEURSHIP DAY
Reclaiming Odisha's Glory

**ସମ୍ବଲପୁର,୧୦।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡ଼ିଶାର ଗୌରବକୁ ପୁନଃ ଖୋଜିବାକୁ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଏକ ବିଶେଷ ଉଦ୍ୟମୀତା ଦିବସ ପାଳନ କରିବାକୁ ଘୋଷଣାକରିଛି, ଯାହାକୁ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ସମ୍ପର୍କରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିନ ଭାବରେ ମନାଯାଏ। ଏହି କାର୍ଯ୍ୟକ୍ରମଟି ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରୁ ଆରମ୍ଭ ହେବ। ଏହାର ଆୟୋଜନ ଆଇଆଇଏମ୍ ସମ୍ବଲପୁରରେ କରାଯିବ। ଏହାର ଉଦ୍ଦେଶ୍ୟ ଓଡ଼ିଶାର ସଂପଦଶାଳୀ ଉଦ୍ୟମୀତା ଓ ବ୍ୟବସାୟକ ଐତିହ୍ୟକୁ ପୁନଃଜୀବନ ଓ ସମ୍ମାନ ଦେବା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ "ସାଧବ ସମ୍ମାନ", ଯେଉଁଥିରେ ଓଡ଼ିଶାର ଦୀର୍ଘ ସମୟ ଧରି ଚାଲୁଥିବା ବ୍ୟବସାୟୀକ ପରମ୍ପରାକୁ ସମ୍ମାନିତ କରାଯିବ, ଯାହା ରାଜ୍ୟର ସଂସ୍କୃତିକ ଓ ଅର୍ଥନୈତିକ ଚିହ୍ନର ଏକ ଅବିନାଶୀ ସଂପଦ।ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ଉଦ୍ୟମୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଦ୍ୱାରା ସମ୍ମାନିତ କରାଯିବ, ଏବଂ ସେମାନଙ୍କ ମାଧ୍ୟମରେ ଓଡ଼ିଶାର ବ୍ୟବସାୟ ଜଗତର ବିବିଧତା ଓ ନବୀନତାକୁ ପ୍ରଦର୍ଶନ କରାଯିବ। ସମ୍ମାନିତ ବ୍ୟକ୍ତିମାନଙ୍କମଧ୍ୟରେ ଅଛନ୍ତି।

ଜୟନ୍ତୀପାଧାନ (ମଶରୁମ ଲେଡି), ଯେଉଁଠାରେ ସେ ମଶରୁମ ଚାଷରେ ତାଙ୍କର ପ୍ରଭାବରେ ଜଣାଶୁଣା। ବସନ୍ତୀରାଣା, ଜଣେ ସମର୍ପିତ ସାମାଜିକ ଉଦ୍ୟମୀ। ପାୟଲ ପଟେଲ, ପେଷ୍ଟାଲ୍‌ଅଫ୍‌ଓଡ଼ିଶା ଭାବରେ ସମ୍ମାନିତ। ପୂନମ ମହାପାତ୍ର, ଜଣେ ସାମାଜିକ ଉଦ୍ୟମୀ ଓ ପୂର୍ବତନ ଆଇ.ଟି. ପ୍ରଫେସନାଲ୍। ଦୁର୍ଗା ପ୍ରିୟଦର୍ଶିନୀ, ଗୌମୟ ଆଗ୍ରୋପ୍ରାଇଭେଟ୍‌ଲିମିଟେଡର ସି.ଇ.ଓ. ଓ ଗୋବରଭିତ୍ତିକ ରଙ୍ଗର ନବୀନତା। ବିଜୟ ମିଶ୍ର, ଜଣେ ଦୃଷ୍ଟିସାର୍ଥୀକୃଷି-ଉଦ୍ୟମୀ। ଡ଼ା. ପଦ୍ମିନୀପାଣିଗ୍ରାହୀ, ଉଦ୍ୟମୀ ଏବଂ ସିଇଓ ଓ ସଂସ୍ଥାପକ, କୋଶଳ ଗ୍ରୁପ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ପାରମ୍ପରିକ ମୂଲ୍ୟବୋଧକୁ ଆଧୁନିକ ଉଦ୍ୟମୀତାର ସିଦ୍ଧାନ୍ତ ସହ ସମ୍ମିଶ୍ରଣ କରିବାକୁ ଚେଷ୍ଟାକରୁଛି, ଯାହାର ମାଧ୍ୟମରେ ଯୁବକମାନଙ୍କୁ ଓ ଗୁରୁତ୍ୱପୂର୍ଣ୍ଣ ସମାଜକୁ ବ୍ୟବସାୟର ନୂତନ ମାର୍ଗସନ୍ଧାନରେ ଅନୁପ୍ରେରିତ କରିବାକୁ ଏବଂ ଓଡ଼ିଶାର ଐତିହ୍ୟକୁ ଅନୁସରଣ କରିବାକୁ ପ୍ରେରଣା ଦେବାର ଲକ୍ଷ୍ୟ ରହିଛି। ଅଧିକ ତଥ୍ୟ ପାଇଁ, ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ସହିତ ଯୋଗାଯୋଗ କରନ୍ତୁ: ୮୨୬୦୬୧୨୩୪୦ କିମ୍ବା ୯୧୨୪୩୧୨୩୪୦। ଓଡ଼ିଶାର ଉଦ୍ୟମୀତାର ପରମ୍ପରାକୁ ପାଳନ କରିବାକୁ ଏବଂ ପରିବର୍ତ୍ତନକାରୀମାନଙ୍କ ନୂତନ ପିଢ଼ୀକୁ ଅନୁପ୍ରେରଣା ଦେବାରେ ଆମ ସହ ଯୋଗକରନ୍ତୁ।

# ଟଙ୍କା ଦୁଇଗଣା କରେ କିଷାନ ବିକାଶ ପତ୍ର




**ନୂଆଦିଲ୍ଲୀ,୧୦।୧୧:** ଡାକଘର ହେଉଛି ଭାରତର ସର୍ବ ପୁରାତନ ଅନୁଷ୍ଠାନ। ଡାକ ସମ୍ବନ୍ଧୀୟ ସୁବିଧା ଯୋଗାଇବା ସହିତ ଡାକଘରଗୁଡ଼ିକରେ ବିଭିନ୍ନ ପ୍ରକାରର ଆର୍ଥିକ ସୁବିଧା (ଡାକଘର କ୍ଷୁଦ୍ର ସଞ୍ଚୟ ଯୋଜନା) ପ୍ରଦାନ କରାଯାଇଥାଏ। ଲୋକମାନେ ପ୍ରାୟତଃ ଏଭଳି ସ୍କିମ(ଯୋଜନା) ଖୋଜନ୍ତି ଯାହା କମ୍ ବିପଦ ସହିତ ସେମାନଙ୍କ ବିନିଯୋଗ ଉପରେ ଭଲ ରିଟର୍ଣ୍ଣ ଦେଇପାରେ। ଏହି କାରଣରୁ ଲୋକମାନେ ସରକାରୀ ଯୋଜନାକୁ ବହୁତ ପସନ୍ଦ କରନ୍ତି। ଡାକ ବିଭାଗ ଦ୍ୱାରା ପରିଚାଳିତ ଅନେକ ଜବରଦସ୍ତ ଯୋଜନା ମଧ୍ୟରେ, ଏପରି ଏକ ଯୋଜନା ଅଛି ଯେଉଁଥିରେ ଆପଣ କିଛି ମାସ ପାଇଁ ଟଙ୍କା ବିନିଯୋଗ କରି ଆପଣଙ୍କର ନିବେଶକୁ ଦ୍ୱିଗୁଣିତ କରିପାରିବେ। ଏହି ଯୋଜନାର ନାମ ହେଉଛି କିଷାନ ବିକାଶ ପାତ୍ର। ଆଜି ଆମେ ଆପଣଙ୍କୁ ଏହି ଯୋଜନାର ଯୋଗ୍ୟତା ଏବଂ ଆବେଦନ ପ୍ରଣାଳୀ ବିଷୟରେ କହିବୁ ?

## ● କେତେ ମାସରେ ଟଙ୍କା ଦ୍ୱିଗୁଣିତ ହେବ ?

କେବଳ ୧୦୦୦ ଟଙ୍କା ସହିତ ଆପଣ ଏହି ଯୋଜନାରେ ବିନିଯୋଗ ଆରମ୍ଭ କରିପାରିବେ। କିନ୍ତୁ ମନେରଖନ୍ତୁ ଯେ ଏହି ଯୋଜନାରେ ଆପଣଙ୍କୁ ଲକ୍ଷାଧିକ ଟଙ୍କା ବିନିଯୋଗ କରିବାକୁ ପଡିବ। ବର୍ତ୍ତମାନ କିଷାନ ବିକାଶ ପାତ୍ର(କେଭିପି) ଯୋଜନାରେ ବାର୍ଷିକ ୭.୫% ସୁଧ ପ୍ରଦାନ କରାଯାଉଛି। ଏହି ସ୍କିମ ଅଧୀନରେ, ଆପଣ ୩ ଜଣଙ୍କ ସହିତ ଏକ ମିଳିତ ଆକାଉଣ୍ଟ ମଧ୍ୟ ଖୋଲିପାରିବେ। କିଷାନ ବିକାଶ ପାତ୍ର ଯୋଜନାରେ ଦିଆଯାଇଥିବା ସୁଧକୁ ଯୌଗିକ ଆଧାରରେ ଗଣନା କରାଯାଏ। ବର୍ତ୍ତମାନ, ଯଦି ଆପଣ ଏହି ଯୋଜନାରେ ବିନିଯୋଗ କରନ୍ତି, ତେବେ ଆପଣଙ୍କର ଟଙ୍କା ୧୧୫ ମାସ ପରେ ଦ୍ୱିଗୁଣିତ ହେବ, ଅର୍ଥାତ ପ୍ରାୟ ୯ ବର୍ଷ ୭ ମାସ ପରେ।

## ● କିଏ ଆବେଦନ କରିପାରିବେ ଏବଂ କିପରି ?

ଯେକୌଣସି ଭାରତୀୟ ନାଗରିକ ଯାହାଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ ଏହି ଯୋଜନାରେ ବିନିଯୋଗ କରିପାରିବେ। ଯଦି ପିତାମାତା କିମ୍ବା ଅଭିଭାବକ ଇଚ୍ଛା କରନ୍ତି, ସେମାନେ ନାବାଳକଙ୍କ ନାମରେ ଏକ ଆକାଉଣ୍ଟ ମଧ୍ୟ ଖୋଲିପାରିବେ। ଏହି ସ୍କିମ ଅଧୀନରେ ଏକ ଆକାଉଣ୍ଟ ଖୋଲିବାକୁ ହେଲେ ଆପଣଙ୍କୁ ନିକଟତମ ଡାକଘରକୁ ଯାଇ ଆବେଦନ କରିବାକୁ ପଡିବ। ଆବେଦନ କରିବାକୁ, ଆପଣଙ୍କୁ ଆଧାର କାର୍ଡ, ପାନ କାର୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଦରକାର।

# ଚିଲିକାସେଲଡକ୍ ଅନ୍ତର୍ଜାତୀୟ ଲୋକ ମହୋତ୍ସବ-୨୦୨୪

**ଭୁବନେଶ୍ୱର,୧୦।୧୧ (ସଂଚାର ବ୍ୟୁରୋ):** "ଦି ସୋସାଇଟି ଫର ଡେଭଲପମେଣ୍ଟ ଅଫ୍ ରୁରାଲ୍ ଲିଟରେଚର" ତରଫରୁ ୫ ଦିନିଆ ଚିଲିକାସେଲଡକ୍ ଅନ୍ତର୍ଜାତୀୟ ଲୋକମହୋତ୍ସବ-୨୦୨୪ ଆଜି ଆରମ୍ଭ ହୋଇଛି। ନଭେମ୍ବର ୧୩ ପର୍ଯ୍ୟନ୍ତ ଚିଲିକାର ବଡ଼କୁଳସ୍ଥିତ ଓଡ଼ିଆର୍ଟ ସେଣ୍ଟରରେ ଏହି କାର୍ଯ୍ୟକ୍ରମ



ଆୟୋଜନ କରାଯାଇଛି। ଚଳିତବର୍ଷ କାର୍ଯ୍ୟକ୍ରମରେ ପୁରଭା ଲୋକକଳା ଏବଂ ଆଦିବାସୀ କଳା ସଂଗ୍ରହାଳୟରେ ଏକ ନୂତନ ବ୍ଲକ୍‌ର ଉଦ୍‌ଘାଟନ କରାଯାଇଛି।

ଉତ୍ସବର ପ୍ରଥମ ଦିନ ନବଗୁଞ୍ଜର ପ୍ରତିମୂର୍ତ୍ତି ନିକଟରେ ଶପଥ ଗ୍ରହଣ ସମାରୋହ ସହିତ ଆରମ୍ଭ ହୋଇଥିଲା। ଏଥିରେ ଭିଏତନାମର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଆର୍ଟ ସେଣ୍ଟରର ପ୍ରତିଷ୍ଠାତା ସଦସ୍ୟ ପ୍ରସନ୍ନକୁମାର ଦାଶ, ସଭାପତି ପ୍ରଦୋଷ ସି.ମହାନ୍ତି, ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପୁରଭାଷା ସଂଗ୍ରହାଳୟର ନିର୍ଦ୍ଦେଶକ ତଥା ଗବେଷକ ଜିତୁ ମିଶ୍ର ଅଂଶଗ୍ରହଣକାରୀମାନଙ୍କୁ ସଂଗ୍ରହାଳୟର ଷୋହଳ ନମ୍ବର ଗ୍ୟାଲେରି ବୁଲାଇ ଦେଖାଇଥିଲେ।

ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତିଭୂଷଣ ଜେନା ଯୋଗଦେଇ ଏକ ପଟ୍ଟଚିତ୍ର ପ୍ରଦର୍ଶନୀ ଏବଂ କୋରିଆ ଓ ଓଡ଼ିଶାର ବୌଦ୍ଧ ସ୍ମାରକୀ ଉପରେ ପର୍ଯ୍ୟବସିତ ଏକ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ରାତିର ମୁଖ୍ୟ ଆକର୍ଷଣ ଥିଲା ଭିଏତନାମ ପରକୁସନ କଳାକାର ଏବଂ ପଶ୍ଚିମବଙ୍ଗର ପ୍ରସିଦ୍ଧ ଶ୍ରୀଖୋଲ ପର୍କୁସନ ଏନସେମ୍ବଲର ଚମତ୍କାର ପ୍ରଦର୍ଶନ।

ଓଡ଼ିଶାର ପଟ୍ଟଚିତ୍ର କଳା ଉପରେ ଏକ ପୁସ୍ତକ "ପଟ୍ଟଚିତ୍ରଟୁଡେ" ଉନ୍ମୋଚନ ହୋଇଥିଲା। ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ପ୍ରସନ୍ନ ଦାଶ ସାଂସ୍କୃତିକ ସେତୁ ପ୍ରତିଷ୍ଠା କରିବାରେ ସଂପୃକ୍ତ କାର୍ଯ୍ୟକ୍ରମର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ଓଡ଼ିଆର୍ଟ ପଟ୍ଟଚିତ୍ର ସମ୍ମାନ ୨୦୨୪ ପ୍ରଦାନ କରିଥିଲେ। ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀମାନଙ୍କ ପାଇଁ କର୍ମଶାଳା ପ୍ରଦର୍ଶିତ ହେବ। ଗିରିଧର ଗମାଙ୍ଗୋଙ୍କ ସମେତ ମାଷ୍ଟର କଳାକାରମାନଙ୍କ ନିର୍ଦ୍ଦେଶନାରେ ପାରମ୍ପରିକ କଳା ସହିତ ଅଭିଜ୍ଞତା ପ୍ରଦାନ କରାଯିବ।

# ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଣ କମାଇଲା ଆଦାନି




**ନୂଆଦିଲ୍ଲୀ, ୧୦।୧୧ :** ବିଦ୍ୟୁତ୍ ଦେୟ ପ୍ରଦାନ କରିବାରେ ପଡ଼ୋଶୀ ବାଂଲାଦେଶ ବିଫଳ ହୋଇଛି। ଏଥିଯୋଗୁ ଆଦାନି ପାୱାର ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଣ କମାଇବାରେ ଲାଗିଛି। ଅନାଦାୟ ରାଶି ୮୦୦ ନିୟୁତ ଡଲାରରୁ ଅଧିକ ହୋଇଯାଇଥିବାରୁ ଆଦାନି ପାୱାର ପୁଣି ଥରେ ବାଂଲାଦେଶକୁ ବିଦ୍ୟୁତ ଯୋଗାଣ ହ୍ରାସ କରିଛି। ପର୍ଯ୍ୟାୟକ୍ରମେ ବାଂଲାଦେଶକୁ ଆଦାନି ପାୱାରର ବିଦ୍ୟୁତ୍ ଯୋଗାଣ ୫୨୦ ମେଗାୱାଟ୍‌କୁ ହ୍ରାସ ପାଇଛି। ବାଂଲାଦେଶ ବିଦ୍ୟୁତ୍ ବିଲ୍ ବାବଦ ରାଶି ପ୍ରଦାନ କରୁଥିବା ଦାବି କରୁଥିଲେ ମଧ୍ୟ ଏଭଳି ହୋଇଛି। ଏଥିସହିତ ଗୋଟିଏ ବିଦ୍ୟୁତ୍ ଉତ୍ପାଦନକାରୀ ଉପରେ ନିର୍ଭରଶୀଳ ନରହି ବିକଳ୍ପ ସମାଧାନ ଉପରେ ମଧ୍ୟ ବାଂଲାଦେଶ ଚିନ୍ତା କରୁଛି। ଆଦାନି ପାୱାର ଏହାର ଝାଡ଼ଖଣ୍ଡ ଅଧୀନ ୧୬୦୦ ମେଗାଇୱାଟ୍ ବିଶିଷ୍ଟ ଗୋଡ୍ଡା ପ୍ଲାଣ୍ଟରୁ ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଇ ଦେଇ ଆସୁଛି। ଅଗଷ୍ଟରେ କମ୍ପାନି ବାଂଲାଦେଶକୁ ୧୪୦୦ରୁ ୧୫୦୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଉଥିଲା। କିନ୍ତୁ ନିକଟରେ ଏହା ୭୦୦ରୁ ୭୫୦ ମେଗାଇୱାଟ୍‌କୁ କମାଇଥିଲା। ଗୁରୁବାର ପୁଣି ବିଦ୍ୟୁତ୍ ଯୋଗାଣକୁ ପ୍ରାୟ ୫୨୦ ମେଗାୱାଟକୁ ହ୍ରାସ କରାଯାଇଥିବା ପାୱାରଗ୍ରିଡ୍ ବାଂଲାଦେଶ ଏବଂ ବାଂଲାଦେଶ ବିଦ୍ୟୁତ୍ ବିକାଶ ବୋର୍ଡ ସହ ଜଡ଼ିତ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ତେବେ ବାଂଲାଦେଶର କାମଚଳା ସରକାରରେ ଶକ୍ତି ବିଭାଗର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିବା ମହମ୍ମଦ ଫୌଜଲ କବିର ଖାନ୍ କହିଛନ୍ତି, ଆମେ ଧୀରେ ଧୀରେ ଅର୍ଥ ପୈଠ କରୁଛୁ। ଯଦି କେହି ଆମକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରେ ତାହେଲେ ଆମେ ବିକଳ୍ପ ପଦକ୍ଷେପ ଗ୍ରହଣ କରିବୁ। ଆମେ କୌଣସି ବିଦ୍ୟୁତ୍ ଉତ୍ପାଦନକାରୀକୁ ଆମକୁ ପଣବନ୍ଦୀ ରଖିବାର ସୁଯୋଗ ଦେବୁ ନାହିଁ ବୋଲି ସେ ମତ ଦେଇଛନ୍ତି।

# ଭୁଲ୍ ଭୁଲେୟା-୩ ୨ ସପ୍ତାହରେ ୩୦୦ କୋଟିର ରୋଜଗାର

**ମୁମ୍ବାଇ,୧୦।୧୧:** ରିଲିଜର ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ବଲିଉଡ ଚଳଚ୍ଚିତ୍ର ଭୁଲ୍ ଭୁଲେୟା-୩ ବିଭିନ୍ନ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ବିଶ୍ୱବ୍ୟାପି ଏହି ଫିଲ୍ମ ଦର୍ଶକଙ୍କ ନିକଟରେ ଗ୍ରହଣୀୟ ହୋଇପାରିଛି, ଯେଉଁଥି ପାଇଁ ରେକର୍ଡ ସ୍ତରରେ ରୋଜଗାର ମଧ୍ୟ କରିଛି। ରୋଜଗାର କଥା ଯଦି କହିବା, କାର୍ତ୍ତିକ ଆର୍ଯ୍ୟନ ଅଭିନୀତ ଏହି ଚଳଚ୍ଚିତ୍ର ଦେଶ-ବିଦେଶରେ ଅଭୁତପୂର୍ବ ସଫଳତା ହାସଲ କରିଛି। ହରର କମେଡି ଆଧାରରେ ଏହି ଫିଲ୍ମ ଦର୍ଶକମାନଙ୍କର ମୁହଁରେ ପ୍ରଶଂସା ସାଉଁଟୁଛି। ଏଥି ପାଇଁ ପ୍ରତିଦିନ ଚଳଚ୍ଚିତ୍ରଟି ଭଲ ଆର୍ଥିକ ଲାଭ ହାସଲ କରୁଛି। ସୂଚନାଯୋଗ୍ୟ, ଭୁଲ୍ ଭୁଲେୟା-୩ ଦୀପାବଳି ଉପଲକ୍ଷେ ନଭେମ୍ବର ୧ ତାରିଖ ଦିନ ବଡ଼ପରଦାରେ ଶୁଭମୁକ୍ତି କରିଥିଲା। ଏହି ଫିଲ୍ମ ରିଲିଜ ହେବା ଦିନଠାରୁ ପ୍ରତ୍ୟେକ ଦିନ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ରୋଜଗାର କରୁଛି। ରିଲିଜର ପ୍ରଥମ ଦିନରେ ଭୁଲ୍ ଭୁଲେୟା-୩ ବିଶ୍ୱବ୍ୟାପି ୧୩ କୋଟି ଟଙ୍କା ରୋଜଗାର କରିଥିଲା। କିନ୍ତୁ ୯ ଦିନ ଭିତରେ ବିଶ୍ୱବ୍ୟାପି ଏହି ହରର କମେଡି ଫିଲ୍ମ 'ଭୁଲ୍ ଭୁଲେୟା-୩' ୩୦୦ କୋଟି ଟଙ୍କା ରୋଜଗାର ଅତିକ୍ରମ କରିଥିଲା। ଏଥି ସହିତ ଭୁଲ୍ ଭୁଲେୟା-୩ କାର୍ତ୍ତିକ ଆର୍ଯ୍ୟନଙ୍କ କ୍ୟାରିୟରର ଏଭଳି ପ୍ରଥମ ଫିଲ୍ମ ହୋଇପାରିଛି, ଯାହା ଅନ୍ତର୍ଜାତୀୟ ସ୍ତରରେ ୩୦୦ କୋଟି ଟଙ୍କା ଅତିକ୍ରମ କରିପାରିଛି। ଏବେ ଭୁଲ୍ ଭୁଲେୟା-୩ ଜରିଆରେ କାର୍ତ୍ତିକ ଆର୍ଯ୍ୟନ ଏକ ନୂଆ ଅନୁଭୂତି ସାଉଁଟିଛନ୍ତି।

# ଏୟାରପୋର୍ଟରେ ଶସ୍ତାରେ ମିଳିବ ଚା'

**ନୂଆଦିଲ୍ଲୀ ୧୦।୧୧:** ଆପଣ ଯେବେ ବି ବିମାନ ବନ୍ଦର ଯାଆନ୍ତି ଓ ସମୟ ପୂର୍ବରୁ ସେଠାରେ ପହଞ୍ଚି ଚା ପିଇବାକୁ ଇଚ୍ଛା କରନ୍ତି ମହଙ୍ଗା ଦର ଯୋଗୁ ଇଚ୍ଛା ଆପେ ଆପେ ମରିଯାଏ। ହେଲେ ଏବେ ଆଉ ସେପରି ହେବନି ଆପଣ ବାହାରେ ଯେଉଁ ଦରରେ ଚା ସିଙ୍ଗଡା ପାଉଛନ୍ତି ଏୟାରପୋର୍ଟରେ ବି ସେଇ ଦରରେ ପାଇବେ। ଏୟାରପୋର୍ଟରେ ଇକୋନମୀ ଜୋନ ତିଆରି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ଯୋଗୁ ଆପଣଙ୍କୁ କମ ପଇସାରେ ବି ଚା ମିଳିଯିବ। ଏହି ଇକୋନମୀ ଯୋଜନରେ ଆପଣଙ୍କୁ ସୁଲଭ ମୂଲ୍ୟରେ ଚା, ପାଣି, ଜଳଖିଆ ମିଳିବ। ତେବେ ରେଷ୍ଟୁରାଣ୍ଟ ଭଳି ଏଠାରେ ବସିବାକୁ ସ୍ଥାନ ମିଳି ନପାରେ। ଏୟାରପୋର୍ଟର ଇକୋନମୀ ଜୋନ ମଲସ୍‌ର ଫୁଡ ଜୋନ ଭଳି ହେବ। ଏଠାରେ କାଉଣ୍ଟରରୁ ଖାଦ୍ୟ ନେଇ ଆପଣ ଟେବୁଲରେ ଖାଇ ପାରିବେ। କେବଳ ସେତିକି ନୁହେଁ ସାଙ୍ଗରେ ଖାଦ୍ୟ ମଧ୍ୟ ପ୍ୟାକ୍ କରାଇ ନେବା ନିମନ୍ତେ 'ଅନ ଦି ଗୋ' ସୁବିଧା ମଧ୍ୟ ପାଇବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାୟଡୁ ଅନେକ ପର୍ଯ୍ୟାୟ ଆଲୋଚନା ପରେ ଏହା ଉପରେ କାମ କରିବା ପାଇଁ ସର୍ବ ସମ୍ମତି ହାସଲ କରିଛନ୍ତି। ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଓ ଏୟାରପୋର୍ଟ ସେବା ଯୋଗାଇ ଦେଉଥିବା ଅନ୍ୟ ଫୁଡ ଆଉଟଲେଟଙ୍କ ସମେତ ନୂଆ ଏଜେନ୍ସୀଙ୍କ ସାଙ୍ଗରେ ଚର୍ଚ୍ଚା କରି ବିମାନ ବନ୍ଦରରେ ଏପରି ଜୋନ ବିକଶିତ ଓ ସଞ୍ଚାଳନ ଆରମ୍ଭ କରାଯିବ। ଏଥି ପାଇଁ ପ୍ରଥମେ ନୂଆ କରି ତିଆରି ହେଉଥିବା ଏୟାରପୋର୍ଟ ମାନଙ୍କରେ ଏପରି ଜୋନ ଡିଜାଇନ କରାଯିବ। ଏହା ପରେ ବାକି ବିମାନ ବନ୍ଦରମାନଙ୍କରେ ଇକୋନମିକ ଜୋନ ପାଇଁ ସ୍ଥାନ ଚୟନ କରାଯିବ। ଏବେ ଦେଶର ସବୁ ବିମାନ ବନ୍ଦରମାନଙ୍କରେ ୧୦ଟଙ୍କାର ସିଙ୍ଗେଡା ପାଇଁ ଯାତ୍ରୀଙ୍କୁ ୧୦୦ ଟଙ୍କା ଦେବାକୁ ପଡୁଛି। ଏଣୁ ଏଆରପୋର୍ଟରେ ଯାତ୍ରୀ ଖାଦ୍ୟ ପାନୀୟରୁ ବଞ୍ଚିତ ରହୁଛନ୍ତି। ହେଲେ କେନ୍ଦ୍ରର ମୋଦି ସରକାର ଏବେ ଏୟାରପୋର୍ଟରେ ସାଧାରଣ ଯାତ୍ରୀଙ୍କ ଲାଗି ସୁଲଭ ମୂଲ୍ୟରେ ଖାଦ୍ୟପାନୀୟ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଣୁ ଆଗକୁ ବିମାନ ବନ୍ଦରମାନଙ୍କରେ ସୁଲଭ ମୂଲ୍ୟରେ ଖାଦ୍ୟ ପାନୀୟ ସାମଗ୍ରୀ ମିଳିପାରିବ।

# ଶସ୍ତା ହେଲା ବିଏସ୍ଏନ୍ଏଲ୍ ରିଚାର୍ଜ ପ୍ଲାନ




**ନୂଆଦିଲ୍ଲୀ, ୧୦।୧୧ :** ସରକାରୀ ଟେଲିକମ୍ କମ୍ପାନୀ ବିଏସଏନଏଲର ଭଲ ଦିନ ଫେରି ଆସିଛି । ଜିଓ, ଏୟାରଟେଲ ଏବଂ ଭୋଡାଫୋନ ଆଇଡ଼ିଆର ରିଚାର୍ଜ ପ୍ଲାନ ମହଙ୍ଗା ହେବା ଦିନରୁ ବିଏସଏନଏଲ ୟୁଜର୍ସଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜୁଲାଇ ଏବଂ ଅଗଷ୍ଟ ଦୁଇ ମାସରେ, ପ୍ରାୟ ୫୦ ଲକ୍ଷ ନୂଆ ୟୁଜର୍ସ ବିଏସଏନଏଲକୁ ସିଫ୍ଟ ହୋଇଯାଇଛନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଗ୍ରାହକଙ୍କୁ ଆକର୍ଷିତ କରିବା ଏବଂ ଘରୋଇ କମ୍ପାନୀଗୁଡିକ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଏସଏନଏଲଗୋଟିଏ ପରେ ଗୋଟିଏ ନୂଆ ପ୍ଲାନ ଆଣୁଛି ।

ଯଦି ଆପଣ ବିଏସଏନଏଲ ସିମ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କୁ କହି ରଖୁଛୁ ଯେ ବର୍ତ୍ତମାନ କମ୍ପାନୀ ଏକ ପ୍ଲାନ ପ୍ରସ୍ତୁତ କରିଛି ଯେଉଁଥିରେ ଆପଣଙ୍କର ସିମ୍ ପ୍ରାୟ ୫ ମାସ କୌଣସି ରିଚାର୍ଜ ବିନା ଆକ୍ଟିଭ ରହିପାରିବ । ଯଦି ଆପଣ ରିଚାର୍ଜ ପ୍ଲାନରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ଚାହୁଁନାହାଁନ୍ତି ତେବେ ଆପଣ ଏହି ପ୍ଲାନ ନେଇପାରିବେ। ୧୫୦ ଦିନର ଭାଲିଡିଟି ସହିତ ବିଏସଏନଏଲ ଏହାର ଗ୍ରାହକଙ୍କ ପାଇଁ ଏକ ଶସ୍ତା ରିଚାର୍ଜ ପ୍ଲାନ ପ୍ରସ୍ତୁତ କରିଛି । ଅର୍ଥାତ୍ କେବଳ ଗୋଟିଏ ପ୍ଲାନ ଏବଂ ସିମ୍ ରିଚାର୍ଜର ଟେନ୍ସନ୍ ଶେଷ । ବିଏସଏନଏଲର ଏହି ପ୍ଲାନ ବିଷୟରେ ସବୁଠାରୁ ବିଶେଷ କଥା ହେଉଛି, ଏତେ ଲଙ୍ଗ୍ ଭାଲିଡିଟି ପାଇବା ପାଇଁ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ନାହିଁ । ତେବେ ଆସନ୍ତୁ ଏହି ପ୍ଲାନ ବିଷୟରେ ଜାଣିବା। ୧୫୦ ଦିନର ଭାଲିଡିଟି ସହିତ ଗ୍ରାହକଙ୍କ ପାଇଁ ବିଏସଏନଏଲର ଏକ ବଡ଼ ରିଚାର୍ଜ ପ୍ଲାନ ଅଛି । ଏହି ପ୍ଲାନରେ କମ୍ପାନୀ ୟୁଜରମାନଙ୍କୁ ଫ୍ରି କଲିଂ, ଡାଟା, ଫ୍ରି ଏଏମଏସ ଭଳି ସେବା ଯୋଗାଉଛି। ଏହି ପ୍ରିପେଡ୍ ପ୍ଲାନର ମୂଲ୍ୟ ୪୦୦ ରୁ କମ୍ ଅଟେ। ଏହି ପ୍ଲାନକୁ ମାତ୍ର ୩୯୭ ଟଙ୍କା କିଣି ଆପଣ ୧୫୦ ଦିନ ପାଇଁ ଆପଣଙ୍କର ସିମ୍ ଆକ୍ଟିଭ ରଖିପାରିବେ।

ବିଏସଏନଏଲର ଏହି ରିଚାର୍ଜ ପ୍ଲାନରେ ଉପଲବ୍ଧ ସୁବିଧା ବିଷୟରେ କହିବାକୁ ଗଲେ, ଆପଣଙ୍କୁ ପ୍ରଥମ ୩୦ ଦିନ ପାଇଁ ଯେକୌଣସି ନେଟୱାର୍କରେ ଅନଲିମିଟେଡ୍ କଲିଂର ସୁବିଧା ଦିଆଯାଉଛି । ସେହିଭଳି, ପ୍ରଥମ ୩୦ ଦିନ ପାଇଁ ଡାଟା ସୁବିଧା ମଧ୍ୟ ଦିଆଯାଏ । କମ୍ପାନୀ ଗ୍ରାହକଙ୍କୁ ୩୦ ଦିନ ପାଇଁ ଦୈନିକ 2GB ଡାଟା ପ୍ରଦାନ କରିଥାଏ । ଡାଟା ଲିମିଟ ଶେଷ ହେବା ପରେ, ଆପଣ ୪୦ କେବିପିଏସ ସ୍ପିଡରେ ଇଣ୍ଟରନେଟ୍ ବ୍ୟବହାର କରିପାରିବେ । ଫ୍ରି କଲିଂ ଏବଂ ଡାଟା ସହିତ, ଆପଣ ୩୦ ଦିନ ପାଇଁ ପ୍ରତିଦିନ ୧୦୦ ଫ୍ରି ଏସଏମଏଲ ମଧ୍ୟ ପାଇପାରିବେ।

# ମାଣ୍ଡିଆ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

**ବରଗଡ଼, ୧୦।୧୧ (ସଂଚାର ବ୍ୟୁରୋ):** ପାରମ୍ପରୀକ ପିଠାମଡ଼ାରେ ମହକିଲା ବରଗଡ଼ ସହର । ମାଣ୍ଡିଆ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ । କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ବରଗଡ଼ରେ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ତୃତ ଖାଦ୍ୟ ମହୋତ୍ସବ କରାଯାଇଥିଲା । ମହୋତ୍ସବରେ



ଯୋଗ ଦେଇଥିଲେ ଜିଲ୍ଲାର ୮ଟି ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ । ଓଡ଼ିଶାର ଐତିହ୍ୟ, ପରମ୍ପରା, ଖାଦ୍ୟ ସଂସ୍କୃତିକୁ ବଞ୍ଚାଇବା ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମହିଳା, ଛାତ୍ରଛାତ୍ରୀ, କୃଷକଙ୍କ ଆର୍ଥିକ ବିକାଶ ଏବଂ ଜିଲ୍ଲାବାସୀଙ୍କ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବା ଲକ୍ଷ୍ୟ ନେଇ ରାଜ୍ୟ କୃଷି ବିଭାଗ ପକ୍ଷରୁ କରାଯାଇଥିଲା ଏହି ନିଆରା ଖାଦ୍ୟ ପରମ୍ପରା ମହୋତ୍ସବ ।

ରାଜ୍ୟ ସରକାର ଅଭିନବ ପ୍ରୟାସ । ବିଲୁପ୍ତ ଲୋକ ସଂସ୍କୃତି ଓ ପାରମ୍ପରୀକ ପିଠାମଡ଼ା ପୃଷ୍ଟିକର ଖାଦ୍ୟକୁ ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ନିଆରା ଢଙ୍ଗରେ ବରଗଡ଼ରେ ପାଳନ ହୋଇଛି ଆନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ତୃତ ଖାଦ୍ୟ ମହୋତ୍ସବ କରାଯାଇଥିଲା। ମାଣ୍ଡିଆ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଏକ ଦିବସୀୟ ଶ୍ରୀଅନ୍ନ ଓ ବିସ୍ତୃତ ଖାଦ୍ୟ ମହୋତ୍ସବ ପାଳନ କରାଯାଇଛି। ଏହି ଖାଦ୍ୟ ମହୋତ୍ସରେ ବରଗଡ଼ ଜିଲ୍ଲାର ଅମ୍ବାଭୋନା, ଭଟଲି, ସୋହେଲା, ବିଜେପୁର, ଗାଇସିଲାଟ, ପଦ୍ମପୁର, ପାଇକମାଲ, ଝାରବନ୍ଧ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇ ପାରମ୍ପରୀକ ପିଠାମଡ଼ା ପ୍ରଦର୍ଶନୀ କରିଥିଲେ । ଆଉ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ପଦ୍ମଶ୍ରୀ ହଲଧର ନାଗ ।

# ଭୂମିହୀନ ବିଧବାଙ୍କ ପାଇଁ ଆବାସ ସ୍ୱପ୍ନ

**ନୟାହାଟ, ୧୦।୧୧ (ସଂଚାର ବ୍ୟୁରୋ):** ମାଟି କାନ୍ଥ ଚାଳଘରେ ବସବାସ କରୁଥିବା ଗରିବ ଲୋକମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଥିବା ବେଳେ ପ୍ରକୃତ ଗରିବ ଶ୍ରେଣୀର ଲୋକ ଆର୍ଥିକ ଅଭାବରୁ ମୋଟା ଅଙ୍କର ଲାଞ୍ଚ ଦେଇପାରୁ ନ ଥିବାରୁ ସେମାନଙ୍କ ପାଇଁ ଆବାସ ଘର ସ୍ୱପ୍ନ ପାଲଟିଛି। ଏହିଭଳି ଏକ ଘଟଣା ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବିରୁ ତୁଙ୍ଗ ପଞ୍ଚାୟତର ଗଡକର ମଳା ଗ୍ରାମରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ ଭୂମିହୀନ ବିଧବା ମହିଳା ଶୋଭା ମହାପାତ୍ର ଗଡ଼କରମଳାର ଏକ ପୋଖରି ପାର୍ଶ୍ୱରେ ଝାଟିମାଟି କାନ୍ଥ ଓ ପଲିଥିନି ତଳେ ବାସ କରୁଥିବା ଦେଖିବାକୁ ମିଳିଛି। ଆମ ପ୍ରତିନିଧି ଶୋଭାଙ୍କୁ ଭେଟି ପଚାରିବାରୁ ସେ କହିଥିଲେ ଯେ ଆମେ ଭୂମିହୀନ ଲୋକ। ମୋ ସ୍ୱାମୀ ମରିବା ୭ ମାସ ହେଲାଣି ମତେ ଗୋଟିଏ ମାସର ଭତ୍ତା ୧୦୦୦ ଟଙ୍କା ମିଳିଛି। ମୋର ଗୋଟିଏ ୧୦ ବର୍ଷର ନାବାଳକ ପୁଅ ପଞ୍ଚମରେ ପାଠ ପଢୁଥିବା ବେଳେ ଆମେ ମା ପୁଅ ଭଙ୍ଗା କୁଡିଆ ଘରେ ଜୀବନ ବିତାଉଛୁ। ମୂଲ ଲାଗି ପେଟ ପୋଷୁ ଥିବା ଶୋଭା ଅତି ଦୁଃଖର ସହ କହିଛନ୍ତି ଆମକୁ ଦୁଇବେଳା ଖାଇବାକୁ ମିଳେ ନାହିଁ। କାରଣ ସବୁବେଳେ କାମ ମିଳେନାହିଁ, ଅଧେ ଦିନ ଘର ବସି ରହୁ। ଆବାସ ଘରଟିଏ ପାଇଁ ମୁଁ ସରପଞ୍ଚ ଓ ଅନ୍ୟାନ୍ୟ ଲୋକଙ୍କୁ ଗୁହାରି କରିଥିଲେ ମଧ୍ୟ ମୋ



କଥା କେହି ବୁଝିନାହାନ୍ତି। ମୁଁ ଗରିବ ଲୋକ ହୋଇଥିବାରୁ ଘର ପାଇଁ ଲାଞ୍ଚ ଦେଇପାରୁ ନ ଥିବାରୁ ମୋ ପାଇଁ ଆବାସ ଘର ସ୍ୱପ୍ନ ପାଲଟିଛି। ଏଦିଗରେ ପୁରୀ ଜିଲ୍ଲାପାଳ ଓ ଗୋପ ବିଡିଓ ଦୃଷ୍ଟି ଦେବାକୁ ଶୋଭା ମହାପାତ୍ର ନିବେଦନ କରିଛନ୍ତି।

# ଜବରଦଖଲ ହଟାଇବାକୁ ଘୋଷଣା

**ଟାଙ୍ଗୀ-ଚୌଦ୍ୱାର, ୧୦।୧୧ (ସଂଚାର ବ୍ୟୁରୋ):** ୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ମୁଣ୍ଡମାଳ ନିକଟ ଲିବ୍ରା କାର୍ପେଟ କାରଖାନା ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ହୋଇଥିବା ଜବର ଦଖଲ ହଟାଇବାକୁ ଶନିବାର ସ୍ଥାନୀୟ ପୌର ପ୍ରଶାସନ ତରଫରୁ କରାଯାଇଥିବା ଏକ ଘୋଷଣା ଶୁଣି ସ୍ଥାନୀୟ ବ୍ୟବସାୟୀ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଆଶଂକା ସୃଷ୍ଟି ହେବା ସହିତ ଚିନ୍ତାର ବିଷୟ ପାଲଟିଛି। ଆସନ୍ତା ୪୮ଘଣ୍ଟା ଭିତରେ ରାଜପଥ କଡରେ ଲିର୍ବାକାର୍ପେଟ କାରଖାନା ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବସ୍ତି ଓ ଉଠାଦୋକାନୀ ମାନେ ଜାଗା ଖାଲି କରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଚେତାବନୀ ଦିଆଯାଇଛି। ତେବେ ଦୀର୍ଘ ବର୍ଷ ହେବ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବାରୁ ରାସ୍ତା କଡରେ ବ୍ୟବସାୟ କରୁଥିବା ଦୋକାନୀ ମାନେ ବାରଦୁଆର ଶୁଣିପିଣ୍ଡା ହେଉଥିବା ବେଳେ ହଠାତ୍ ପୁଣି ଏଭଳି ଖବର ଶୁଣି ହତୋତ୍ସାହ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ରାସ୍ତା ସମ୍ପ୍ରସାରଣ ପାଇଁ, କିମ୍ବା ନୂତନ କାରଖାନା ପ୍ରତିଷ୍ଠା ପାଇଁ ଏହି ଉଚ୍ଛେଦ ଘୋଷଣା କରାଯାଇଛି ତାହା ସ୍ପଷ୍ଟ ହୋଇ ପାରି ନାହିଁ। ସୂଚନାଯୋଗ୍ୟଯେ ମୁଣ୍ଡମାଳ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୩୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଏହି ଘୋଷଣା ସମ୍ପର୍କରେ ପ୍ରଶାସନ ସଠିକ ତଥ୍ୟ ଲୋକ ମାନଙ୍କୁ ପ୍ରଦାନ କରିବାକୁ ସ୍ଥାନୀୟ ବିଭିନ୍ନ ବଣିକ ସଂଘ ତରଫରୁ ଦାବି କରାଯାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ସିନାପାଲି, ୧୦।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ କାପସି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଣେଶରାମ ଜଗତ(୮୦)ଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି । ସ୍ୱର୍ଗତ ଜଗତ ଦୀର୍ଘଦିନ ଧରି ନୂଆପଡ଼ା, କଳାହାଣ୍ଡି ଆଦି ଜିଲ୍ଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ସରଳ ଓ ଛାତ୍ରବତ୍ସଳ ଶିକ୍ଷକ ଭାବରେ ନିଜ ପରିଚୟ ତିଆରି କରି ପାରିଥିଲେ । ଗତ କିଛି ମାସ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥାଇ ଶର୍ଯ୍ୟାଶାୟୀ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ସ୍ୱର୍ଗତ ଜଗତଙ୍କ ସାନପୁଅ ଅଂଚଳର ଜଣାଶୁଣା ଶିକ୍ଷକ ତଥା ଯୁବକବି ବଂଶୀଧର ଜଗତ ଓ ବଡ଼ପୁଅ ଦେବାନନ୍ଦ ଜଗତଙ୍କ ସମେତ ତାଙ୍କର ବିଧବା ପତ୍ନୀ, ଦୁଇ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ । ଆଜି ପୂର୍ବାହ୍ନରେ ଉଦନ୍ତୀ ନଦୀ ପଠାରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି । ଶ୍ରୀଜଗତଙ୍କ ପରଲୋକରେ ଗଙ୍ଗାଧର ସାରସ୍ୱତ ସମିତିର ରବିଂଦ୍ରନାଥ ଯୋଷୀ, ବୈଷ୍ଣବ ମେହେର, ସତ୍ତ୍ୱବ୍ରତ ଗହୀର, ତରୁଣ କୁମାର ମେହେର, ଲଳିତ ସୁନାରୀ, କୁମୁଦବନ୍ଧୁ ଯୋଷୀ, ଗୌତମ ମେହେର, ବିଜୟ ଯୋଷୀ, ଧ୍ରୁବଚରଣ ପଧାନ, ମୁରଲିଧର ସା, ବବିତା ମେହେର, ପ୍ରଦ୍ଯୁମ୍ନ ସିଂହ ଚିନ୍ଦା, ପ୍ରେମାନନ୍ଦ ମେହେର, ଲୋଚନ ମେହେର, ଶିବ ପ୍ରସାଦ ମେହେର, ଭ୍ରମର ବାଗ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ସ୍ୱାସ୍ଥ୍ୟମିତ୍ର ସଙ୍ଘର ଦାବିପତ୍ର

**ଜଗତସିଂହପୁର, ୧୦।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଆଜି ଅଲ୍ ଓଡିଶା ସ୍ୱାସ୍ଥ୍ୟମିତ୍ର ସଙ୍ଘ ର ସଭାପତି ରିତାଞ୍ଜଳି ବେହେରାଙ୍କ ନେତୃତ୍ୱରେ ସଙ୍ଘ ପକ୍ଷରୁ ୮ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଗତସିଂହପୁର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ଙ୍କୁ ପ୍ରଦାନ କରାଯାଇଛି। ୮ ଦଫା ଦାବି ଗୁଡିକ ମଧ୍ୟରେ ପ୍ରମୁଖ ଦାବି ଗୁଡିକ ମଧ୍ୟରୁ ବାହ୍ୟ ଠିକା ସଂସ୍ଥା କୁ ଉଚ୍ଛେଦ କରିବା, ସ୍ୱାସ୍ଥ୍ୟ ମିତ୍ର ମାନଙ୍କ ଚାକିରୀକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ଅନ୍ତର୍ଭୁକ୍ତ କରି ନିୟମିତ କରିବା, ଏମାନେ ଉଚ୍ଚ କୁଶଳୀ ଶ୍ରମିକ ବର୍ଗରେ ଯାଉଥିବାରୁ ଗ୍ରୁପ ସି ହିସାବରେ ସର୍ବନିମ୍ନ ଦରମା ୩୦ହଜାର ଟଙ୍କା କରିବା,ସମସ୍ତ ସରକାରୀ ଛୁଟି ସହ ସିଏଲ ଏବଂ



ଏମଲ ଭଳି ଛୁଟି ପ୍ରଦାନ କରିବା ସହିତ ମାତୃ କାଳୀନ ଛୁଟି ଓ ପିତୃ କାଳୀନ ଛୁଟି ପ୍ରଦାନ ଆଦି ଆଠ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା ।ମାନ୍ୟବର ବିଧାୟକ ସବୁ ଅସୁବିଧାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ୟା ସବୁକୁ ବିଧାନସଭାରେ ଉଠେଇବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ପ୍ରିୟଙ୍କା ପ୍ରିୟମ୍ବଦା ନନ୍ଦ,ରଶ୍ମି ରେଖା ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ, ସୁକେଶ ଦାସ, ଆଲୋକ କୁମାର ନାୟକ, ସରୋଜ ମହାପାତ୍ରଙ୍କ ସମେତ ସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପାଇପ୍ ଜଳ ଯୋଗାଣ ପାଇଁ ଗାଁ ଦାଣ୍ଡ ଖନନ ଯୋଗୁଁ ଘଟୁଛି ଦୁର୍ଘଟଣା



**କଣାସ, ୧୦।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟଜଳ ଯୋଗାଦେବା ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ମେଘ ପାନୀୟଜଳ ପ୍ରକଳ୍ପମାନ ନିର୍ମାଣ କାର୍ଯ୍ୟ ଚାଲୁରଖିଥିବା ବେଳେ କଣାସ ବ୍ଲକର ସୀମାନ୍ତ ବର୍ତ୍ତୀ ଗ୍ରାମପଞ୍ଚାୟତ ଡିମିରିସେଣା ଗ୍ରାମପଞ୍ଚାୟତର ଅଇନିପୁର ଗ୍ରାମରେ ପାଇପି ପକାଇବା ପାଇଁ ଗାଁ ଦାଣ୍ଡ ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱହେବ ଖୋଳାଯାଇ ପାଇପି ପକାଯାଇଥିଲେ ମଧ୍ୟ ଗ୍ରାମ୍ୟ ଦାଣ୍ଡରାସ୍ତା ମରାମତୀ ନହୋଇଥିବାରୁ ଗ୍ରାମବାସୀମାନେ ବାରମ୍ବାର ଦୃଘଟଣାର ଶୀକାର ହେଉଛନ୍ତି। ଗ୍ରାମବାସୀମାନେ ଗ୍ରାମଦାଣ୍ଡ ମରାମତୀ ପାଇଁ ବାରମ୍ବାର ବିଡିଓ ଓ ଗ୍ରାମ୍ୟଜଳେଯାଗାଣ ବିଭାଗ ନିକଟରେ ଦାବିକରିଥିଲେ ମଧ୍ୟ ତାହା କୌଣସି ସ୍ଥାୟୀ ପ୍ରତିକାର କରାଯାଇନଥିବାରୁ ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀମାନେ ଦାବିକରିଛନ୍ତି।

# ବାରିପଦା ଆସୁଛନ୍ତି ନାୟିକା ନନ୍ଦିତା ଦାସ

## ଶିଶୁ ମହୋତ୍ସବ 'ମୟୂରୀ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ

**ବାରିପଦା, ୧୦।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଶିଶୁ ଉଦ୍ୟାନ ପରିସରରେ ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ତିନିଦିନିଆ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ୧୪ ତାରିଖରେ ଶିଶୁ ମହୋତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ବିଶିଷ୍ଟ ଚଳଚ୍ଚିତ୍ର ନାୟିକା, ନିର୍ଦ୍ଦେଶିକା ତଥା ପ୍ରଯୋଜିକା ନନ୍ଦିତା ଦାସ ଆସୁଛନ୍ତି। ବାରିପଦା ଦେଉଳ ସାହିରେ ନନ୍ଦିତାଙ୍କ ପୈତୃକ ଘର। ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରଖ୍ୟାତ ଚିତ୍ର ଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ସୁକନ୍ୟା ହେଉଛନ୍ତି ନନ୍ଦିତା। ମୟୂରଭଞ୍ଜ ମାଟିର ମହକ ପ୍ରତି ତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି । ସଂସ୍କାର ଶିଶୁ ମହୋତ୍ସବ କମିଟି ମୟୂରୀର ନିମନ୍ତ୍ରଣକୁ ସ୍ୱୀକାର କରି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁନି କୁନି ପିଲାଙ୍କ ସହ ମିଶିବାକୁ ସେ ସମ୍ମତି ଦେଇଛନ୍ତି ।

ନନ୍ଦିତାଙ୍କ ତରଫରୁ ସବୁଜ ସଂକେତ ମିଳିବା ପରେ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ସେପଟେ ଏହି ଖବର ପ୍ରଚାରିତ ହେବା ପରେ ପ୍ରତିଯୋଗୀ ଓ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ତେବେ ମୁଖ୍ୟ ଅତିଥି ଭାବେ ନନ୍ଦିତାଙ୍କ ଭଳି ଜଣେ ବଡ଼ ସେଲିବ୍ରିଟି ଯୋଗ



ଦେବା ପାଇଁ ସମ୍ମତି ଦେଇଥିବାରୁ ସଂସ୍କାର ଶିଶୁ ମହୋତ୍ସବ କମିଟି ମୟୂରୀର ପ୍ରାଣ ପ୍ରତିଷ୍ଠାତା ତଥା ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ସଭାପତି ତଥା ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ଆର୍କିଟେକ୍ଟ ମନୋଜ କୁଅଁର, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ଭଞ୍ଜ ଦେଓ, ଯୁଗ୍ମ ସମ୍ପାଦିକା ରେଣୁବଳା ରଥ, ଉପଦେଷ୍ଟା ଶିକ୍ଷାବିତ ସ୍ୱରୂପ ପଟ୍ଟନାୟକ, ଆଡ଼ଭୋକେଟ କ୍ଷେତ୍ରମୋହନ ପଣ୍ଡା, ଡ ବନଜା ମହାନ୍ତି, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ଡ଼ ଆଦିତ୍ୟ ପଟ୍ଟନାୟକ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପିଲାମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ତଥା ବୌଦ୍ଧିକ ଓ ବ୍ୟକ୍ତିତ୍ୱ ବିକାଶର ଲକ୍ଷ୍ୟ ନେଇ ଦଶମ ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ତରଫରୁ ତିନି ଦିନିଆ ପ୍ରତିଯୋଗିତା ଓ କର୍ମଶାଳା ସ୍ଥାନୀୟ ମ୍ୟୁନିସପାଲିଟି ଶିଶୁ ଉଦ୍ୟାନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ନଭେମ୍ବର ୧୪, ୧୫ ଓ ୧୬ ତାରିଖରେ ହେବାକୁ ଥିବା ପ୍ରତିଯୋଗିତାରେ ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇ ପାରିବେ। ଏହି ଅବସରରେ ୧୪ ତାରିଖ ର ଉଦଘାଟନୀ ଦିବସରେ ପିଲାମାନଙ୍କ ମଧ୍ୟରେ ଯୋଗ, ରଙ୍ଗୋଲି, ମହା ମୃତ୍ୟୁଞ୍ଜୟ ମନ୍ତ୍ର, ମ୍ୟୁଜିକ ଚେୟାର, ପ୍ରାର୍ଥନା ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ଷ୍ଟାଣ୍ଡ ଅପ କମେଡି, ଫେନ୍ସି ଡ୍ରେସ୍ ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୫ ତାରିଖରେ ଆଳପନା, ଗୀତା ଶ୍ଳୋକ ଆବୃତ୍ତି, ବାଦ୍ୟ ଯନ୍ତ୍ର ପରିବେଷଣ, ସଙ୍ଗୀତ ପ୍ରତିଯୋଗିତା ସହ ଅଭିଭାବକ ମାନଙ୍କ ମଧ୍ୟରେ ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହେବ। କାର୍ଯ୍ୟକ୍ରମର ଉଦଯାପନୀ ଦିବସ ଅର୍ଥାତ୍ ନଭେମ୍ବର ୧୬ ତାରିଖରେ ଚିତ୍ରାଙ୍କନ, ଲିଖିତ ସାଧାରଣ ଜ୍ଞାନ, ତର୍କ ପ୍ରତିଯୋଗିତା, ସହ ଶ୍ରୀ ଜଗନ୍ନାଥାଷ୍ଟକଂ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ହାଇଟେକ୍ ବସ୍‌ଷ୍ଟାଣ୍ଡ ଜିଲ୍ଲାବାସୀଙ୍କ ପାଇଁ ସାତସପନ

**ସୋନପୁର, ୧୦।୧୧ (ସଂଚାର ବ୍ୟୁରୋ):** ସୋନପୁର ୧୯୯୩ ମସିହାରେ ଜିଲ୍ଲାର ମାନ୍ୟତା ପାଇବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ଭଲ ବସଷ୍ଟାଣ୍ଡ ନାହିଁ। ତତ୍କାଳୀନ ସରକାର ତରଫରୁ ୨୦୧୭ ମସିହାରେ ସୋନପୁରରେ ନୂତନ ହାଇଟେକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇ ଥିଲା, ନୂତନ ବସଷ୍ଟାଣ୍ଡ ପାଇଁ ତତ୍କାଳୀନ ସରକାର ଟେଣ୍ଡର ବିଜ୍ଞପ୍ତି ବାହାର କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆଗେଇ ପାରି ନାହିଁ। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୩.୩୪ ଏକର ଜମି



ମଧ୍ୟ ଯୋଗାଇ ଦିଆଯାଇ ଥିଲା। ସୋନପୁର ଭୀମ ଭୋଇ କଳା ପରିଷଦ ସହିତ ଅନେକ ଷ୍ଟଲ ଭଙ୍ଗା ଯାଇଥିଲା। ପୂର୍ବରୁ ଥିବା ସ୍ଥାନରେ ହିଁ ବସଷ୍ଟାଣ୍ଡ ନିର୍ମାଣ କରାଯାଉ ବୋଲି ଜନସାଧାରଣ ଦାବି କରୁଛନ୍ତି।

ସୋନପୁର ଜିଲ୍ଲା ପ୍ରଶାସନ ଏବଂ ରାଜନୀତିକ ବ୍ୟକ୍ତିମାନଙ୍କ ଆନ୍ତରିକ ଅଭାବ ପାଇଁ ସୋନପୁରରେ ନୂତନ ବସଷ୍ଟାଣ୍ଡ ପାଇଁ ବାଧକ ହେଉଛି ବୋଲି ଚର୍ଚ୍ଚା। ସୋନପୁର ବୁଦ୍ଧିଜୀବୀମାନେ କହିଛନ୍ତି ସୋନପୁରରେ ଆନ୍ଦୋଳନ ନ ହେଲେ ବସଷ୍ଟାଣ୍ଡ ହୋଇ ପାରିବ ନାହିଁ। ହକ୍ ଅଧିକାର ପାଇଁ ଜିଲ୍ଲାର ବିକାଶ ପାଇଁ ବଡ଼ ଆନ୍ଦୋଳନ ଦରକାର ବୋଲି କହିଛନ୍ତି। ଦଳ ମତ ନିର୍ବିଶେଷରେ ସମସ୍ତେ ଜିଲ୍ଲାର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜନୀତିକ ଦଳର ଯୁବ ଛାତ୍ର ସଙ୍ଗଠନ, ନାଗରିକ କମିଟି, ଓକିଲ ସଙ୍ଘ, ବସ ମାଲିକ ସଙ୍ଘ, ବିଜେଡ଼ି ବିଜେପି କଂଗ୍ରେସ ଦଳର ଜିଲ୍ଲା ସଭାପତି ସମସ୍ତେ ମିଶି ସୋନପୁରରେ ହାଇଟେକ ନୂତନ ବସଷ୍ଟାଣ୍ଡ କେମିତି ହେବ ଆଲୋଚନା କରି ଦରକାର ପଡିଲେ ଆନ୍ଦୋଳନ ପାଇଁ ସଜବାଜ ହେବା ଦରକାର ବୋଲି ବୁଦ୍ଧିଜୀବୀ ମତାମତ ଦେଇଛନ୍ତି।

# ପଥପାର୍ଶ୍ୱ ବନୀକରଣରେ ଜଳ ସିଞ୍ଚନର ଅଭାବ

## ବନ ବିଭାଗର ଅବହେଳା ଯୋଗୁଁ ମରିବାକୁ ବସିଲାଣି ଗଛ

**କଳାହାଣ୍ଡି, ୧୦।୧୧ (ସଂଚାର ବ୍ୟୁରୋ):** ବିଜୁ ଏକ୍ସପ୍ରେସ ରାସ୍ତା ପଥ ପାର୍ଶ୍ୱରେ ବନୀକରଣ ବ୍ୟବସ୍ଥା କରାଯାଇଛି। ଆମପାଣି-ଧର୍ମଗଡ଼-ହାତୀବନ୍ଧା ବିଜୁ ଏକ୍ସପ୍ରେସ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଚାରା ଲଗା କାମ ସରିଯାଇଛି । ଏପରିକି ଲଗା ଯାଇଥିବା ଗଛର ସୁରକ୍ଷା ପାଇଁ ଚତୁରପାର୍ଶ୍ୱରେ ଗ୍ରୀନ ନେଟ ଦେଇ ବାଡ଼ ଦେବା କାମ ସରିଛି। ଏତିକିରେ ବନ ବିଭାଗ ଦାୟିତ୍ୱ ସାରି ଦେଇଥିବା ବେଳେ ଏବେ ପାଣି ସିଞ୍ଚନ ଅଭାବରୁ କେତେକାଂଶ ରେ ଗଛ ସବୁ ମରିବା ଆରମ୍ଭ ହେବାକୁ ବସିଲାଣି।

ସୂଚନା ଯେ ରାଜ୍ୟ ସରକାର ବିଜୁ ଏକ୍ସପ୍ରେସ ରାସ୍ତା ର ସୌନ୍ଦର୍ଯ୍ୟ ବକରଣ ଓ ପରିବେଶ ସୁରକ୍ଷା ଲାଗି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ପଥ ପାର୍ଶ୍ୱ ବନୀକରଣ ବ୍ୟବସ୍ଥା ହାତକୁ ନେଇଥିଲେ। ଏହି ବନୀକରଣ ଦାୟିତ୍ୱ ବନ ବିଭାଗ ନେଇ ଥିବା ଜଣାପଡିଛି। ସରକାରଙ୍କ ଦୁରଦୃଷ୍ଟାନ୍ତ କେବଳ ସ୍ଥାନୀୟ ଲୋକଙ୍କୁ କାମ ଯୋଗାଇବା ଓ ରାସ୍ତା ସୌନ୍ଦର୍ଯ୍ୟକରଣ ସହ ପରିବେଶ ସୁରକ୍ଷା ମହତ ଉଦେଶ୍ୟରେ କରାଯାଇଛି। ଏଥିପାଇଁ ମନରେଗା ଯୋଜନାରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏପରିକି ଏଥିରେ ପାଣି ଦେବା ବ୍ୟବସ୍ଥା ଠାରୁ ଆରମ୍ଭ କରି ସାର ,କୀଟନାଶକ ଔଷଧ, ଗଛର ଯତ୍ନ ସାଙ୍ଗକୁ ଘାସ କାଟିବା ଓ ଅନ୍ୟାନ୍ୟ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗର ବ୍ୟବସ୍ଥା ରହିଛି। ହେଲେ ବନ ବିଭାଗ କେବଳ ଗଛ ରୋପଣ କରି ନିଜ ଦାୟିତ୍ୱ ସାରିଥିବା ବେଳେ ବର୍ତ୍ତମାନ ପାଣି ଅଭାବ ଓ ରକ୍ଷଣାବେକ୍ଷଣ ଅଭାବରୁ ଗଛ ଗୁଡିକ ମରିବା ଆରମ୍ଭ



ହେଲାଣି। ଗୋଲାମୁଣ୍ଡା ରେଞ୍ଜ ଅଧିନ ତେଲ ନଦୀ ହଳଦୀ ଛକ ଠାରୁ ଗୋଲାମୁଣ୍ଡା ବ୍ଲକ ଡୁମୁରା ସ୍ଥାନୀୟ ନୂଆପଡା ଜିଲ୍ଲା ସୀମାନ୍ତ ପର୍ଯ୍ୟନ୍ତ ପଥପାର୍ଶ୍ୱରେ ବନୀକରଣ ହୋଇଥିବା ବେଳେ ଧର୍ମଗଡ ରେଞ୍ଜ ଅଧିନ ଧର୍ମଗଡ -ବେହେରା, ବେହେରା-ଥୁଡିବର ଓ ଥୁଡିବର ରୁ ଆମପାଣି ପର୍ଯ୍ୟନ୍ତ ବନୀକରଣ ହୋଇଅଛି। ଏହି ବନୀକରଣରେ ପାହାଡିଆ ଶିଶୋ, କରଞ୍ଜ ଓ ନିମ ଗଛ ସାଙ୍ଗକୁ ଫୁଲ ଜାତୀୟ ଗଛ ଓ ଅନ୍ୟାନ୍ୟ ଗଛ ଲଗା ଯାଇଛି। ଏଥିରେ ଅଣକୁଶଳୀ ଶ୍ରମ ଦିବସ ସୃଷ୍ଟି କରିବା ସହ ଶ୍ରମିକମାନେ ନିୟୋଜିତ କରାଯାଇଛି। ଯାହା ଦୈନିକ ମଜୁରୀ ବାବଦକୁ ୨୫୪ଟଙ୍କା ରହିଛି। ତେବେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ୍ୟ କୋଉଠି ନା କୋଉଠି ବନ ବିଭାଗର ଅବହେଳା ଓ ଲାଭଖୋର ନୀତି ଯୋଗୁ ମହତ ଉଦେଶ୍ୟ କାମ ବିଫଳ ହେବା ଆଶଙ୍କା କରାଯାଉଛି।

ସ୍ଥାନୀୟ ଲୋକଙ୍କ କହିବା ମତେ ବନ ବିଭାଗ ଗଛ ଲଗେଇ ନୀତିଦିନ ପାଣି ଦେବା ବ୍ୟବସ୍ଥା ନ କରି ମାସକୁ ଥରେ ପାଣି ସିଞ୍ଚନ କରି ଲୋକ ଦେଖାଣିଆ ଭାବେ ପାଣି ଦେଉଥିବା ପ୍ରକାଶ କରିଛନ୍ତି । ଅନ୍ୟପଟେ ଲଗାଯାଇଥିବା ଗଛ ଚତୁଃପାର୍ଶ୍ୱରେ ଅନବନା ଘାସ ସବୁ ଉଠି ସୌନ୍ଦର୍ଯ୍ୟ ନଷ୍ଟ କରିବା ସାଙ୍ଗକୁ ପାଚେରୀ ପାଇଁ ଦେଇଥିବା ଗ୍ରୀନ ନେଟ ମଧ୍ୟ ନଷ୍ଟ ହେବାକୁ ବସିଲାଣି । ଯାହା ଗଛ ଗୁଡିକ ମରିବା ସମ୍ଭାବନା ଢେର ଥିବା ଆଶଙ୍କା କରାଯାଉଛି। ତେବେ ପାଣି, ସାର, ରକ୍ଷଣାବେକ୍ଷଣ ଆଦି ପାଇଁ ସ୍ୱତନ୍ତ୍ର ଖର୍ଚ୍ଚ ଅଟକଳ ଥିବା ବେଳେ ବିଭାଗ ଅବହେଳା ପ୍ରଦର୍ଶନ କରିବା ତଦନ୍ତ ସାପେକ୍ଷ ହୋଇ ପଡିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି।


# ସ୍କାଏ ଲାଇଟ ଭାଙ୍ଗି ଚୋରି

**ଦଶରଥପୁର, ୧୦।୧୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକରେ ଦିନକୁ ଦିନ ଚୋରା କାରବାର ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ସ୍ଥାନରୁ ଅନେକ ସମୟରେ ଚୋରି ହେଉଥିବା ନେଇ ବିଭିନ୍ନ ଥାନାରେ ହେଉଥିବା ଅଭିଯୋଗରୁ ଜଣା ପଡିଛି । ଦଶରଥପୁର ଥାନା ଅଧିନ ଛଚିଣା ପଞ୍ଚାୟତସ୍ଥ ହୋସେନପୁର ଗ୍ରାମର ଜୟଚନ୍ଦ୍ର ମହାନ୍ତିଙ୍କ ଘରର ସ୍କାଏ ଲାଇଟ ଭାଙ୍ଗି ଚୋରିହୋଇ ଥିବା ନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାଇ ଜୟଚନ୍ଦ୍ର ମହାନ୍ତି ସପରିବାର ତୀର୍ଥ କରିବାକୁ ବାହାରକୁ ଯାଇଥିବା ବେଳେ ଘରର ବାଡ଼ି ପାଖ କବାଟ ଖୋଲା ଥିବା ନେଇ ପଡ଼ୋଶୀ ମାନେ ଦେଖି ଜୟଚନ୍ଦ୍ରଙ୍କୁ ଫୋନ ଯୋଗେ ଜଣେଇ ଥିଲେ। ଏହାପରେ ଜୟଚନ୍ଦ୍ର ତୀର୍ଥ ଭ୍ରମଣରୁ ଫେରି ୯ ତାରିଖରେ ଘରେ ପହଞ୍ଚିଥିବା ବେଳେ ଚୋରମାନେ ଘରେ କଳାକନା ବୁଲେଇ ଦେଇ ଯାଇଥିବା ନେଇ ଦେଖିବାକୁ ପାଇଥିଲେ । ଚୋର ମାନେ ଘରର ସ୍କାଏ ଲାଇଟ ଭାଙ୍ଗି ଘର ଭିତରକୁ ପଶି ଘରେ ଥିବା ନଗଦ ୩୦ ହଜାର ଟଙ୍କା ସହ ୫୦ ଗ୍ରାମ ଓଜନର ସୁନା ଅଳଙ୍କାର ଏବଂ ୪୦ ଗ୍ରାମ ଓଜନର ରୁପା ଅଳଙ୍କାର ସହ ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ବାସନକୁସନ ଆଦି ଚୋରି ହୋଇଥିବା ନେଇ ଅଭିଯୋଗରୁ ଜଣା ପଡିଛି । ଚୋର ମାନେ ଚୋରି କରିସାରିବା ପରେ ଘର ଭିତରୁ ବାହାରି ନପାରି ଘରର ପଛ ଗେଟ ଭାଙ୍ଗି ଖସି ପଳାଇ ଥିଲେ। ଏ ନେଇ ଜୟଚନ୍ଦ୍ର ମହାନ୍ତି ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି ।

# ଡିସେମ୍ବର ୨୬ରୁ ଜିଲ୍ଲାସ୍ତରୀୟ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଦଶରଥପୁର, ୧୦।୧୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତରୀୟ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ପଡିଆଠାରେ ଡିସେମ୍ବର ୨୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଜିଲ୍ଲାସ୍ତରୀୟ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସାଧୁଗୌରେଶ୍ୱର କଲେଜ ପଡିଆଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ କ୍ଲବର ସଭାପତି ତଥା କନିକାପଡା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଲବର ସମ୍ପାଦକ ପଞ୍ଚାବ କେଶରି ମହାପାତ୍ର, କ୍ୟାସିଅର ଚିତ୍ତରଞ୍ଜନ ବଳ, କ୍ଲବର ବରିଷ୍ଠ ସଭ୍ୟ ରାକେଶ କୁମାର



ସାହୁ, ସୁମନ୍ତ ମହାପାତ୍ର, ମନୋରଞ୍ଜନ ବାଇ, ପ୍ରମୋଦ ପୁହାଣ, ପ୍ରିୟରଞ୍ଜନ ସାମଲ, ଆଶିଷ ମହାପାତ୍ର,ଜ୍ଞାନରଞ୍ଜନ ସାମଲ, କାଳିଆ ପୃଷ୍ଟି, ଜ୍ୟୋତିପ୍ରକାଶ ସାମଲ, ସ୍ମୃତିରଞ୍ଜନ ସାମଲ, ଆଶୁତୋଷ ମହାପାତ୍ର, ଦିପୁ ମହାପାତ୍ର, ଯଶୋବନ୍ତ ମହାପାତ୍ର, ଶ୍ରୀକାନ୍ତ ଯେନା, ଆଶିଷ ରଞ୍ଜନ ସାହୁ, ଧତନୁ ଯେନା, ତ୍ରିଲୋଚନ ସୁତାର ପ୍ରମୁଖଙ୍କ ସମେତ କ୍ଲବର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସଭ୍ୟମାନେ ଯୋଗଦେଇ ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟଟି କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେଥିନେଇ ଆଲୋଚନା କରିବା ସହ ହେବାକୁ ଥିବା ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟଟିକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବା ପାଇଁ କ୍ଲବର ସଭାପତି ପ୍ରଦୀପ ଯେନା ସମସ୍ତଙ୍କୁ ଅନୁରୋଧ କରିଥିଲେ ।

ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିବା ପାଇଁ କ୍ଲବ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଏହି ଜିଲ୍ଲା ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବା ଜିଲ୍ଲା ବାହାରର ଟିମ ମାନେ ୯୪୩୮୧୮୪୧୭୦ ଏହି ନମ୍ବରରେ ଡିସେମ୍ବର ମାସ ୫ ତାରିଖ ମଧ୍ୟରେ ଯୋଗାଯୋଗ କରିବା ପାଇଁ କ୍ଲବର ସମ୍ପାଦକ ପଞ୍ଚାବ କେଶରି ମହାପାତ୍ର କହିଛନ୍ତି ।